ମାନବିକ ଅଧିକାର ସମ୍ବନ୍ଧୀୟ ନାଗରିକ ସଙ୍ଗଠନ / ସିଭିଲ ସୋସାଇଟି ଫୋରମ ଅନ୍ ହ୍ୟୁମାନ୍ ରାଇଟସ୍ ଆନୁକୂଲ୍ୟରେ .....

# ବିଷୟସୂଚୀ


୧.ମହିଳାମାନଙ୍କ ଉପରେ ହିଂସା

- ମହିଳାଙ୍କୁ ବିଷ ପିଆଇ ପଥରରେ ଛେଚିଲେ.
- ଘାଟିରେ ଗାଡିରୁ ଠେଲି ପ୍ରେମିକାକୁ ହତ୍ୟା ଉଦ୍ୟମ.
- ଓଡିଶାରେ ମହିଳା ଅସୁରକ୍ଷିତ-ଜାତୀୟ ମହିଳା କମିଶନ.
- ଇନ୍ଦ୍ରପୁରରେ ନନ୍‌ଙ୍କୁ ଗଣ ଦୁଷ୍କର୍ମ .
- ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ.
- ଯୁବତୀଙ୍କ ସହ ଦୁଷ୍କର୍ମ ଅଭିଯୋଗ.
- ସ୍ତ୍ରୀ କୁ ପିଟିପିଟି ମାରିଦେଲା ସ୍ୱାମୀ.
- ନ୍ୟାୟ ପାଇଁ ଆଉ କେତେ ଦ୍ୱାର ବୁଲିବେ ଅଞ୍ଜଳି.
- ସଦ୍ୟଜାତ କନ୍ୟାକୁ ଟେକିଦେଲା ମା.

୨. ଶିଶୁମାନଙ୍କ ଅଧିକାର ଉପରେ ହିଂସା.

- ଉଡିଗଲାଣି ଛାତ, ଆଁ କରିଛି କାନ୍ଥ.
- ପାଠ କରି ନ ଥିବାରୁ ଛାତ୍ରଙ୍କୁ ମାଡ, ସ୍କୁଲ ସମ୍ମୁଖରେ ଗ୍ରାମବାସୀଙ୍କ ଧାରଣା.
- ନାବାଳିକା ମାନସିକ ରୋଗୀକୁ ଗଣ ବଳାତ୍କାର.
- ଶିଶୁ କନ୍ୟାକୁ ହତ୍ୟା କରି ମା ର ଆତ୍ମହତ୍ୟା .
- ବାପାଙ୍କୁ ବଂଚାଇବାକୁ ଯାଇ ପାଠ ଛାଡିଲେ.
- ୬ ମାସ ହେଲା ମଧ୍ୟାହ୍ନ ଭୋଜନ ବନ୍ଦ, ସ୍କୁଲରେ ତାଲା ପକାଇଲେ ଛାତ୍ରଛାତ୍ରୀ
- ଛାତ୍ରକୁ ଗଳା କାଟି ହତ୍ୟା ଉଦ୍ୟମ.
- ସାନ ଭଉଣୀ ସାମ୍ନାରୁ ବଡ ଭଉଣୀକୁ ଉଠାଇନେଲେ.
- ସ୍କୁଲ ଯାଇ ନପାରିବାରୁ ଭଲିର ଆତ୍ମହତ୍ୟା.
- ୩ ଶିଶୁଙ୍କର ଭାଗ୍ୟ ସହ ଲଢେଇ.

- ଗୋଡ କାଟି ଛାତ୍ରଙ୍କୁ ହତ୍ୟା, ବଳି ସନ୍ଦେହ.
- ଗଣଦୁଷ୍କର୍ମ ପିଡିତାଙ୍କ ଆତ୍ମ ହତ୍ୟା.
- ଦଳିତ ନାବାଳକକୁ ସାତବେଂଟିଆ.
- ଝିଅକୁ ବିଷ ପିଆଇ ମାରିଲା ମା.
- ଛାତ୍ରୀଙ୍କୁ ବିଲରେ ଖଟାଇ ଅଡୁଆରେ ଶିକ୍ଷୟତ୍ରୀ.
- ପାଣି ଘେରରେ ସ୍କୁଲ୍.
- ମଧ୍ୟାନ୍ନ ଭୋଜନ ଅଘଟଣ- ଡାଲମାରେ ଦୋ ମୁଣ୍ଡିଆ.
- ନାବାଳିକା ଅପହର୍ତା ଭଣ୍ଡ ବାବା ଜେଲ ଗଲେ.
- ମଧ୍ୟାନ୍ନ  ଭୋଜନ ଅବ୍ୟବସ୍ଥା, ତରକାରିରେ ପୋକ.
- ଚାଳି, ଓଳି ତଳେ ମଧ୍ୟାନ୍ନ ଭୋଜନ ରନ୍ଧା.
- ମଧ୍ୟାନ୍ନ  ଭୋଜନ ଡାଲମାରେ ଅସରପା, ଖାଇସାରି ବାନ୍ତିକଲେ ପିଲା.
- ମଧ୍ୟାନ୍ନ  ଭୋଜନ ଡାଲମାରେ ଜିଆ.
- ଗଛ ଭାଙ୍ଗି ହଷ୍ଟେଲ ଉପରେ ପଡିଲା, ବର୍ତିଲେ ୧୦୦ ଛାତ୍ରୀ.

୩. ହାଜତରେ ମୃତ୍ୟୁ/ପୋଲିସର ଅତ୍ୟାଚାର.

- ପିଡିତଙ୍କ ନାଁରେ ଓଲଟି ଏତଲା.
- ଜାମିନ ମିଳିଲା, ହେଲେ ଶବ ହୋଇ ବାହାରିଲେ.
- ପୁଲିସ ମାଡରେ ଯୁବକ ଲହୁଲୁହାଣ.
- ମୃତ ଛାତ୍ର ଜୀବିତ ଠାବ.

୪. ବିକାଶ ପାଇଁ ବିନାଶ.

- ଜଟିଳ ହେଉଛି ନିୟନଗିରି ଗ୍ରାମସଭା ପ୍ରସଙ୍ଗ.
- ବେଦାନ୍ତ ଲାଞ୍ଜିଗଡ କାରାଖାନା ପୁଣି ଖୋଲିଲା.
- ଜିନ୍ଦଲ ଇସ୍ପାତ କାରଖାନରେ ଦୁର୍ଘଟଣା,ଶ୍ରମିକ ମୃତ.
- ନୋଳିଆ ସାହିରେ ଠେଂଚ ଖୋଳାକୁ ବିରୋଧ.
- ଜମି ହରା ଆଦିବାସୀଙ୍କ ଉପରେ ପୁଲିସର  ଲାଠିମାଡ.

୫. ଜଙ୍ଗଲ ଜମି ଅଧିକାର ଦେବାରେ ଜାଲିଆତି.

**୬. ଶ୍ରମିକଙ୍କ ଟଙ୍କା ଅଳିଆ ଗଦାରେ.**

**୭. କଳିଙ୍ଗ ନଗରରେ ଅନାହାର ମୃତ୍ୟୁ ଅଭିଯୋଗ.**

# ମହିଳାଙ୍କୁ ବିଷ ପିଆଇ ପଥରରେ ଛେଚିଲେ

## ପ୍ରେମିକ ଓ ସହଯୋଗୀ ଚମ୍ପଟ୍

ବ୍ରହ୍ମପୁର,୧୦।୭(ଇମିସ): ସଦର ଥାନା ଅନ୍ତର୍ଗତ ରତନପୁର ରିଲାଏନସ ପେଟ୍ରୋଲ୍ ପମ୍ପ୍ ନିକଟ ଜମିହୁଡ଼ାରୁ ଆଜି ଜଣେ ମହିଳାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି। ମହିଳା ଜଣଙ୍କ ନାମ ପୂର୍ଣ୍ଣବାସୀ ଦଳେଇ (୩୦) ଓ ତାଙ୍କ ଘର କନ୍ଧମାଳ ଜିଲ୍ଲା ରାଇକିଆ ଥାନା ଅନ୍ତର୍ଗତ କନାଡ଼ି ଗ୍ରାମରେ। ପୂର୍ଣ୍ଣବାସୀଙ୍କୁ ତାଙ୍କ ପ୍ରେମିକ ବିଷ ପିଆଇ ଓ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିଲେ। ପରେ ଏକ ପଥରରେ ତାଙ୍କ ମୁହଁକୁ ଆଘାତ କରିଥିବା ପୁଲିସ ତଦନ୍ତରୁ ଜାଣିବାକୁ ପାଇଛି। ଆଜି ସକାଳେ ଗ୍ରାମର କିଛି ଲୋକ ପୂର୍ଣ୍ଣବାସୀଙ୍କୁ ଗୁରୁତର ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ବ୍ରହ୍ମପୁର ବଡ଼ ମେଡିକାଲରେ ତାଙ୍କର ଚିକିତ୍ସା ଜାରି ରହିଛି। ପୂର୍ଣ୍ଣବାସୀଙ୍କ ଅବସ୍ଥା ସଂକଟାପନ୍ନ ରହିଛି। ଏ ନେଇ ସଦର ଥାନାରେ କେସ୍ ନଂ-୧୨୨ ଅନୁସାରେ ମାମଲା ରୁଜୁ ହୋଇଛି। ପୁଲିସ ଘଟଣାସ୍ଥଳରୁ ଏକ ବିଷ ବୋତଲ ଜବତ ହୋଇଥିବା ସେ କହିଛନ୍ତି।

ପୁଲିସ ପକ୍ଷରୁ ମିଳିଥିବା ସୂଚନାନୁସାରେ, ପୂର୍ଣ୍ଣବାସୀଙ୍କ ପ୍ରକୃତ ଘର ହେଉଛି ସୋରଡ଼ା ବ୍ଲକ୍ ବଡ଼ଗଡ଼ ଥାନା ଅନ୍ତର୍ଗତ ଲିମା ଗ୍ରାମରେ। ସେ ଗତ ୧୦ ବର୍ଷ ତଳେ କନ୍ଧମାଳ ଜିଲ୍ଲା ରାଇକିଆ ଥାନାର କନାଡ଼ି ଗ୍ରାମର ମୁନ୍ନା ଦଳେଇଙ୍କୁ ବିବାହ କରିଥିଲେ। ସେମାନଙ୍କ ଏକ ପୁତ୍ର ସନ୍ତାନ ମଧ୍ୟ ଅଛି। ତେବେ ଏହା ମଧ୍ୟରେ କିଛି ବର୍ଷ ତଳେ ବରପାଲି ଗ୍ରାମର ସୀମାଞ୍ଚଳ ନାମକ ଜଣେ ଯୁବକ ସହ ପୂର୍ଣ୍ଣବାସୀଙ୍କ ପ୍ରେମ ସଂପର୍କ ଗଢ଼ି ଉଠିଥିଲା। ତେବେ ବର୍ଷେ ତଳେ ପୂର୍ଣ୍ଣବାସୀ ଘର ଛାଡ଼ି ତାଙ୍କ ପ୍ରେମିକ ପାଖକୁ ଚାଲି ଆସିଥିଲେ। ଏହାପରେ ସୀମାଞ୍ଚଳ ଓ ପୂର୍ଣ୍ଣବାସୀ ହିଂଜିଳିକାଟୁ ନିକଟ ଶ୍ୟାମଳାଇ ଗ୍ରାମରେ ଏକାଠି ରହୁଥିଲେ। ଗତକାଲି ସଂଧ୍ୟାରେ ସୀମାଞ୍ଚଳ ପୂର୍ଣ୍ଣବାସୀଙ୍କୁ ରଥଯାତ୍ରା ଦେଖିବାକୁ ଯିବା ପାଇଁ ଡାକିଥିଲେ। ସୀମାଞ୍ଚଳଙ୍କ ଆଉ ଜଣେ ସହଯୋଗୀ ସେମାନଙ୍କ ସହ ବସ୍‌ରେ ବ୍ରହ୍ମପୁର ଅଭିମୁଖେ ଆସିଥିଲେ। ରାତିରେ ସେମାନେ ରତନପୁର ରିଲାଏନସ ପେଟ୍ରୋଲ୍ ପମ୍ପ ନିକଟରେ ଓହ୍ଲାଇ ପଡ଼ିଥିଲେ। ସେଠାରେ ଥିବା ଏକ ବିଲ ହୁଡ଼ାରେ ସୀମାଞ୍ଚଳ, ପୂର୍ଣ୍ଣବାସୀ ଓ ସହଯୋଗୀ ଜଣକ ବସିଥିଲେ। ସୁପରିକଳ୍ପିତ ଯୋଜନାନୁସାରେ, ସୀମାଞ୍ଚଳ ପୂର୍ଣ୍ଣବାସୀଙ୍କୁ କହିଥିଲେ, ଆମର ପ୍ରେମ ସଂପର୍କକୁ ସମାଜ ବିରୋଧ କରୁଛି। ତେଣୁ ଆଉ ବଂଚି କିଛି ଲାଭ ନାହିଁ। ଚାଲ୍ ବିଷ ଖାଇ ମରିଯିବା। ପକେଟରୁ ଏକ ଛୋଟ ବିଷ ବୋତଲ ବାହାର କରି ପୂର୍ଣ୍ଣବାସୀଙ୍କୁ ପିଇବା ପାଇଁ ଦେଇଥିଲେ। ପୂର୍ଣ୍ଣବାସୀ ବିଶ୍ୱାସ କରି ବିଷ ପିଇ ଦେଇଥିଲେ। ଏହାପରେ ସୀମାଞ୍ଚଳଙ୍କୁ କହିଥିଲେ ବିଷ ପିଇବା ପାଇଁ। କିନ୍ତୁ ଏଥିରେ ସୀମାଞ୍ଚଳ ହଠାତ୍ ଉତକ୍ଷିପ୍ତ ହୋଇ ତାଙ୍କ ସହଯୋଗୀଙ୍କ ସହ ମିଶି ପୂର୍ଣବାସୀଙ୍କ ତଣ୍ଟିକୁ ଚିପି ଦେଇଥିଲେ। ଏହାସହ ଏକ ଧାରୁଆ ପଥରରେ ତାଙ୍କର ମୁହଁର ବିଭିନ୍ନ ଭାଗକୁ ଆଘାତ ଦେଇ କ୍ଷତାକ୍ତ କରି ଦେଇଥିଲେ। ପୂର୍ଣ୍ଣବାସୀ ଅଚେତ ହୋଇ ପଡ଼ିଯିବା ପରେ ଉଭୟେ ସେଠାରୁ ଚମ୍ପଟ ମାରିଥିଲେ। ଆଜି ସକାଳେ ତାଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାକୁ ପଠାଯାଇଥିଲା। ଖବର ପାଇ ଘଟଣାସ୍ଥଳରେ ସଦର ଏସ୍‌ଡିପିଓ ହରିହର ପାଣି ଓ ସଦର ଥାନା ଆଇଆଇସି ଆଦିତ୍ୟ ସେଠୀ ପହଞ୍ଚିଥିଲେ। ତାଙ୍କୁ ହତ୍ୟା ଉଦ୍ୟମ କରାଯାଇଥିବା ପୁଲିସ ପକ୍ଷରୁ କୁହାଯାଉଛି। ତେବେ ବର୍ତମାନ ସୁଦ୍ଧା ପୂର୍ଣ୍ଣବାସୀଙ୍କ ସ୍ୱାମୀ ଏବଂ ପରିବାର ଲୋକେ ପହଞ୍ଚି ନାହାନ୍ତି।

## ମିସକଲ୍‌ରୁ ପ୍ରେମ, ପରେ ଦୁଷ୍କର୍ମ

# ଘାଟିରେ ଗାଡ଼ିରୁ ପ୍ରେମିକାଙ୍କୁ ଠେଲି ହତ୍ୟା ଉଦ୍ୟମ

ଫୁଲବାଣୀ, ୧୧।୭(ଇମିସ): ମିସ୍ କଲରୁ ପ୍ରେମ। ପ୍ରେମ ଟାଣି ଆଣିଲା ମୟୂରଭଞ୍ଜରୁ ଫୁଲବାଣୀ ଭାୟା ଭୁବନେଶ୍ୱର। ବାଟରେ ପ୍ରେମିକ ଦ୍ୱାରା ଦୁଷ୍କର୍ମର ଶିକାର ହେଲେ ଯୁବତୀ। ଶେଷରେ ପ୍ରେମିକ ଜଣଙ୍କ ତାଙ୍କୁ ମାରପିଟ କରିବା ସହ କଳିଙ୍ଗ ଘାଟିରେ ଚଳନ୍ତା ଗାଡ଼ିରୁ ଫିଙ୍ଗିଦେଇ ଚାଲିଗଲା। ଘାଟିରେ ରାସ୍ତାକାମ କରୁଥିବା କିଛି ଶ୍ରମିକ ଯୁବତୀଙ୍କୁ ଉଦ୍ଧାର କରି ପୋଲିସକୁ ଖବର ଦେଇଥିଲେ। ଘଟଣାଟି ଗତ ୯ ତାରିଖ ରାତିରେ ଘଟିଥିଲା ବେଳେ ଜି. ଉଦୟଗିରି ପୋଲିସ ଆଜି ଭଞ୍ଜନଗରରୁ ତିନି ଜଣଙ୍କୁ ଗିରଫ କରିଛି।

### ପ୍ରେମିକ ସହ ୩ ଗିରଫ, ଦୁଇ କାର ଜବତ

ମୟୂରଭଞ୍ଜର କରଞ୍ଜିଆର ଜଣେ ଯୁବତୀ ୬ ମାସ ତଳେ ଅନ୍ୟ ଜଣଙ୍କୁ ଫୋନ୍ କରିବା ବେଳେ ଭୁଲରେ ଭଞ୍ଜନଗରର ସୁଶାନ୍ତ କୁମାର ସ୍ୱାଇଁ ଓରଫ ବାପିର ନମ୍ବର ଲାଗିଥିଲା। ଭଞ୍ଜନଗର ଭେଜିପୁଟ, ଫରେଷ୍ଟ କଲୋନୀରେ ରହୁଥିବା କୃଷ୍ଣଚନ୍ଦ୍ର ସ୍ୱାଇଁଙ୍କ ପୁଅ ବାପି ପୂର୍ବରୁ ବିବାହିତ। ତାଙ୍କର ଏକ ଝିଅ ମଧ୍ୟ ଅଛି। ବାପି ଯୁବତୀଙ୍କୁ ବାରମ୍ବାର ଫୋନ କରିଥିଲା। ଏହା ଭିତରେ ସେମାନଙ୍କ ମଧ୍ୟରେ ଫୋନରେ ପ୍ରେମ ସଂପର୍କ ଗଢ଼ି ଉଠିଥିଲା। ସୁଶାନ୍ତଙ୍କ ନିଜର ଏକ ଇଣ୍ଡିଗୋ କାର ରହିଛି। ଗତ ୯ ତାରିଖରେ ସୁଶାନ୍ତ ଯୁବତୀ ଜଣଙ୍କୁ ବିବାହର ପ୍ରଲୋଭନ ଦେଖାଇ ଭୁବନେଶ୍ୱର ଡାକିଥିଲା। ଯୁବତୀ ଜଣଙ୍କ ଏକ ଘରୋଇ ବସ୍‌ରେ କରଞ୍ଜିଆରୁ ଆସି ସେହିଦିନ ସଂଧ୍ୟା ୭ଟାରେ ଭୁବନେଶ୍ୱର ବରମୁଣ୍ଡା ବସଷ୍ଟାଣ୍ଡରେ ଓହ୍ଲାଇଥିଲେ। ସେଠାରେ ପୂର୍ବରୁ ଅପେକ୍ଷା କରିଥିବା ବାପି ତାଙ୍କୁ ନିଜ ଇଣ୍ଡିଗୋ କାର (ଓଆର-୦୨-ବିୟୁ-୭୭୩୨) ବସାଇ ସିଆରପିରେ ଥିବା ସାଙ୍ଗ ରୁମକୁ ନେଇ ଯାଇଥିଲା। ସେଠାରେ ତାଙ୍କୁ ବଳପୂର୍ବକ ଧର୍ଷଣ କରିବା ପରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ସେ ଯୁବତୀ ଜଣଙ୍କୁ ବୁଝାସୁଝା କରି ଭଞ୍ଜନଗର ଯିବାପାଇଁ କହିଥିଲା। ରାତି ୧୦ଟାରେ ସେମାନେ ଭୁବନେଶ୍ୱରରୁ ବାହାରିଥିଲେ। ବାଟରେ ବାପି, ଯବତୀଙ୍କୁ ପିଟାମରା କରିବା ସହ ତାଙ୍କ ମୋବାଇଲ ଓ ଟଙ୍କା ଛଡାଇ ନେଇଥିଲା। ଘରକୁ ନନେଇ ଫୁଲବାଣୀରେ ଥିବା ମାମୁ ଘରକୁ ଯିବାକୁ ଯୁବତୀ ଜଣଙ୍କୁ ବାଧ୍ୟ କରିଥିଲା। କଳିଙ୍ଗ ଘାଟିରେ ପୁଣି ତାଙ୍କୁ ଧର୍ଷଣ କରିବା ପରେ ମାଡ଼ ମାରି ଝିଅଟିକୁ ଚଳନ୍ତା ଗାଡ଼ିରୁ ଫିଙ୍ଗି ଚାଲି ଯାଇଥିଲା। ଭୋର ହୋଇଯିବାରୁ ଯୁବତୀ ଜଣଙ୍କ ବହୁ କଷ୍ଟରେ ନିକଟରେ ଶ୍ରମିକ ମାନେ ରହୁଥିବା କ୍ୟାମ୍ପରେ ପହଞ୍ଚିଥିଲେ। ୧୦ ତାରିଖ ସକାଳେ ବାପି ତାର ୫ ଜଣ ସାଙ୍ଗଙ୍କୁ ଧରି ଆଉ ଏକ କାର (ଓଆର-୦୨ବିଡି-୨୭୩୫)ରେ ଝିଅକୁ ଖୋଜିଖୋଜି କରି ସେହି କ୍ୟାମ୍ପରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ମାରପିଟ ମଧ୍ୟ କରିଥିଲେ। ପରେ ସେମାନେ ସେଠାରୁ ଫେରାର ହୋଇ ଯାଇଥିଲେ। ଜି.ଉଗୟଗିରି ଥାନାଅଧିକାରୀ ସରୋଜକାନ୍ତ ମହାନ୍ତ କୌଣସି ସୂତ୍ରରୁ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ପୀଡିତାଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ଘୁ.ଉଦୟଗିରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଫୁଲବାଣୀ ଡାକ୍ତରଖାନାକୁ ସ୍ଥାନାନ୍ତର କରା ଯାଇଥିଲା। ବାପି ଓ ତାର ସାଥୀ ବ୍ୟବହାର କରୁଥିବା ଇଣ୍ଡିଗୋ କାର ନମ୍ବର ଜଣାପଡ଼ିବା ପରେ ପୁଲିସ ଏହାକୁ ଭିତ୍ତି କରି ମୁଖ୍ୟ ଅଭିଯୁକ୍ତ ସୁଶାନ୍ତ କୁମାର ସ୍ୱାଇଁ ଓରଫ ବାପି ଓ ତାର ଦୁଇ ସହଯୋଗୀ ଜୀତେନ୍ଦ୍ର ଭୂୟାଁ (ଘର ଭେଜିପୁଟ, ଭଞ୍ଜନଗର), କ୍ରିଷ୍ଣା ପାତ୍ର (ଏଲଆଇସି କଲୋନୀ, ଭଞ୍ଜନଗର)ଙ୍କୁ ଗିରଫ କରିଛି।

### ରାଜ୍ୟ ସରକାରଙ୍କ ଉପରେ ବର୍ଷିଲେ ମହିଳା କମିସନ ଅଧ୍ୟକ୍ଷା

# ଓଡ଼ିଶାରେ ମହିଳା ଅସୁରକ୍ଷିତ

ଭୁବନେଶ୍ୱର, ୧୧।୭ (ଇମିସ) : ରାଜ୍ୟ ସରକାରଙ୍କୁ ଆଜି କଡ଼ା ଭାଷାରେ ସମାଲୋଚନା କରିଛନ୍ତି ଜାତୀୟ ମହିଳା କମିସନର ଅଧ୍ୟକ୍ଷା ମମତା ଶର୍ମା। କହିଛନ୍ତି, ଓଡ଼ିଶାରେ ମହିଳାମାନେ ଅସୁରକ୍ଷିତ। ସେମାନଙ୍କ ସୁରକ୍ଷା ପ୍ରତି ରାଜ୍ୟ ସରକାର ନିଷ୍କ୍ରିୟ। ମହିଳାଙ୍କ ପ୍ରତି କ୍ରମାଗତ ଅତ୍ୟାଚାର ବଢୁଥିଲେ ମଧ୍ୟ ରାଜ୍ୟ ସରକାର ଠୋସ୍ ପଦକ୍ଷେପ ନେଉନାହାନ୍ତି । ସରକାରଙ୍କ ଏପରି ନିଷ୍କ୍ରିୟତା ହିଁ ମହିଳାଙ୍କ ପ୍ରତି ଅତ୍ୟାଚାରକୁ ପ୍ରୋତ୍ସାହନ ଦେଉଛି। ନ୍ୟାସନାଲ୍ କ୍ରାଇମ୍ ବ୍ୟୁରୋର ରିପୋର୍ଟ ଅନୁଯାୟୀ ମହିଳାଙ୍କ ନିର୍ଯାତନା କ୍ଷେତ୍ରରେ ମଧ୍ୟପ୍ରଦେଶ ଓ ଛତିଶଗଡ ପରେ ଓଡିଶା ତୃତୀୟ ସ୍ଥାନରେ ରହିଛି। କେବଳ ସୁରକ୍ଷା କ୍ଷେତ୍ରରେ ନୁହେଁ, ମହିଳାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରତି ମଧ୍ୟ ସରକାର ଗୁରୁତ୍ୱ ଦେଉ ନାହାନ୍ତି ବୋଲି ଅଭିଯୋଗ ଆଣିଛନ୍ତି ଅଧ୍ୟକ୍ଷା।



ଆଜି ରାଜ୍ୟ ଅତିଥି ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ଶର୍ମା କହିଥିଲେ, ବିଗତ ୨ ବର୍ଷରେ ରାଜ୍ୟର ୭୫୦ ଜଣ ମହିଳା ନିର୍ଯାତନାର ଶିକାର ହୋଇଥିବା ବେଳେ ୨୦୧୨-୧୩ ଗୋଟିଏ ବର୍ଷ ଭିତରେ ଏହିପରି ୧୫୦୦ କେଶ୍ ରୁଜୁ ହେଲାଣି। ଏହା ସରକାରଙ୍କ ଅପାରଗତାକୁ ସୂଚାଉଛି। ସେ ଆହୁରି କହିଲେ, ଯୁବବର୍ଗଙ୍କର ମହିଳାଙ୍କ ପ୍ରତି ଥିବା ମାନସିକତାରେ ପରିବର୍ତ୍ତନର ଆବଶ୍ୟକତା ରହିଛି। ଦଣ୍ଡ ବ୍ୟବସ୍ଥାକୁ ବି କଡାକଡି କରାଯିବା ଉଚିତ୍। କାରଣ କୋହଳ ଦଣ୍ଡ ବ୍ୟବସ୍ଥା ଯୋଗୁଁ ବାରମ୍ବାର ଏପରି ନିନ୍ଦନୀୟ ଘଟଣା ଘଟି ଚାଲିଛି। ସେହିପରି ଚିଲିକା ଗସ୍ତ ସମୟରେ ସେଠାରେ ଆଦିବାସୀମାନେ କିପରି ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି ତାହା ଉପରେ ଆଲୋକପାତ କରଥିଲେ। ମୁଖ୍ୟତଃ ଗ୍ରାମାଞ୍ଚଳଗୁଡ଼ିକରେ ୭୫ ପ୍ରତିଶତରୁ ଅଧିକ ଲୋକ ରହୁଥିବା ବେଳେ ସେଠାକାର ସ୍ୱାସ୍ଥ୍ୟ ଅବସ୍ଥା ସଂପୂର୍ଣ ବିପର୍ଯ୍ୟସ୍ତ। ଗ୍ରାମାଞ୍ଚଳର ବିକାଶ ପାଇଁ କୋଟି କୋଟି ଟଙ୍କା ଆସୁଥିଲେ ବି ତାହା ବାଟମାରଣା ହେଉଛି। ଗ୍ରାମର ବିପର୍ଯ୍ୟସ୍ତ ଅବସ୍ଥା ହିଁ ଏହା ସୂଚାଉଛି। ଏହି ଅଞ୍ଚଳର ବିଡିଓମାନଙ୍କୁ ନିଲମ୍ବନ କରିବାକୁ ସେ ଦାବି କରିଥିଲେ।

## ମେରାଇନ୍ ଡ୍ରାଇଭ୍ ଗଣଧର୍ଷଣର ସାନି ତଦନ୍ତ ୧୭ରୁ

ମେରାଇନ୍ ଡ୍ରାଇଭ୍ ଗଣଧର୍ଷଣ ଓ ବ୍ରହ୍ମଗିରିର ମାଧବୀଲତା ହତ୍ୟାକାଣ୍ଡ ମାମଲାରେ ଶ୍ରୀମତୀ ଶର୍ମା କହିଲେ, ସଂପୃକ୍ତ ଅଞ୍ଚଳରେ ଜନ ପ୍ରତିନିଧିମାନେ ମଧ୍ୟ ସକ୍ରିୟ ନୁହନ୍ତି। ତେଣୁ ଆସନ୍ତା ୧୭ ତାରିଖରେ ଜାତୀୟ ମହିଳା କମିସନର ସଦସ୍ୟା ହେମଲତା ଖେରିଆଙ୍କ ଅଧୀନରେ ଓଡ଼ିଶାର ମାନସୀ ପ୍ରଧାନ ଏବଂ ଆଉ ଜଣଙ୍କ ସହାୟତାରେ ଏକ ୩ ଜଣିଆ କମିଟି ଗଠନ କରାଯାଇ ଏହାର ତଦନ୍ତ କରାଯିବ। ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଏହି ତଦନ୍ତ ଜାରି ରହିବ। ସାମ୍ବାଦିକମାନଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀମତୀ ଶର୍ମା କହିଲେ, ଯଦି ରାଜ୍ୟ ସରକାର ତଦନ୍ତ ଉପରେ ସନ୍ଦେହ ପ୍ରକଟ କରୁଛନ୍ତି ତେବେ ଓଡ଼ିଶାରୁ ଦୁଇ ଜଣ ମହିଳାଙ୍କୁ ମୋ ସହିତ ତଦନ୍ତପାଇଁ ନିର୍ଦ୍ଦେଶ ଦିଅନ୍ତୁ। ଫଳରେ ସତ୍ୟତା ପଦାକୁ ଅସିପାରିବ। ତେବେ ଜାତୀୟ ମହିଳା କମିସନଙ୍କ ତଦନ୍ତ ରିପୋର୍ଟ ଅନୁଯାୟୀ ମାଧବୀଲତାଙ୍କୁ ହତ୍ୟା କରାଯାଇଛି ବୋଲି ସେ ଜୋର୍ ଦେଇ କହିଥିଲେ। ସାମ୍ବାଦିକ ସମ୍ମିଳନୀରେ ଜାତୀୟ ମହିଳା କମିସନର ସଦସ୍ୟା ମାନସୀ ପ୍ରଧାନ ଉପସ୍ଥିତ ଥିଲେ।

---

# ବ୍ରହ୍ମପୁରରେ ନନ୍‌ଙ୍କୁ ଗଣଦୁଷ୍କର୍ମ

ବ୍ରହ୍ମପୁର ,୧୪ ।୭(ଇମିସ) : ବ୍ରହ୍ମପୁର ରେଳଷ୍ଟେସନ୍‌ରେ କନ୍ଧମାଳ ଜିଲ୍ଲା ଅନ୍ତର୍ଗତ ବ୍ରାହ୍ମଣୀ ଗାଁର ଜଣେ ନନ୍ ସୁନ୍ଦରୀ(ଛଦ୍ମନାମ)ଙ୍କୁ ୩ ଜଣ ଯୁବକ ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୁଲିସ୍ ବ୍ରାହ୍ମଣୀଗାଁ ନିକଟ ମିଂଜାପଙ୍କା ଗ୍ରାମର ଜତୀନ୍ଦ୍ର ସଭାସୁନ୍ଦର(୩୦) ଓ ଟୁକୁନା ଓରଫ ଯୋଗୀନ୍ଦ୍ର ସଭାସୁନ୍ଦର(୨୮)ଙ୍କୁ ଗିରଫ କରିଛି। ବ୍ରାହ୍ମଣୀଗାଁ ଥାନା କେସ୍ ନଂ ୧୦/୧୩ରେ ଭାରତୀୟ ଦଣ୍ଡବିଧି ଆଇନ୍‌ର ୩୫୫, ୩୬୬, ୩୪୩, ୩୭୬, ୫୦୧, ୧୨୦(ଖ)ରେ ଏକ ମାମଲା ରୁଜୁ କରାଯାଇଛି।

## ସମ୍ପର୍କୀୟ ଭାଇ ସମେତ ୨ ଗିରଫ

ତେବେ ଘଟଣାଟି ବ୍ରହ୍ମପୁରରେ ହୋଇଥିଲେ ହେଁ ଏହା ଏକ ସ୍ପର୍ଶକାତର ମାମଲା ହୋଇଥିବାରୁ ବ୍ରାହ୍ମଣୀଗାଁ ପୁଲିସ୍ ତୁରନ୍ତ କେସ୍ ରୁଜୁ କରିଥିଲା। ଏସ୍‌ଡିପିଓ କେଡି ସିଂହ ଓ ଫୋର୍ସ ଛାନ୍‌ଭିନ୍ କରିବା ସହ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଜତୀନ୍ଦ୍ରକୁ ଗଜପତି ଜିଲ୍ଲାରୁ ଗିରଫ କରିଥିଲେ। ଟୁକୁନାକୁ ବ୍ରାହ୍ମଣୀଗାଁରୁ ଗିରଫ କରାଯାଇଛି। ଫେରାର ଥିବା ଅନ୍ୟ ଜଣେ ଅଭିଯୁକ୍ତକୁ ଧରିବା ପାଇଁ ଚଢ଼ାଉ ଜାରି ରହିଛି।

ଗୁରୁତ୍ୱପୂର୍ଣ୍ଣ ହେଲା ମୁଖ୍ୟ ଅଭିଯୁକ୍ତ ଜତୀନ୍ଦ୍ର ପୀଡ଼ିତାଙ୍କର ସମ୍ପର୍କୀୟ ଭାଇ ଓ ଅଭିଯୋଗ ପାଇବାର ୧୨ ଘଣ୍ଟା ମଧ୍ୟରେ ପୁଲିସ୍ ତାକୁ ଗିରଫ କରିବାରେ ସକ୍ଷମ ହୋଇଛି। ସୁନ୍ଦରୀଙ୍କ ଘର କନ୍ଧମାଳ ଜିଲ୍ଲା ବ୍ରାହ୍ମଣୀଗାଁ ନିକଟ ମିଂଜାପଙ୍କା ଗାଁରେ। ସେ ଗତ କିଛି ମାସ ହେଲା ଚେନ୍ନାଇର ସେଣ୍ଟ୍ ମେରି କନଭେଣ୍ଟ୍‌ରେ ନନ୍ ଭାବେ କାମ କରି ଆସୁଛନ୍ତି। ପୀଡ଼ିତାଙ୍କ ଭାଇଙ୍କ କହିବା ଅନୁସାରେ ଗତ ୩ ତାରିଖରେ ଜଣେ ଭଉଣୀ ତାଙ୍କୁ ଫୋନ୍‌ରେ କହିଲେ ତାଙ୍କ ମା'ଙ୍କ ଦେହ ବହୁତ ଖରାପ। ତୁରନ୍ତ ଆସ। ସୁନ୍ଦରୀ ଚେନ୍ନାଇରୁ ଟ୍ରେନ୍ ଯୋଗେ

➥ ୯

# ବ୍ରହ୍ମପୁରରେ ନନ୍ଙ୍କୁ ...

ବାହାରି ବ୍ରହ୍ମପୁରରେ ଗତ ୫ ତାରିଖ ଦିନ ୧୧ଟାରେ ବ୍ରହ୍ମପୁର ଷ୍ଟେସନ୍‌ରେ ପହଁଚିଲେ । ସେ ସମୟରେ ଏକ କାର୍ ନେଇ ଅପେକ୍ଷା କରିଥିବା ଜତୀନ୍ଦ୍ର ଓ ଟୁକୁନା ତାଙ୍କୁ କାର୍‌ରେ ନେଇ ଯାଇଥିଲେ । କିନ୍ତୁ ତାଙ୍କୁ ନେଇ କେଉଁଠାରେ ରଖାଗଲା ତାର ଠିକଣା ସମ୍ପର୍କରେ ଅଜ୍ଞ ଅଛନ୍ତି ସୁନ୍ଦରୀ । ତାଙ୍କୁ କିଛି ନିଶା ଦେଇ ବେହୋସ କରି ଦିଆଯାଇଥିଲା । ଏହାପରେ ସେହି ଅଜ୍ଞାତ ସ୍ଥାନରେ ତାଙ୍କୁ ରଖା ଯାଇଥିଲା । ସେଠାରେ ୩ ଜଣ ମିଶି ଜଣକ ପରେ ଜଣେ ତାଙ୍କୁ ଦୁଷ୍କର୍ମ କରିଥିଲେ । କାହାକୁ କିଛି କହିଲେ ଜୀବନରୁ ମାରି ଦେବାକୁ ସେମାନେ ଧମକ ଦେଇଥିଲେ । ପୁନର୍ବାର ୧୧ ତାରିଖ ସଂଧ୍ୟାରେ ଏକ କାର୍‌ରେ ନେଇ ତାଙ୍କୁ ପୁଣି ବ୍ରହ୍ମପୁର ଷ୍ଟେସନ୍‌ରେ ଛାଡ଼ି ଦେଇଥିଲା । ସେହି ତିନି ଜଣ ଭଉଣୀ ସୁନ୍ଦରୀଙ୍କୁ ଚେନ୍ନାଇ ଚାଲିଯିବାକୁ ଧମକ ଦେଇଥିଲେ । କିନ୍ତୁ ସୁନ୍ଦରୀ ଭୟଭୀତ ଅବସ୍ଥାରେ ଥିଲେ । ସେ ଚେନ୍ନାଇ ନ ଯାଇ ପୁଣି ବ୍ରାହ୍ମଣୀଗାଁ ଫେରି ଆସି ୧୨ ତାରିଖରେ ତାଙ୍କ ମା'ଙ୍କୁ ସବୁ ବିଷୟ ଜଣାଇଥିଲେ । ଗତକାଲି ସୁନ୍ଦରୀ ମା'ଙ୍କ ସହିତ ଯାଇ ବ୍ରାହ୍ମଣୀଗାଁ ଥାନାରେ ଲିଖିତ ଏତଲା ଦେଇଥିଲେ ବୋଲି ଭାଇ ଭିକ୍ଟର କହିଛନ୍ତି । ଅନ୍ୟପକ୍ଷରେ ୨୦୧୧ରେ ଜତିନ୍ଦ୍ରଙ୍କ ପିତାଙ୍କୁ ହତ୍ୟା କରାଯାଇଥିବା ଘଟଣାରେ ସୁନ୍ଦରୀଙ୍କ ଭାଇ ଅନ୍ୟତମ ଅଭିଯୁକ୍ତ ଥିବା ପୁଲିସ୍ ଜାଣିବାକୁ ପାଇଛି । ଗିରଫ ଅଭିଯୁକ୍ତ ଦ୍ୱୟଙ୍କୁ ଓ ପୀଡ଼ିତା ସୁନ୍ଦରୀଙ୍କୁ ଡାକ୍ତର ମାଇନା ପାଇଁ ଏମ୍‌କେସିଜି ବଡ଼ ମେଡିକାଲକୁ ପଠାଯାଇଛି । ତୃତୀୟ ଅଭିଯୁକ୍ତକୁ ଧରିବା ପାଇଁ ପୁଲିସ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି ଓ ସେ ଖୁବ୍ ଶୀଘ୍ର ଧରାପଡ଼ିଯିବ ବୋଲି ପୁଲିସ୍ କହିଛି ।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

କଟକ,୧୪।୭(ଇମିସ): ଜଗତପୁର ଥାନା ଅନ୍ତର୍ଗତ ମଧ୍ୟକଚ୍ଛ ପଞ୍ଚାୟତ ପୂର୍ବକଚ୍ଛ ଗ୍ରାମର ଥୋରିଆ ସାହିରେ ଜଣେ ମହିଳାଙ୍କ ସଂଦେହଜନକ ମୃତ୍ୟୁ ନେଇ ହୋଇଛି । ମହିଳାଜଣଙ୍କ ଆତ୍ମହତ୍ୟା କରିଥିବା ତାଙ୍କ ଶାଶୁଘର ଲୋକ କହୁଥିବା ବେଳେ ସଂପୃକ୍ତ ମହିଳାଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ଭାଇ ଥାନାରେ ଏତଲା ଦାଏର କରିଛନ୍ତି । ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ପୂର୍ବକଚ୍ଛ ଗ୍ରାମର କରୁଣାକର ସାହୁଙ୍କ ଝିଅ ମୀନତି ସେହିଗ୍ରାମର ଲକ୍ଷ୍ମୀଧର ସାହୁଙ୍କ ପୁଅ ସୁକାନ୍ତ ସାହୁଙ୍କୁ ୮ବର୍ଷ ତଳେ ବିବାହ କରିଥିଲେ । ସେମାନଙ୍କର ୭ବର୍ଷ ଓ ୫ବର୍ଷର ଦୁଇଟି ପୁଅ ମଧ୍ୟ ଅଛନ୍ତି । ତେବେ ଉଭୟଙ୍କ ମଧ୍ୟରେ ବାରମ୍ବାର ଝଗଡ଼ା ହେଉଥିଲା । ସୁକାନ୍ତ ନିଶାଗ୍ରସ୍ତ ଅବସ୍ଥାରେ ମୀନତିଙ୍କୁ ମାରଧର କରୁଥିବା ଅଭିଯୋଗ ହେଉଥିଲା । ଗତକାଲି ରାତିରେ ଉଭୟଙ୍କ ମଧ୍ୟରେ ପ୍ରବଳ ପାଟିତୁଣ୍ଡ ହୋଇଥିଲା । ଆଜି ସକାଳୁ ମୀନତି ଘର ନିକଟ ଗୁହାଳରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ତାଙ୍କ ଶାଶୁଘର ପକ୍ଷରୁ ସୂଚନା ଦିଆଯାଇଥିଲା । ତେବେ ତାଙ୍କ ଭଉଣୀକୁ ହତ୍ୟା କରାଯାଇଛି ବୋଲି ମିନତୀଙ୍କ ଭାଇ ବିନୋଦ ଜଗତପୁର ଥାନାରେ ଅଭିଯୋଗ କରିଛନ୍ତି । ଅଧିକ ଯୌତୁକ ଏବଂ ଅନ୍ୟ ଜଣେ ମହିଳାଙ୍କ ସହ ଅବୈଧ ସଂପର୍କ ରଖି ସ୍ୱାମୀ ଓ ତାଙ୍କ ପରିବାର ଲୋକେ ମୀନତିଙ୍କୁ ହତ୍ୟା କରିଛନ୍ତି ବୋଲି ବିନୋଦ ଅଭିଯୋଗ କରିଛନ୍ତି । ବିନୋଦ ଅଭିଯୋଗ କରିଛନ୍ତି ଯେ, ଗତକାଲି ସଂଧ୍ୟାରେ ତାଙ୍କ ଭଉଣୀଙ୍କ ଉପରେ ସୁକାନ୍ତ ଓ ତାଙ୍କ ପରିବାର ଲୋକେ ଅତ୍ୟାଚାର କରୁଥିବା ଖବର ପାଇ ସେ ଓ ଭାଇ ନିରାକାର ଭଉଣୀ ଘରକୁ ଯାଇଥିଲେ । ଭିଣୋଇ ସୁକାନ୍ତ ସେମାନଙ୍କୁ ଗାଳିଗୁଲଜ କରିବା ସହ ୫୦ହଜାର ଟଙ୍କା ଅଧିକ ଦାବି କରିଥିଲେ । ଉଭୟ ସୁକାନ୍ତଙ୍କୁ ବୁଝାଶୁଝା କରିବା ପରେ ଘରକୁ ଫେରିଥିଲେ । ତେବେ ସକାଳୁ ତାଙ୍କ ଭଉଣୀଙ୍କ ମୃତ୍ୟୁ ଖବର ମିଳିଥିଲା । ତେଣୁ ମୀନତିଙ୍କୁ ହତ୍ୟା କରାଯାଇଛି ଓ ଏଥିରେ ସୁକାନ୍ତ ଓ ତାଙ୍କ ପରିବାର ଲୋକେ ସଂପୃକ୍ତ ବୋଲି ବିନୋଦ ଅଭିଯୋଗ କରିଛନ୍ତି । ଜଗତପୁର ଥାନା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ସୁକାନ୍ତ ସାହୁଙ୍କୁ ଥାନାରେ ଅଟକ ରଖି ପଚରା ଉଚରା କରୁଛନ୍ତି ।

# ଯୁବତୀଙ୍କ ସହିତ ଦୁଷ୍କର୍ମ ଅଭିଯୋଗ

ଧର୍ମଶାଳା, ୧୭/୭(ଇମିସ): ଧର୍ମଶାଳା ଥାନା ଅନ୍ତର୍ଗତ ହରିଦାସପୁର ପଂଚାୟତର ଚାରିବାଟିଆ ଗ୍ରାମରେ ଏକ ଭଡ଼ା ଘରେ ଏକାକିନୀ ରହୁଥିବା ଜଣେ ଯୁବତୀଙ୍କ ସହିତ ମଙ୍ଗଳବାର ରାତିରେ ଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଛି। ଘର ମାଲିକ ଉଦୟ କୁମାର ଗୋଛାୟତ ଏବଂ ଅନ୍ୟ ଜଣେ ଭଡ଼ାଟିଆ ସୁଶାନ୍ତ କୁମାର ସାହୁ ଯୁବତୀଙ୍କ ସହିତ ବଳପୂର୍ବକ ଦୁଷ୍କର୍ମ କରିଥିବା ଧର୍ମଶାଳା ଥାନାରେ ଆଜି ଏତଲା ଦିଆଯାଇଛି। ପୁଲିସ୍ ଏକ ମକଦ୍ଦମା (କେସ୍ ନଂ ୨୧୦/୧୩) ରୁଜୁ କରି ଉଭୟ ଅଭିଯୁକ୍ତଙ୍କୁ ଥାନାକୁ ଧରି ଆଣି ପଚରାଉଚରା କରୁଛି। ପ୍ରକାଶ ଯେ ପାଟକୁରା ଥାନା ଅନ୍ତର୍ଗତ ବଳଭଦ୍ରପୁର ଅଂଚଳର ଜଣେ ୨୨ ବର୍ଷିୟା ଯୁବତୀ ଚାରିବାଟିଆ ଗ୍ରାମର ଉଦୟଙ୍କ ଘରେ ଭଡ଼ାରେ ରହୁଥିଲେ। ନିକଟସ୍ଥ ଏକ ସିଲେଇ ଦୋକାନରେ ଯୁବତୀ ଜଣକ ସିଲେଇ ମିସ୍ତ୍ରୀ ଭାବେ କାମ କରନ୍ତି। ତେବେ ଗତକାଲି ବିଳମ୍ବିତ ରାତିରେ ସେ ଶୋଇଥିବା ବେଳେ ଘର ମାଲିକ କବାଟ ବାଡ଼େଇ ତାଙ୍କୁ ଡାକିଥିଲେ। ଘର ମାଲିକ ଡାକୁଥିବା ଜାଣି ସେ କବାଟ ଖୋଲି ଦେଇଥିଲେ। ଏହି ସମୟରେ ଘର ମାଲିକ ଶ୍ରୀ ଗୋଛାୟତ ସମେତ ଅନ୍ୟ ଜଣେ ଭଡ଼ାଟିଆ ପୁରୀ ଜିଲ୍ଲା କଣ୍ଟିଲୋ ଅଂଚଳର ରାଜମିସ୍ତ୍ରୀ ସୁଶାନ୍ତ ତାଙ୍କୁ ଧର୍ଷଣ କରିଥିବା ସଂପୃକ୍ତ ପୀଡ଼ିତା ଅଭିଯୋଗରେ ଦର୍ଶାଇଛନ୍ତି। ଡିଏସ୍‌ପି ବିପିନ ବିହାରୀ ମଲିକ ଏବଂ ଥାନାଧିକାରୀ ସୁଦର୍ଶନ ଦାଶ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଅଭିଯୋଗର ତଦନ୍ତ ଚଳାଇଥିବା ବେଳେ ଦୁଇ ଅଭିଯୁକ୍ତଙ୍କୁ ଥାନାକୁ ଧରି ଆଣିଛନ୍ତି।

# ସ୍ତ୍ରୀକୁ ପିଟି ପିଟି ମାରିଦେଲା ସ୍ୱାମୀ

ଖମାର,୨୪।୭(ଇମିସ): ଯୌତୁକ ପାଇଁ ଅନୁଗୁଳ ଜିଲ୍ଲା ଖମାର ଥାନା ବଡ଼ସଡ଼ା ପଞ୍ଚାୟତ ନୂଆସାହି ଗ୍ରାମର ଅନୀତା ସାହୁ (୨୬)ଙ୍କୁ ଆଜି ତାଙ୍କ ସ୍ୱାମୀ ଅମ୍ବୁଜ ସାହୁ ପିଟି ପିଟି ମାରି ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ନୂଆସାହି ଗ୍ରାମର ଗିରିଧାରୀ ବିଶ୍ୱାଳଙ୍କ ଝିଅ ଅନୀତା ଗତ ୫ ବର୍ଷ ତଳେ ସେହି ଗ୍ରାମର ଅମ୍ବୁଜଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ତେବେ ଅଧିକ ଯୌତୁକ ଦାବି କରି ଅମ୍ବୁଜ ପତ୍ନୀ ଅନୀତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ନିର୍ଯାତନା ଯୋଗୁ ଅନୀତା ଅନେକ ସମୟରେ ବାପ ଘରେ ରହୁଥିଲେ। ଗତ କିଛିଦିନ ତଳେ ଭଦ୍ରଲୋକଙ୍କ ବୁଝାମଣାରେ ଅନୀତା ସ୍ୱାମୀ ଘରକୁ ଫେରିଥିଲେ ବୋଲି ଅନୀତାଙ୍କ ବାପା ଗିରିଧାରୀ ବିଶ୍ୱାଳ ପ୍ରକାଶ କରିଛନ୍ତି। ଯୌତୁକ ପାଇଁ ଝିଅ ଅନୀତାକୁ ଆଜି ସକାଳେ ସ୍ୱାମୀ ଅମ୍ବୁଜ ପିଟି ପିଟି ମାରି ଦେଇଛନ୍ତି ବୋଲି ଗିରିଧାରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅପରପକ୍ଷେ ଅମ୍ବୁଜଙ୍କ କହିବା ଅନୁସାରେ ପୁଅର ପାଠପଢ଼ା ସାମଗ୍ରୀକୁ ନେଇ ସକାଳେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ସେ ଘରେ ନଥିବା ବେଳେ ଅନୀତା କିଛି ବଟିକା ଖାଇ ଦେଇ ଥିଲେ। ଘଟଣା ଜଣାପଡ଼ିବା ପରେ ଅନୀତାଙ୍କୁ ସଙ୍ଗେ ସଙ୍ଗେ ଖମାର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଛି ବୋଲି ସ୍ୱାମୀ ଅମ୍ବୁଜ ପ୍ରକାଶ କରିଛନ୍ତି। ଖମାର ପୁଲିସ ଡାକ୍ତରଖାନାରୁ ଶବ ଜବତ କରିଛି। ଏହି ଘଟଣାରେ କାହାକୁ ଗିରଫ କରାଯାଇନଥିବା ବେଳେ ଶବ ବ୍ୟବଚ୍ଛେଦ ପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପୁଲିସ ପ୍ରକାଶ କରିଛି।

# ନ୍ୟାୟ ପାଇଁ ଆଉ କେତେ ଦ୍ୱାର ବୁଲିବେ ଅଞ୍ଜଳି!

ଭୁବନେଶ୍ୱର, ୨୬/୭(ଇମିସ): ଘଟଣାକୁ ବିତିଲାଣି ବର୍ଷେ। ଏବେ ବି ନ୍ୟାୟ ଅପେକ୍ଷାରେ ଏ ଅଫିସରୁ ସେ ଅଫିସ ଦୌଡ଼ୁଛନ୍ତି ଅଞ୍ଜଳି ଦାଶ। ଦେହର ଅର୍ଦ୍ଧାଧିକ ପୋଡ଼ି ଯାଇଛି, ହାତ ଓ ମୁହଁ ବଙ୍କା ହୋଇଗଲାଣି। ଶରୀରର ଉପର ଭାଗ ଜଳିଯାଇଥିବାରୁ ୮ ମାସର ଛୁଆଟିକୁ ମଧ୍ୟ କ୍ଷୀର ଟିକେ ଖୁଆଇବାକୁ ସେ ଅସମର୍ଥ। ଏତେ ଦୁଃଖ କଷ୍ଟରେ ବି ନ୍ୟାୟ ଆଶାରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ, ମହିଳା କମିସନ୍ ଓ ମାନବିକ ଅଧିକାର କମିସନ୍‌ଙ୍କ ନିକଟକୁ ଦୌଡ଼ୁଛନ୍ତି। ଅଞ୍ଜଳିଙ୍କ ଅଭିଯୋଗ, ତାଙ୍କର ଏମିତି ଅବସ୍ଥା ପାଇଁ ଦାୟୀ ହେଉଛନ୍ତି ତାଙ୍କ ସ୍ୱାମୀ ଜିତେନ୍ଦ୍ର କୁମାର ସେଠୀ। ଯିଏକି ପେସାରେ ଜଣେ ପୁଲିସ କନେଷ୍ଟବଳ। ସେହି ସମୟରେ ତାଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିଲେ ମଧ୍ୟ ଏବେ ପୁଣି ଥରେ ସେ ଚାକିରି କରୁଛନ୍ତି।

ଅଞ୍ଜଳି ଦାଶ, ଘର ପୁରୀ ଜିଲ୍ଲା ଅନ୍ତର୍ଗତ ଡିଆକୁଦ ଗାଁରେ। ଅଞ୍ଜଳିଙ୍କ ଅଭିଯୋଗ ଅନୁଯାୟୀ ୨୦୧୧ ମସିହା ଅକ୍ଷୟ ତୃତୀୟା ଦିନ ସାତପଡ଼ା ନିକଟରେ ଜିତେନ୍ଦ୍ର ଅନ୍ୟ କେତେକ ଲୋକଙ୍କ ସହ ମିଶି ତାଙ୍କୁ ନେଇଯାଇଥିଲା। ପରେ କଣ୍ଟିଲୋ ନୀଳମାଧବ ମନ୍ଦିରରେ ବିବାହ କରିଥିଲା। ଏ ସଂପର୍କରେ ଜିତେନ୍ଦ୍ରର ପ୍ରଥମ ପତ୍ନୀ ସବିତା ସେଠୀ ଶ୍ରୀମନ୍ଦିର ପ୍ରଶାସନରେ ପୁଲିସ କନେଷ୍ଟବଳ ଜିତେନ୍ଦ୍ର ଓ ଅଞ୍ଜଳିଙ୍କ ନାଁରେ ଏତଲା ଦେଇଥିଲେ। ପରେ ଜିତେନ୍ଦ୍ର ଜେଲରୁ ମୁକୁଳି ଯାଇଥିଲେ ମଧ୍ୟ ଅଞ୍ଜଳି ଜେଲ୍‌ରେ ରହିଥିଲେ। ପରେ ତାଙ୍କ ବାପା ବହୁ କଷ୍ଟରେ ଟଙ୍କା ଯୋଗାଡ଼ କରି ତାଙ୍କୁ ଜାମିନରେ ଆଣିଥିଲେ। ଜେଲରୁ ମୁକୁଳିବା ପରେ ପୁଣି ଥରେ ଜିତେନ୍ଦ୍ର ତାଙ୍କୁ ସାଥୀରେ ନେଇ ଅନ୍ୟ ଏକ ଜାଗାରେ ରଖିଥିଲେ। ଚାକିରିରୁ ନିଲମ୍ବିତ ହୋଇଥିବାରୁ ଦିନକୁ ଦିନ ପଇସାର ଅଭାବ ଦେଖାଦେଲା ଓ ଜିତେନ୍ଦ୍ର ରୁବାବ ମଧ୍ୟ ବଢ଼ିଚାଲିଲା। ଯୌତୁକ ପାଇଁ ଲକ୍ଷେ ଟଙ୍କା ଓ ବାଇକ୍ ଦାବି କରି ଅଞ୍ଜଳି ଉପରେ ଅତ୍ୟାଚାର ଆରମ୍ଭ କରିଦେଇଥିଲା ଜିତେନ୍ଦ୍ର। ଏମିତି ଦିନେ ପାଟିତୁଣ୍ଡ ଜୋର ହେବାରୁ ଷ୍ଟୋଭରୁ କିରାସିନି ଢାଳି ଅଞ୍ଜଳି ଦେହରେ ସେ ନିଆଁ ଲଗାଇଦେଇଥିଲା। ଯନ୍ତ୍ରଣାରେ ଚିତ୍କାର କରିବା ପରେ ପଡ଼ୋଶୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ମେଡିକାଲ୍ ପଠାଇଥିଲେ। ପରେ ମିସିଂ ଫାଉଣ୍ଡେସନ୍‌ର ସଦସ୍ୟମାନେ ତାଙ୍କୁ ଉଦ୍ଧାର କରି କଟକ ବଡ଼ ମେଡିକାଲରେ ଚିକିତ୍ସା କରାଇଥିଲେ। ଏହି ସମୟରେ ଅଞ୍ଜଳି ଏକ ପୁତ୍ର ସନ୍ତାନ ଜନ୍ମ କରିଥିଲେ। ମାତ୍ର ଦୁର୍ଭାଗ୍ୟର ବିଷୟ ଶରୀର ଉପର ଭାଗ ପୋଡ଼ିଯାଇଥିବାରୁ ପୁଅଟିକୁ ସ୍ତନ୍ୟପାନ କରିବାକୁ ସେ ଅସମର୍ଥ। ଏମିତି ଅବସ୍ଥାରେ ସେ ମହିଳା କମିସନ୍‌ରେ କେସ୍ ନମ୍ବର (୧୧୨/୧୨) ଓ ମାନବ ଅଧିକାର କମିଶସନ୍‌ରେ କେସ୍ ନମ୍ବର (୨୨୩୩/୧୨) ମାମଲା ରୁଜୁ କରିଥିଲେ। ଇତି ମଧ୍ୟରେ ମହିଳା କମିସନ୍‌ଙ୍କ ନିକଟକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି ଅଞ୍ଜଳି। ନବୀନ ନିବାସକୁ ସେ ଅନେକ ଥର ଆସିଥିଲେ ମଧ୍ୟ ସାର୍ ଘରେ ନାହାନ୍ତି କହି ତାଙ୍କୁ ତଡିଦିଆଯାଇଛି ବୋଲି ସେ ଅଭିଯୋଗ କରିଛି। ଭିନ୍ନ ଜାତିରେ ବିବାହ କରିଥିବାରୁ ଗାଁରୁ ତଡିଦିଆଯାଇଛି। ଏବେ ସେ ସାତପଡ଼ାରେ ଘର ଭଡ଼ା ନେଇ ନିଜ ବାପା ମା'ଙ୍କ ସହ ରହୁଛନ୍ତି।

ଅଞ୍ଜଳିକୁ ନର୍କକୁ ଠେଲିଦେଇଥିବା ତାଙ୍କ ସ୍ୱାମୀ ଜିତେନ୍ଦ୍ର ମଧ୍ୟ ପୁନର୍ବାର ପୁଲିସ ଚାକିରିରେ ଅଛନ୍ତି। ପ୍ରମାଣ ଭାବେ ଥିବା ତାଙ୍କ ଏହି ଛୋଟ ପୁଅଟିକୁ ମାରିଦେବାକୁ ମଧ୍ୟ ଧମକ ମିଳୁଛି ବୋଲି ଅଞ୍ଜଳି ଅଭିଯୋଗ କରିଛନ୍ତି। ଏଣୁ ଅଭିଯୁକ୍ତ ଜିତେନ୍ଦ୍ରକୁ ତୁରନ୍ତ ଗିରଫ କରିବା ସହ ସୁରକ୍ଷା ପାଇଁ ସେ ଦାବି କରିଛନ୍ତି। ଏମିତି ପରିସ୍ଥିତିରେ ସରକାର ଓ ଅନ୍ୟ କିଛି ସଂଗଠନ ସହାୟତା କରିବା ଆବଶ୍ୟକ ବୋଲି ସାଧାରଣରେ ମତପ୍ରକାଶ ପାଇଛି।



# ସଦ୍ୟଜାତ କନ୍ୟାକୁ ଟେକିଦେଲା ମା'

ଖୋର୍ଧା, ୨୫/୭ (ଇମିସ): ଖୋର୍ଧା ବ୍ଲକ ଅନ୍ତର୍ଗତ ନିରାକାରପୁର ଅଞ୍ଚଳରେ ଜଣେ ମହିଳା ତାଙ୍କର ସଦ୍ୟଜାତ ଶିଶୁ କନ୍ୟାଙ୍କୁ ଅନ୍ୟ ହାତକୁ ଟେକି ଦେଇଛନ୍ତି। ଏହାର ମୁଖ୍ୟକାରଣ ହେଲା ଘରେ ଥିବା ତାଙ୍କର ଅନ୍ୟ ୩ ସନ୍ତାନଙ୍କ ମୁହଁରେ ଦୁଇ ଓଳି ଦୁଇ ମୁଠା ଆହାର ଦେବାକୁ ସେ ସକ୍ଷମ ନୁହନ୍ତି।

## ଦାରିଦ୍ର୍ୟ...

ନିରାକାରପୁର ଅଞ୍ଚଳର ଜନୈକା ୩୫ ବର୍ଷ ବୟସ୍କା ମହିଳା ଗତ ୫ ଦିନ ପୂର୍ବେ ସ୍ଥାନୀୟ ଏକ ସରକାରୀ ହସ୍ପିଟାଲରେ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ମହିଳା ଜଣଙ୍କ ପରିବାରର ଆର୍ଥିକ ଅବସ୍ଥା ଖୁବ୍ ଶୋଚନୀୟ। ପୂର୍ବରୁ ତାଙ୍କର ୩ଟି କନ୍ୟା ସନ୍ତାନ ରହିଛନ୍ତି। ତେଣୁ ୪ର୍ଥ କନ୍ୟା ସନ୍ତାନକୁ ଧରି ସେ ଘରକୁ ଯିବା ପାଇଁ ଚାହିଁ ନଥିଲେ। ପରିବାର ଲୋକଙ୍କ ଭୟ କାରଣରୁ ହେଉ କିମ୍ବା ପିଲାକୁ ଲାଳନ ପାଳନ କରି ନ ପାରିବା କାରଣରୁ ହେଉ ସେ ସଦ୍ୟଜାତ ଶିଶୁକୁ ଅନ୍ୟ ହାତରେ ଟେକି ଦେବାକୁ ମନସ୍ଥ କରି ଖୋର୍ଧା ଆସିଥିଲେ। ସ୍ଥାନୀୟ ଏକ କୋର୍ଟରେ ନୋଟାରୀ ନିକଟରେ ଏକ ସନ୍ତାନହୀନ ପରିବାର ସହିତ ଚୁକ୍ତିନାମା କରି ତାଙ୍କ ହାତକୁ ଝିଅଟିକୁ ଟେକି ଦେଇଥିଲେ। ଝିଅକୁ ପାଳନ କରିବା ପାଇଁ ଅକ୍ଷମ ଥିବା ଦର୍ଶାଇ ସେ କନ୍ୟା ସନ୍ତାନର ଭଲ ପାଇଁ ଏପରି କରିଥିବା ଚୁକ୍ତିନାମାରେ ଦର୍ଶାଇଛନ୍ତି। ସନ୍ତାନ ନଥିବା ଖୋର୍ଧା ସହରର ଏହି ପରିବାର ପାଖରେ ଶିଶୁଟି ଏବେ ସୁସ୍ଥ ଅଛି। ତେବେ ଜଣେ ମା' କେଉଁ ପରିସ୍ଥିତିରେ ଏଭଳି କଠୋର ନିଷ୍ପତି ନେଲା ତାହା ଏବେ ଖୋର୍ଧା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

# ଉଡ଼ି ଗଲାଣି ଛାତ, ଆଁ କରିଛି କାନ୍ଥ



ବାଲିଅନ୍ତା,୮।୭ (ଇମିସ) : ଶ୍ରେଣୀ ଗୃହ ପାଠପଢ଼ା ପାଇଁ ଅନୁପଯୁକ୍ତ। ସଂପୂର୍ଣ୍ଣ ବିପଦ ସଂକୁଳ। ଆଜ୍‌ବେଷ୍ଟସନ୍ ଭାଙ୍ଗିରୁଜି ଯାଇଥିବା ବେଳେ ଫାଟି ଆଁ କରିଛି କାନ୍ଥ। ଏପରି ଅବସ୍ଥାରେ ରହିଛି ବାଲିଅନ୍ତା ବ୍ଲକ୍ ଅନ୍ତର୍ଗତ କାକରୁଦ୍ରପୁର ପଞ୍ଚାୟତ ଖମଙ୍ଗ ଶାସନ ପ୍ରାଥମିକ ସ୍କୁଲ୍‌ର ଦୁଇଟି ଶ୍ରେଣୀଗୃହ। ଏ ନେଇ ଅଭିଭାବକଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଦୀର୍ଘଦିନ ହେବ ସଂପୂର୍ଣ୍ଣ ବିପଦ ସଂକୁଳ ଅବସ୍ଥାରେ ରହିଛି ଉକ୍ତ ଶ୍ରେଣୀ ଗୃହ। ଛାତରୁ ଆଜ୍‌ବେଷ୍ଟସ୍ ଉଡ଼ି ଯାଇଛି। କାନ୍ଥ ଫାଟି ଆଁ କରିଛି। ଏପରି ଅବସ୍ଥାରେ ଶ୍ରେଣୀଗୃହ ବାରଣ୍ଡାରେ ପିଲାମାନେ ଖେଳୁଛନ୍ତି, ମଧ୍ୟାହ୍ନ ଭୋଜନ ଖାଉଛନ୍ତି। କେତେବେଳେ ଅଘଟଣ ଘଟିବ ତାହା କେହି ବି କହି ପାରିବେନି। ତେବେ ନୂତନ ଗୃହ ନିର୍ମାଣ ପାଇଁ ଗ୍ରାମବାସୀମାନେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଛନ୍ତି। ମାତ୍ର ଅଦ୍ୟାବଧି ଗୃହ ନିର୍ମାଣ ନେଇଁ କୌଣସି ବ୍ୟବସ୍ଥା କରାଯାଇ ନାହିଁ ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ କେତେକ ଅଭିଭାବକ ଏପରି ବିପଦ ସଂକୁଳ ସ୍କୁଲ୍‌ଗୃହରେ ପାଠ ପଢ଼େଇବାକୁ ପିଲାଙ୍କୁ ପଠାଇବେ ନାହିଁ ବୋଲି କହିଛନ୍ତି।

୧୯୭୫ ମସିହାରେ ସ୍ଥାପିତ ଉକ୍ତ ପ୍ରାଥମିକ ବିଦ୍ୟାଳୟରେ ଥିବା ୨ଟି ଶ୍ରେଣୀଗୃହ ମଧ୍ୟରୁ ଗୋଟିଏ ଗୃହରେ ୫ଟି ଶ୍ରେଣୀରେ ୪୦ ଜଣ ପିଲା ପାଠ ପଢ଼ନ୍ତି। ତେବେ ଉକ୍ତ ଶ୍ରେଣୀଗୃହ ୨ଟିକୁ ସର୍ବଶିକ୍ଷା ଅଭିଯାନ ଯୋଜନା ପରିଚାଳନା ଦାୟିତ୍ୱରେ ଥିବା ତତ୍‌କାଳୀନ ବିଆର୍‌ସିସି ରାମ ଚନ୍ଦ୍ର ବେହେରା, ଏସ୍‌ଆଇ ସହକାରୀ ଯନ୍ତ୍ରୀ ଦେବଦତ୍ତ ମହାନ୍ତି ପରିଦର୍ଶନରେ ଆସି ସଂପୂର୍ଣ୍ଣ ବିପଦ ସଂକୁଳ ଘୋଷଣା କରିଥିଲେ। ଏ ସଂପର୍କରେ ସ୍କୁଲ୍‌ର ପ୍ରଧାନଶିକ୍ଷୟିତ୍ରୀ ସର୍ମିଷ୍ଠା ତ୍ରିପାଠୀଙ୍କୁ ପଚାରିବାରୁ ସେ କହିଥିଲେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ଗୃହ ନିର୍ମାଣ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ।

# ପାଠ କରିନଥିବାରୁ ଛାତ୍ରଙ୍କୁ ମାଡ଼: ସ୍କୁଲ ସମ୍ମୁଖରେ ଗ୍ରାମବାସୀଙ୍କ ଧାରଣା

ହାଟଡିହି,୮।୭(ଇମିସ): ସ୍କୁଲ ପାଠ କରିନଥିବାରୁ ହାଟଡିହି ବ୍ଲକ ସୋସୋ ନୋଡାଲ ସ୍କୁଲର ସହକାରୀ ଶିକ୍ଷକ ଅତୁଲ କୁମାର ରାଉତ ଛାତ୍ରମାନଙ୍କୁ ମାଡ଼ ମାରିବା ନେଇ ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଅଭିଭାବକମାନେ ଆଜି ସ୍କୁଲ ଗେଟ୍‌ରେ ତାଲା ପକାଇ ଧାରଣାରେ ବସିଛନ୍ତି।

ଅଭିଭାବକଙ୍କ ଅଭିଯୋଗ ଅନୁଯାୟୀ, ଗତବର୍ଷ ସ୍କୁଲର ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକ ଅତୁଲ କୁମାର ରାଉତଙ୍କ ଖାମଖିଆଲ ମନୋଭାବ ଯୋଗୁ ବିଦ୍ୟାଳୟର ଦୁଇଜଣ ଛାତ୍ରଛାତ୍ରୀ ନବୋଦୟ ପରୀକ୍ଷାରୁ ବଞ୍ଚିତ ହୋଇ ଥିଲେ। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇବାରୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ କେବଳ ପ୍ରଧାନ ଶିକ୍ଷକଙ୍କୁ ବଦଳି କରି ଶିକ୍ଷକ ଶ୍ରୀ ରାଉତଙ୍କୁ ସ୍କୁଲରେ

ରଖିଥିଲେ। ଗତ ଶନିବାର ଦିନ ଶିକ୍ଷକ ଶ୍ରୀ ରାଉତ ଛାତ୍ରଛାତ୍ରୀଙ୍କୁ କିଛି ପ୍ରଶ୍ନୋତ୍ତର କରିବାକୁ ଦେଇଥିବା ବେଳେ ଆଜି କେତେକ ଛାତ୍ର ପାଠ ପୂରା କରି ପାରିନଥିଲେ। ଏଥିରେ କ୍ରୋଧାନ୍ୱିତ ହୋଇ ଶ୍ରୀ ରାଉତ ଛାତ୍ରମାନଙ୍କୁ ପିଟିଥିଲେ। ଖେଳ ଛୁଟି ସମୟରେ ଛାତ୍ରମାନେ ଘରକୁ ଯାଇ ଘଟଣା ସଂପର୍କରେ ଜଣାଇବାରୁ ଗାଁ'ରେ ଉତ୍ତେଜନା ପ୍ରକାଶ ପାଇଥିଲା। ମାଡ଼ ଖାଇଥିବା ସ୍କୁଲର ୬ଷ୍ଠ ଶ୍ରେଣୀ ଛାତ୍ର ଶେଖ ନୌସାଦ୍, ଅୟୁବ ଖାଁ, ଅମୂଲ୍ୟ ବେହେରା, ଶୁଭମ ପ୍ରଧାନଙ୍କୁ ଧରି ସେମାନଙ୍କ ଅଭିଭାବକ ଓ ଗ୍ରାମବାସୀ ସ୍କୁଲକୁ ଆସିଥିଲେ। ତେବେ ଶିକ୍ଷକ ଶ୍ରୀ ରାଉତ ସେତେବେଳକୁ ସ୍କୁଲରୁ ଫେରାର ହୋଇ ଯାଇଥିଲେ। ଫଳରେ ଉତ୍ୟକ୍ତ ଗ୍ରାମବାସୀ ସ୍କୁଲ୍ ଗେଟରେ ତାଲା ପକାଇ ଧାରଣାରେ ବସିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ କୌଣସି ଅଧିକାରୀ ଘଟଣାସ୍ଥଳକୁ ନଆସିବାରୁ ସ୍କୁଲ ଭିତରେ ପ୍ରଧାନ ଶିକ୍ଷକଙ୍କ ସମେତ ୩ ଜଣ ଶିକ୍ଷୟିତ୍ରୀ ରହି ଯାଇଥିଲେ। ପରେ ସୋସୋ ଥାନା ଅଧିକାରୀ ଭବାନନ୍ଦ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିବା ସହିତ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଉଦ୍ଧାର କରିଥିଲେ। ଏ ନେଇ ସୋସୋ ଥାନାରେ ଶେଖ ମନାନ୍‌ଙ୍କ ପକ୍ଷରୁ ସଂପୃକ୍ତ ଶିକ୍ଷକଙ୍କ ବିରୋଧରେ ଅଭିଯୋଗ ହୋଇଥିବା ଜଣାପଡିଛି।

## ନାବାଳିକା ମାନସିକ ରୋଗୀକୁ ଗଣବଳାତ୍କାର

# ଗୁରୁତର ଅବସ୍ଥାରେ ଏସ୍‌ସିବିରେ ଭର୍ତ୍ତି

କଟକ,୯।୭ (ଇମିସ): ଜଣେ ନାବାଳିକା ମାନସିକ ରୋଗୀକୁ ଗଣବଳାତ୍କାର ହୋଇଥିବା ଅଭିଯୋଗ ହୋଇଛି। ଗଣବଳାତ୍କାର ଶିକାର ହୋଇଥିବା ଏହି ନାବାଳିକାକୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ କଟକ ବଡମେଡିକାଲରେ ଭର୍ତ୍ତି କରାଯାଇଛି। ବାଳିକା ଜଣକ ଏବେ ମୁମୂର୍ଷୁ ଅବସ୍ଥାରେ କଟକ ବଡମେଡିକାଲ ଜରୁରୀକାଳୀନ ବିଭାଗରେ ଚିକିତ୍ସିତ ହେଉଛି। ସୂଚନା ଅନୁଯାୟୀ ନାବାଳିକା ଜଣକ ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ରାୟପୁର ହନୁମାନ ଛକ ଅଞ୍ଚଳରେ ଗତ ଦୁଇ ଦିନ ହେବ ବୁଲୁଥିଲେ। ରାସ୍ତାରେ ବୁଲୁଥିବା ବେଳେ କିଛି ଦୁର୍ବୃତ୍ତ ତାଙ୍କୁ ଭିନ୍ନ ଭିନ୍ନ ସ୍ଥାନରେ ଗଣବଳାତ୍କାର କରିଛନ୍ତି। ରାସ୍ତାକଡରେ ପଡିଥିବା ବେଳେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ବଡ ମେଡିକାଲ ଅଣାଯାଇଛି। ନାବାଳିକାଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସଙ୍କଟାପନ୍ନ ରହିଛି। ବଳାତ୍କାର ନାବାଳିକାଙ୍କ ଚେତା ଫେରିନି। ଡାକ୍ତରଙ୍କ କହିବା ଅନୁଯାୟୀ ନାବଳିକାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଛି। ନାବାଳିକାଙ୍କୁ ମାନସିକ ଚାପ ଓ ଶାରୀରିକ ନିର୍ଯାତନା ଦିଆଯାଇଥିବା ସୂଚନା ମିଳୁଛି। ତାଙ୍କୁ ଆଜି ୧୦୮ ଆମ୍ବୁଲାନସ୍‌ରେ ଆଣି କଟକ ବଡମେଡିକାଲରେ ଭର୍ତ୍ତି କରାଯାଇଛି। ଏଭଳି ଏକ ପାଶବିକ ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଏହାର ଉପଯୁକ୍ତ ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

# ଶିଶୁକନ୍ୟାକୁ ହତ୍ୟା କରି ମା'ର ଆତ୍ମହତ୍ୟା

ଦାରିଦ୍ର୍ୟ

ନବରଙ୍ଗପୁର/ଝରିଗାଁ, ୧୦/୭(ଇ.ମି.ସ): ଦାରିଦ୍ର୍ୟର ତାଡ଼ନା ଅସହ୍ୟ ହେବାରୁ ନିଜର ୧୧ମାସର ଶିଶୁ କନ୍ୟାକୁ ତଣ୍ଟି ଚିପି ହତ୍ୟା କରିବା ପରେ ମା' ଆତ୍ମହତ୍ୟା କରିଛି। ଘଟଣା ଘଟିଛି ନବରଂଗପୁର ଜିଲ୍ଲା ଝରିଗାଁ ବ୍ଲକର କାନାକୋଟ ପଂଚାୟତ କେନ୍ଦୁଗୁଡ଼ା ଗାଁରେ ।

ମିଳିଥିବା ସୂଚନା ଅନୁଯାୟୀ, କେନ୍ଦୁଗୁଡ଼ା ଗାଁର ରାମଧର ଗଣ୍ଡଙ୍କ ପତ୍ନୀ ଶକୁନ୍ତଳା ଗଣ୍ଡ ନିଜ ୧୧ ମାସର ଶିଶୁ କନ୍ୟାକୁ ରାତିରେ ନେଇ ଗାଁ ଶେଷ ମୁଣ୍ଡରେ ଥିବା ଏକ ଗଛ ନିକଟରେ ହତ୍ୟା କରିବା ପରେ ସେ ନିଜ ବେକରେ ନିଜ ପିନ୍ଧା ଲୁଗା ଲଗାଇ ସେହି ଗଛରେ ଓହଳି ପଡିଥିଲେ। ଘରେ ସ୍ୱାମୀ ରାମଧର ଓ ୩ବର୍ଷର ସାନ ଝିଅ ଘନଛା ରହିଥିଲେ। ସକାଳୁ ସେହି ରାସ୍ତା ଦେଇ ଯିବାବେଳେ କିଛି ଲୋକେ ଦେଖି ରାମଧରଙ୍କୁ ଏ ସଂପର୍କରେ ସୂଚନା ଦେବା ପରେ ସେ ଓ ଗ୍ରାମବାସୀ ଉମରକୋଟ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ଆସି ଶବକୁ ଗଛରୁ ଓହ୍ଲାଇବା ସହ ଉଭୟ ଶବର ପଂଚନାମା କରି ଘଟଣାର ତଦନ୍ତ ଆରମ୍ଭ କରିଛି। ରାମଧର କହିବା ଅନୁଯାୟୀ ଗତ ୧୫ଦିନ ହେବ ସେ ଅସୁସ୍ଥ ଥିବାରୁ ସେ କାମକୁ ନଯାଇ ଘରେ ହିଁ ରହୁଥିଲେ। ଗତକାଲି ରାତିରେ ସମସ୍ତେ ଏକାଠି ଶୋଇଥିଲେ। ତେବେ ଭୋର ସମୟରେ ଉଠି ଶକୁନ୍ତଳା ଏପରି କାମ କରିଥାଇପାରେ ବୋଲି କହିଛି। କାନାକୋଟ ସମିତିସଭ୍ୟ ଏବଂ ଗ୍ରାମବାସୀ କହିଛନ୍ତି ଯେ ଦିନ ମଜୁରିଆ

➡ ୯

# ଶିଶୁକନ୍ୟାକୁ ହତ୍ୟା ...

ଭାବେ କାମ କରି ରାମଧର କୌଣସି ପ୍ରକାରେ ପରିବାର ପ୍ରତିପୋଷଣ କରୁଥିଲେ। ତେବେ ଗତ କିଛି ଦିନ ତଳେ ତାଙ୍କ ଘରକୁ କେହି ଦୁର୍ବୃତ୍ତ ନିଆଁ ଲଗାଇ ପୋଡ଼ି ଦେଇଥିଲେ। ଅର୍ଥ ଅଭାବରୁ ଏହି ଘରର ମରାମତି କିମ୍ବା ଛପର କରିପାରି ନଥିଲେ। ଏ ନେଇ ଝରିଗାଁ ବିଡିଓ, ତହସିଲଦାରଙ୍କୁ ଜଣାଇ ଆର୍ଥିକ ସହାୟତା ଯୋଗାଇବାକୁ ରାମଧର ଲିଖିତ ଭାବେ ଅନୁରୋଧ କରିଥିଲେ। ତେବେ ପ୍ରଶାସନ ପକ୍ଷରୁ କୌଣସି ସହାୟତା ମିଳି ନ ଥିଲା। ଫଳରେ ବାଧ୍ୟ ହୋଇ ପଡୋଶୀ ରତନ ଗଣ୍ଡଙ୍କର ଗୋଟିଏ ବଖରାରେ ଏହି ପରିବାର ମୁଣ୍ଡ ଗୁଞ୍ଜିଥିଲେ। ଆର୍ଥିକ ଅନଟନ କାରଣରୁ କିଛିଦିନ ହେଲା ଏହି ଦଂପତିଙ୍କ ମଧ୍ୟରେ କଳହ ଲାଗି ରହୁଥିଲା। ଏ ପଟେ ରାମଧର ଗତ ୧୫ଦିନ ହେବ ଅସୁସ୍ଥ ହୋଇ ଘରେ ବସି ରହିବା କାରଣରୁ ଘରେ ଯାହାକିଛି ସମ୍ବଳ ଥିଲା ତାକୁ ବିକି ଭାଙ୍ଗି ଶକୁନ୍ତଳା ପରିବାର ଚଳାଉଥିଲେ। ଗୋଟିଏ ଓଳି ଖାଇଲେ ଆର ଓଳି ଭୋକ ଉପବାସରେ କାଟିବାକୁ ପଡୁଥିଲା। ଏପଟେ ଅସୁସ୍ଥ ସ୍ୱାମୀକୁ ଚିକିତ୍ସା ମଧ୍ୟ କରାଇ ପାରି ନ ଥିଲେ। ଏଭଳି ସ୍ଥିତିରେ ମାନସିକ ସନ୍ତୁଳନ ହରାଇ ଶକୁନ୍ତଳା ସାନ ଝିଅକୁ ନେଇ ଏପରି କାଣ୍ଡ କରିଥିବା ଗ୍ରାମବାସୀମାନେ କହିଛନ୍ତି। ଏହି ଗରିବ ପରିବାରର ବିପିଏଲ୍ କାର୍ଡ ଖଣ୍ଡିଏ ମଧ୍ୟ ନଥିବା ଜଣାପଡ଼ିଛି।

ଘଟଣା ସଂପର୍କରେ ଖବର ପାଇ ଉମରକୋଟ ଥାନା ଏସଆଇ ଖିରେନ୍ଦ୍ରେଶ୍ୱର ମାଝୀ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ଉଭୟ ଶବକୁ ଉମରକୋଟ ଡାକ୍ତରଖାନାକୁ ଆଣି ବ୍ୟବଚ୍ଛେଦ କରାଇଛନ୍ତି। ତେବେ ଏହି ଘଟଣାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦାରିଦ୍ର୍ୟ ଦୂରୀକରଣ, ଖାଦ୍ୟ ସୁରକ୍ଷା ଯୋଜନା ଯେ ପ୍ରକୃତ ଦରିଦ୍ରଙ୍କ ନିକଟରେ ପହଞ୍ଚୁ ନାହିଁ ତାହା ପୁଣି ଥରେ ପ୍ରମାଣିତ ହୋଇଛି।

# ବାପାଙ୍କୁ ବଞ୍ଚାଇବା ପାଇଁ ପାଠ ଛାଡ଼ିଲେ



କଟକ,୧୦।୭(ଇମିସ): ଚାରି ଚକିଆ ଗାଡ଼ିର ଡ୍ରାଇଭର୍ ଭାବେ ଜୀବିକା ନିର୍ବାହ କରି ପରିବାର ଚଳାଉଥିଲେ ଶଙ୍କର ରାଓ। ବେଶ୍ ସୁରୁଖୁରୁରେ ଚାଲୁଥିଲା ପରିବାର। କିନ୍ତୁ ହଠାତ୍ ଯେମିତି ଦୁର୍ଦ୍ଦିନ ମାଡ଼ି ଆସିଲା। ରୋଗ ଅକର୍ମଣ୍ୟ କରିଦେଲା। ହସଖୁସିର ସଂସାରରେ ସବୁ କିଛି ଓଲଟପାଲଟ ହୋଇଗଲା। ପାଠ ପଢ଼ୁଥିବା ଦୁଇ ଝିଅଙ୍କ ବସ୍ତାନିରେ ଡୋରି ବନ୍ଧା ହେଲା। ସେମାନେ ଏବେ

## ଅଭାବି ପରିବାରର ନିଷ୍ଠୁର ସତ୍ୟ

ପରଘର କାମ କରି ରୋଗିଣା ବାପାକୁ ବଂଚାଇବା ପାଇଁ ସଂଘର୍ଷ କରୁଛନ୍ତି। ମା' ଲୀଳାକୁମାରୀଙ୍କ ସହିତ ଦୁଇ ଝିଅ ରାତି ପାହିଲେ ବାସନ ମାଜିବାକୁ ପର ଘରକୁ ଯାଉଛନ୍ତି। ପର ଘରେ ବାସନ ମାଜିଲେ ଘରେ ଚୁଲି ଜଳୁଛି।

ପୁରୁଣା ରାଜତରଙ୍ଗିଣୀ ହଲ୍ ପଛପଟ ରାମମନ୍ଦିର ମୋଚି ସାହିର ବାସିନ୍ଦା ଏ. ଶଙ୍କର ରାଓ(୪୩)ଙ୍କର ଇଏ ହେଉଛି କାହାଣୀ। ଶଙ୍କରଙ୍କ ପରିବାର କହିଲେ ପତ୍ନି ଏ. ଲୀଳା କୁମାରୀ, ଝିଅ ଏ. କବିତା(୧୭), ଏ ତନୁ(୧୫) ଏବଂ ସାନପୁଅ ଏ. ମନୋଜ(୧୨)। ଗାଡ଼ି ଚଳାଇ ଶଙ୍କର ପୋଷୁଥିଲେ ଚାରିପ୍ରାଣୀ କୁଟୁମ୍ବକୁ। କିନ୍ତୁ ଭାଗ୍ୟ ସାଥ୍ ଦେଲା ନାହିଁ। ପରିବାର ପୋଷିବା ବୟସରେ ଭାଗ୍ୟ ଖେଳିଛି ତାଙ୍କ ସହିତ ଏକ ବିଚିତ୍ର ଖେଳ। ଦୁଇ କିଡ୍‌ନି ହରାଇ ଏବେ ସେ ସଂପୂର୍ଣ ଶଯ୍ୟାଶାୟୀ। ଦୁଇ ଗୋଡ଼ ଫୁଲି ମୋଟା ହୋଇଯାଇଥିବା ବେଳେ ଶରୀର ଦିନକୁ ଦିନ କ୍ଷୀଣ ହେବାରେ ଲାଗିଛି। ସପ୍ତାହକୁ ଦୁଇ ଥର ଡାଏଲେସିସ୍ ପାଇଁ ବି ଟଙ୍କା ନାହିଁ। ଡାକ୍ତର କହିଛନ୍ତି, ଶୀଘ୍ର ଉଚ୍ଚତର ଚିକିତ୍ସା ନହେଲେ ବଂଚିବା ସମ୍ଭାବନା କମ୍। କିନ୍ତୁ ଚିକିତ୍ସା ପାଇଁ ଶଙ୍କରଙ୍କ ପାଖେ ଟଙ୍କା ନାହିଁ। ଶଙ୍କରଙ୍କର ବିପିଏଲ୍ କାର୍ଡ଼ ନଥିବା ବେଳେ ସରକାରଙ୍କ ବିଭିନ୍ନ ଯୋଜନାର ହିତାଧିକାରୀ ହେବାରୁ ବି ସେ ବଂଚିତ ହୋଇଛନ୍ତି। ବଡ଼ ଝିଅ କବିତା ଯୁକ୍ତ ଦୁଇ ପାସ୍ କରି ପାଠ ଛାଡ଼ିଥିବା ବେଳେ ମଝିଆ ଝିଅ ଦଶମ ଶ୍ରେଣୀରୁ ପାଠପଢ଼ାରେ ଡୋରି ବାନ୍ଧିଛି। ଆର୍ଥିକ ଅନଟନର କଷଣ ଓ ବାପାଙ୍କ ଅସୁସ୍ଥତା ହିଁ ଦୁଇ ଝିଅଙ୍କୁ ଅଧାରୁ ପାଠ ଛାଡ଼ିବାକୁ ବାଧ୍ୟ କରିଛି।

ଅନ୍ୟପକ୍ଷରେ ଶଙ୍କରଙ୍କ ଚିକିତ୍ସା ପାଇଁ ଲକ୍ଷାଧିକ ଟଙ୍କାର ଆବଶ୍ୟକତା ଥିବା ବେଳେ ପତ୍ନୀ ଓ ଦୁଇ ଝିଅ ଦିନକର ଆହାର ଯୋଗାଡ଼ କରିବା ପାଇଁ ଏବେ ସଂଘର୍ଷ କରୁଛନ୍ତି। ଏ ପ୍ରକାର ପରିସ୍ଥିତିରେ ଶଙ୍କରଙ୍କ ବଂଚିବା ଆଶା ଦିନକୁ ଦିନ କ୍ଷୀଣ ହେବାରେ ଲାଗିଛି। ଗୋଟିଏପଟେ ଉଚ୍ଚତର ଚିକିତ୍ସା ପାଇଁ ଆବଶ୍ୟକୀୟ ଟଙ୍କା ନଥିବା ବେଳେ ଅନ୍ୟପଟେ ସ୍ତ୍ରୀ ଓ ଦୁଇ ଝିଅଙ୍କ ପାଇଟି କାମରେ ଉପାର୍ଜିତ ଅର୍ଥ ଯଥେଷ୍ଟ ହେଉ ନାହିଁ। ଯା'ଭିତରେ ପୁଣି ସାନ ପୁଅର ପାଠ ପଢ଼ା ଚାଲିଛି। ଏ ପ୍ରକାର ପରିସ୍ଥିତିରେ ଶଙ୍କରଙ୍କୁ କୌଣସି ସରକାରୀ ସହାୟତା ନମିଳିଲେ ହୁଏତ ଶଙ୍କରଙ୍କ ପରିବାର ଉଜୁଡ଼ିଯିବ। ପରିସ୍ଥିତିକୁ ବିଚାର କରି ସ୍ଥାନୀୟ ଲୋକପ୍ରତିନିଧି ଅଥବା ପ୍ରାଶାସନିକ ଅଧିକାରୀ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ପଦକ୍ଷେପ ନେବା ପାଇଁ ପରିବାର ଲୋକେ ଅନୁରୋଧ କରିଛନ୍ତି।

### ୬ ମାସ ହେଲା ମଧ୍ୟାହ୍ନ ଭୋଜନ ବନ୍ଦ

# ସ୍କୁଲ୍‌ରେ ତାଲା ପକାଇଲେ ଛାତ୍ରଛାତ୍ରୀ

କଟକ,୧୧।୭(ଇମିସ): ପ୍ରଧାନଶିକ୍ଷକ ପଦବିକୁ ନେଇ ଗଲା ୬ମାସ ହେବ ଖାନ୍‌ନଗର ହାଇସ୍କୁଲ୍‌ରେ ସୃଷ୍ଟି ହୋଇଥିବା ଅଚଳାବସ୍ଥା ଆଜି ବିସ୍ଫୋରକ ରୂପ ନେଇଛି। ଅଭିଭାବକଙ୍କ ପରେ ଆଜି ଛାତ୍ରଛାତ୍ରୀମାନେ ଆନ୍ଦୋଳନରେ ସାମିଲ୍ ହୋଇଛନ୍ତି। ସ୍କୁଲ୍ ଫାଟକରେ ତାଲା ପକାଇ ଛାତ୍ରଛାତ୍ରୀ ଜିଲ୍ଲା ଶିକ୍ଷା ଅଧିକାରୀ ଚଳାଇଥିବା ମନମାନିର ପ୍ରତିବାଦ କରିଛନ୍ତି। ଧାରଣାରେ ବସିଛନ୍ତି। ପୋକଲଗା ଚାଉଳ ଦେଖାଇ ମଧ୍ୟାହ୍ନ ଭୋଜନ ବନ୍ଦ୍‌ର ଜବାବ୍ ବି ମାଗିଛନ୍ତି। ସକାଳ ସାଢ଼େ ୯ଟାରୁ ଶତାଧିକ ଛାତ୍ରଛାତ୍ରୀଙ୍କର ଏ ପ୍ରକାର ଧାରଣା ଆଜି ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଛି।

ସୂଚନାଯୋଗ୍ୟ ଯେ, ଖାନ୍‌ନଗର ହାଇସ୍କୁଲ୍‌ରେ ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ କୌଶଲ୍ୟା ପଣ୍ଡା ପଦୋନ୍ନତି ପାଇ ଅନ୍ୟତ୍ର ବଦଳି ହେବା ପରେ ପରବର୍ତ୍ତି ପ୍ରଧାନ ଶିକ୍ଷକ ହେବାକୁ ନେଇ ସୃଷ୍ଟି ହୋଇଥିଲା ବିବାଦ। ଫେବୃଆରି ୧୯ତାରିଖରେ ଶ୍ରୀମତୀ ପଣ୍ଡା ଅନ୍ୟତ୍ର ବଦଳି ହେବା ପରେ ବରିଷ୍ଠତା ଦୃଷ୍ଟିରୁ ଅକ୍ଷୟ ଆଚାର୍ଯ୍ୟ ପ୍ରଧାନ ଶିକ୍ଷକ ଦାୟିତ୍ୱ ନେବା କଥା। କିନ୍ତୁ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଆଚାର୍ଯ୍ୟଙ୍କ ବଦଳରେ ବାସନ୍ତି ନାୟକଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରିବା ପାଇଁ ଏକ ନିର୍ଦ୍ଦେଶନାମା ଜାରି କଲେ। ନିର୍ଦ୍ଦେଶନାମା ଅନୁଯାୟୀ ଶ୍ରୀମତୀ ନାୟକ ମାର୍ଚ୍ଚ ୩୧ତାରିଖ ପର୍ଯ୍ୟନ୍ତ ପ୍ରଧାନ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କଲେ। ପରେ ବରିଷ୍ଠତା ଦୃଷ୍ଟିରୁ ଶ୍ରୀ ଆଚାର୍ଯ୍ୟ ଇନ୍‌ଚାର୍ଜ ଭାବେ କାର୍ଯ୍ୟ କଲେ। କିନ୍ତୁ ଶ୍ରୀମତୀ ନାୟକ ଅବସର ପରେ ଦାୟିତ୍ୱ କାହାରିକୁ ଦେଇ ନଥିବାରୁ ପ୍ରଶାସନିକ କାର୍ଯ୍ୟ ବାଧାପ୍ରାପ୍ତ ହେଲା। ସ୍କୁଲ୍‌ର ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସମେତ ସ୍କୁଲ୍ ପରିଚାଳନା କମିଟି, ଶିକ୍ଷକ ଅଭିଭାବକ ସଂଘ ଏବଂ ଖାନନଗର ଖପୁରିଆ ଶିଳ୍ପାଞ୍ଚଳ ପୂଜା କମିଟିର



ମିଳିତ ସହଯୋଗରେ ବିଦ୍ୟାଳୟ ପରିସରରେ ଏକ ବୈଠକ ବସିଥିଲା। ବୈଠକରେ ଶ୍ରୀ ଆଚାର୍ଯ୍ୟଙ୍କୁ ପ୍ରଧାନଶିକ୍ଷକ ଦାୟିତ୍ୱ ଦିଆଯିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା। ପରେ ଅଭିଭାବକ ସଂଘ ନିଷ୍ପତ୍ତି ସଂକ୍ରାନ୍ତରେ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀ ଭଗବାନ ସାହୁ ଏବଂ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ପରେ ଜିଲ୍ଲା ଶିକ୍ଷା ଅଧିକାରୀ ଏପ୍ରିଲ୍ ୨୪ତାରିଖରେ ପ୍ରଧାନ ଶିକ୍ଷକ ଭାବେ ଶ୍ରୀ ଆଚାର୍ଯ୍ୟ କାର୍ଯ୍ୟ କରିବେ ବୋଲି ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଅଚାନକ ଗୋଟିଏ ଦିନ ପରେ ଅର୍ଥାତ୍ ୨୫ ତାରିଖରେ ଶିଶିର ନାୟକଙ୍କୁ ଖାନ୍‌ନଗର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶନାମା ଜାରି କଲେ। କିନ୍ତୁ ଅଭିଭାବକ ସଂଘ, ପୂଜା କମିଟି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଏ ପ୍ରକାର ନିର୍ଦ୍ଦେଶକୁ ବିରୋଧ କରିବାରୁ ଶ୍ରୀ ନାୟକ କାର୍ଯ୍ୟରେ ଯୋଗ ଦେଇପାରିଲେ ନାହିଁ।

ଗୋଟିଏପଟେ ବିରୋଧ ଯୋଗୁ ଶ୍ରୀ ନାୟକ କାର୍ଯ୍ୟରେ ଯୋଗ ଦେଇପାରିନଥିବା ବେଳେ ଅନ୍ୟପଟେ ଜିଲ୍ଲା ଶିକ୍ଷା ଅଧିକାରୀ ଅଚାନକ ଶ୍ରୀ ଆଚାର୍ଯ୍ୟଙ୍କୁ ଅନ୍ୟତ୍ର ବଦଳି କରିଦେଲେ। ତେବେ ଏ ପ୍ରକାର ବଦଳିକୁ ନେଇ ଶ୍ରୀ ଆଚାର୍ଯ୍ୟ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ମଧ୍ୟ ସବୁ ଘଟଣା ଜାଣିବା ପରେ ବଦଳିକୁ ବାତିଲ୍ କରିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଏକ ଚିଠି ଲେଖିଥିଲେ। କିନ୍ତୁ ଜିଲ୍ଲା ଶିକ୍ଷା ଅଧିକାରୀ ଏଡିଏମ୍‌ଙ୍କ ଚିଠିକୁ ବାଏଁ ବାଏଁ ଉଡ଼ାଇ ଗତ ୭ତାରିଖ ଦିନ ଶ୍ରୀ ଆଚାର୍ଯ୍ୟଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି।

ତେବେ ଗତ ଏପ୍ରିଲ୍ ମାସରୁ ପ୍ରଧାନ ଶିକ୍ଷକ ପଦବିକୁ ନେଇ ସୃଷ୍ଟି ହୋଇଥିବା ଏ ପ୍ରକାର ବିବାଦ ଏବେ ବିଦ୍ୟାଳୟର ଶୈକ୍ଷିକ ବାତାବରଣକୁ ସଂପୂର୍ଣ ନଷ୍ଟ କରିଦେଇଛି। ମଧ୍ୟାହ୍ନ ଭୋଜନ ବନ୍ଦ୍ କାରଣରୁ ଚାଉଳ ବସ୍ତାକୁ ପୋକ ଖାଉଛନ୍ତି। ଧାରଣାସ୍ଥଳରେ ଛାତ୍ରଛାତ୍ରୀମାନେ ପୋକଲଗା ଚାଉଳ ଦେଖାଇବା ସହ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ବହିଷ୍କାର ଦାବି କରିଛନ୍ତି।

# ଛାତ୍ରଙ୍କ ଗଳାକାଟି ହତ୍ୟା ଉଦ୍ୟମ

ମୋହନା, ୧୨।୭ (ଇମିସ): ଗଜପତି ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ବିମ୍ବାଧର ନାୟକଙ୍କ ପାଞ୍ଚ ବର୍ଷର ପୁଅ ରୁନା ନାୟକଙ୍କ ଗଳାକାଟି ହତ୍ୟା ଉଦ୍ୟମ ହୋଇଛି । ଅତବା ପୋଲିସ ଏହି ଘଟଣାରେ ଆଲିଗଣ୍ଡ ମିସନ ସ୍କୁଲର ଜଣେ ବ୍ରଦରଙ୍କୁ ଅଟକ ରଖି ପଚରାଉଚରା କରୁଛି । ଏହାକୁ ନେଇ ମୋହନାରେ ଉତ୍ତେଜନା ପ୍ରକାଶ ପାଇଛି ।

ଗଜପତି ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ବିମ୍ବାଧର ନାୟକଙ୍କ ପୁଅ ରୁନା ଆଲିଗଣ୍ଡ ମିସନ ସ୍କୁଲରେ ପ୍ରଥମ ଶ୍ରେଣୀରେ ପଢୁଛି । ପାଞ୍ଚ ଦିନ ତଳେ ସେ ହଷ୍ଟେଲରେ ନାମ ଲେଖାଇଥିଲେ । ଆଜି ସକାଳ ପ୍ରାୟ ୫ଟା ସମୟରେ ପିଲାମାନେ ନିତ୍ୟକର୍ମ ସାରିବା ପାଇଁ ଉଠିଥିଲେ । ଏହି ସମୟରେ ଦୁଇଜଣ ବ୍ୟକ୍ତି ଅଲିଗଣ୍ଡା ମିସନ ସ୍କୁଲ ହତା ମଧ୍ୟରେ ପ୍ରବେଶ କରି ରୁନାକୁ ଶୋଇଥିବା ଅବସ୍ଥାରେ ଉଠାଇ ନେଇଥିଲେ । ଛାତ୍ରାବାସ ପରିସର ମଧ୍ୟରେ ଏକ ନିଛାଟିଆ ସ୍ଥାନକୁ ଡାକିନେଇ ଜଣେ ରୁନାର ହାତକୁ ପଛକୁ ଭିଡି ଧରି ଥିବା ବେଳେ ଅନ୍ୟ ଜଣେ ତାର ବେକକୁ ଏକ ବ୍ଲେଡରେ କାଟି ଦେଇଥିଲା । ରୁନା ଚିତ୍କାର କରିବାରୁ ହଷ୍ଟେଲର କିଛି ପିଲା ଘଟଣାସ୍ଥଳକୁ ଦୌଡି ଆସିଥିଲେ । ଏହା ପୂର୍ବରୁ ଦୁର୍ବୃତ୍ତମାନେ ସେଠାରୁ ଖସି ପଳାଇ ଯାଇଥିଲେ । କିଛି ଛାତ୍ର ରୁନାକୁ ଗୁରୁତର ଅବସ୍ଥାରେ ଅତବା ଡାକ୍ତରଖାନାକୁ ଆଣିଥିଲେ । ଡାକ୍ତରଙ୍କ ଠାରୁ ସୂଚନା ପାଇ ଜିଲ୍ଲା ପରିଷଦ ଉପଧ୍ୟକ୍ଷ ଶ୍ରୀ ନାୟକ ଡାକ୍ତରଖାନାରେ ପହଞ୍ଚିଥିଲେ । ବହୁ ବିଳମ୍ବରେ ହଷ୍ଟେଲ ତଦାରଖ ଦାୟିତ୍ୱରେ ଥିବା ଫାଦର ଦିପକ ବାରୁଆ ଡାକ୍ତରଖାନାରେ ପହଁଚିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା । ଉପାଧ୍ୟକ୍ଷ ଶ୍ରୀ ନାୟକ ଏ ସଂପର୍କରେ ଆଲିଗଣ୍ଡା ମିସନକୁ ଯାଇ ପଚରାଉଚରା କରିଥିଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ପାଇନଥିଲେ । ମିସନ ଦାୟିତ୍ୱରେ ଥିବା ଫାଦର ଦିପକ ବାରୁଆ ଏବଂ ବ୍ରଦର ଉମାକାନ୍ତ ମାଳିଙ୍କ ନାଁରେ ଥାନାରେ ଏତଲା ଦେଇଥିଲେ । ଅତବା ଥାନ ସବ୍ ଇନିସ୍ପେକ୍ଟର ତାପସ ରଂଜନ ସାହୁ ଏହି ମାମଲାରେ ମିସନ ସ୍କୁଲ ପରିଚାଳନା ଦାୟିତ୍ୱରେ ଥିବା ବ୍ରଦର ଉମାକାନ୍ତ ମାଳିକୁ ଥାନାରେ ଅଟକରଖି ପଚାରାଉଚରା କରୁଛନ୍ତି । ଏହି ଘଟଣା ଜଣାପଡିବା ପରେ ମୋହନା ବ୍ଲକ ଅଧ୍ୟକ୍ଷା ବାସନ୍ତି ମଳିକ, ମୋହନା ଜୋନ ଜିଲ୍ଲା ପରିଷଦ ସଭ୍ୟା ରଶ୍ମି ରତନ ପ୍ରମୁଖ ଅଲିଗଣ୍ଡାରେ ପହଞ୍ଚିଥିଲେ । ଏତେ ବଡ ଘଟଣା ଘଟିବା ପରେ ମଧ୍ୟ ମିସନ କର୍ତ୍ତୃପକ୍ଷ ମୁହଁ ନଖୋଲିବା ଚର୍ଚ୍ଚାର ବିଷୟ ହୋଇଛି । ପିଲାଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ସାନଭଉଣୀ ସାମ୍ନାରୁ ବଡ଼ଭଉଣୀଙ୍କୁ ଉଠାଇ ନେଲେ

କାମାକ୍ଷାନଗର, ୧୨।୭(ଇମିସ): କାମାକ୍ଷାନଗର ଥାନା ରାଇବୋଲ ଗ୍ରାମର ଯୁକ୍ତ ୩ ଶ୍ରେଣୀରେ ପଢୁଥିବା ଜଣେ କଲେଜ ଛାତ୍ରୀଙ୍କୁ ଦୁର୍ବୃତ୍ତମାନେ ଅପହରଣ କରି ନେଇଛନ୍ତି। ଯୁବତୀଙ୍କ ବାପା ଏ ସଂପର୍କରେ ଆଜି ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗ ମୁତାବକ, ରାଇବୋଲ ଗ୍ରାମର ମିତା (ଛଦ୍ମନାମ, ୧୯) ଓ ତାଙ୍କ ସାନଭଉଣୀ ରୀତା (ଛଦ୍ମନାମ, ୧୬) ବିରାଶାଳ କଲେଜରେ ଯୁକ୍ତ ତିନି ୩ୟ ବର୍ଷ ଓ ଯୁକ୍ତ ଦୁଇ ୨ୟ ବର୍ଷରେ ପଢୁଛନ୍ତି। ଗାଁଠାରୁ କଲେଜ ୧ କିଲୋମିଟର ଦୂର। ମଝିରେ ପଡ଼େ ଏକ ଛୋଟ ଜଙ୍ଗଲ। ଗତକାଲି ଅପରାହ୍ଣ ୪ଟାବେଳେ କ୍ଲାସ୍ ଶେଷ ହେବା ପରେ ଦୁଇ ଭଉଣୀ ଗୋଟିଏ ସାଇକେଲ୍‌ରେ ଘରକୁ ଫେରୁଥିଲେ। ବାଟରେ ବର୍ଷା ହେବାରୁ ସାଇକେଲ୍ ଗଡ଼ାଇ ଦୁହେଁ ଚାଲି ଚାଲି ଆସୁଥିଲେ। ଦୁହେଁ ଜଙ୍ଗଲ ନିକଟରେ ପହଞ୍ଚିଥିବା ବେଳେ ଏକ ମଟର ସାଇକେଲ୍‌ରେ ଆସିଥିବା ଦୁଇଜଣ ଯୁବକ ବଳପୂର୍ବକ ମିତାଙ୍କୁ ସେଠିରେ ଉଠାଇ ନେଇଥିଲେ।

# ସ୍କୁଲ ଯାଇ ନପାରି ଇଲିର ଆତ୍ମହତ୍ୟା

- ବସ୍ତି ଉଚ୍ଛେଦ ହଜାଇ ଦେଇଥିଲା ବହି ବସ୍ତାନି
- ବଡ଼ ମେଡିକାଲ ବି ସାଧିଲା ଦାଉ

କଟକ,୧୩।୭(ଇମିସ): ଅଭାବ, ଅବହେଳା, ଅବ୍ୟବସ୍ଥାର ଶିକାର ହୋଇ ପ୍ରାଣ ହରାଇଛି ୧୨ ବର୍ଷର ବାଳିକା ଇଲି। ବସ୍ତି ଉଚ୍ଛେଦ ବେଳେ ବହି ବସ୍ତାନି ଗଲା। ପାଠପଢ଼ିବାକୁ ବହି ବସ୍ତାନି ନଥିବାରୁ ସ୍କୁଲ୍ ଯିବାକୁ ଇଚ୍ଛା କରୁ ନଥିଲା ଇଲି। କିନ୍ତୁ ମା' ବାଧ୍ୟ କଲାରୁ ବେକରେ ରସି ଲଗାଇ ଆତ୍ମହତ୍ୟା ଉଦ୍ୟମ କଲା। ଘର ଲୋକେ ଉଦ୍ଧାର କରି କଟକ ବଡ ମେଡିକାଲ୍‌କୁ ନେଲା ବେଳକୁ ସେଠାରେ କେହି କିଛି ଶୁଣିବା ଅବସ୍ଥାରେ ନଥିଲେ। ଠିକ୍ ସମୟରେ ଚିକିତ୍ସା ଅଭାବରୁ ସବୁ ଦିନ ପାଇଁ ଆଖି ବୁଜି ଦେଲା ଇଲି। ଆଜି ଏପ୍ରକାର ଅଭାବନୀୟ ଘଟଣାକୁ ନେଇ କଲ୍ୟାଣୀ ନଗର ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି।

କଲ୍ୟାଣୀନଗରରେ ରହୁଥିବା ବିନୋଦ ନାୟକ ଓ ଝୁନି ନାୟକଙ୍କ ଝିଅ ଇଲି (୧୨) ଆଜି ସକାଳରେ ସ୍କୁଲ ନଯିବାରୁ ମା' ଝୁନି ଆକଟ କରିଥିଲେ। ଏଥିରେ ବିରକ୍ତ ହୋଇ ଇଲି ସକାଳ ୯ଟାରେ ଘର ଭିତରେ ବେକରେ ରସି ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲା। କିନ୍ତୁ ଘରେ କବାଟ ନଥିବାରୁ ଶବ୍ଦ ଶୁଣି ସଂଗେ ସଂଗେ ଘର ଲୋକେ ଇଲିକୁ ଉଦ୍ଧାର କରିଥିଲେ। ଘରେ ଇଲି ପାଣି ମାଗିଥିଲା। ଦୁଇ ଟାଟିଆ ପାଣି ମଧ୍ୟ ପିଇଥିଲା। ସଂଗେ ସଂଗେ ଭାଇ ଶୁକ ଓ ଆଈ ତାରା ଇଲିକୁ ବଡ଼ ମେଡିକାଲକୁ ନେଇଥିଲେ। କିନ୍ତୁ କାଜୁଆଟିଲିରେ ଥିବା ଡାକ୍ତରମାନେ ଇଲିକୁ ଦେଖି ନଥିଲେ। ତାରା ସେମାନଙ୍କ ଗୋଡହାତ ଧରିଥିଲେ ମଧ୍ୟ କେହି କିଛି ଶୁଣିଲେ ନାହିଁ। ସେତେବେଳେ ଇଲି ଠିକ୍ ଥିଲା ବୋଲି ଆଈ ତାରା କହିଛନ୍ତି। ମେଡିକାଲ୍‌ରେ କେତେଆଡେ ବୁଲିବା ପରେ ଇଲିକୁ ଶେଷରେ ଶିଶୁ ଓ୍ୱାର୍ଡକୁ ନିଆଗଲା। କିନ୍ତୁ ସେତେବେଳକୁ ଇଲିର ଆଉ ପ୍ରାଣ ନଥିଲା। ଏଠି ସେଠି ହୋଇ ବହୁ ସମୟ ଗଲା। ପ୍ରଥମରୁ ଚିକିତ୍ସା ହୋଇଥିଲେ ମୋ ନାତୁଣି ସୁସ୍ଥ ହୋଇ ଘରକୁ ଫେରିଥାନ୍ତା ବୋଲି କହିଛନ୍ତି ତାରା। ଡାକ୍ତରମାନେ ତାଙ୍କୁ ମାରିଦେଲେ, ସେମାନଙ୍କ କଥା ଉପରବାଲା ବୁଝିବ ବୋଲି ତାରା କହିଛନ୍ତି।

ଭଲ ପିଲାଟାକୁ ମାରିଦେଲେ, ରୋଗୀକୁ କ'ଣ ଏମାନେ ବଞ୍ଚାଇବେ ବୋଲି ଘଟଣାରେ ମର୍ମାହାତ ହୋଇ ସ୍ଥାନୀୟ କର୍ପୋରେଟର ରଞ୍ଜିତା କରଣ କହିଛନ୍ତି। ସରକାରଙ୍କ ପକ୍ଷରୁ ଦଳିତଙ୍କ ପାଇଁ ରହିଥିବା ସ୍ୱତନ୍ତ୍ର ସୁବିଧା ବଡ଼ ମେଡିକାଲରେ ଦଳିତ ନାବାଳିକା ଇଲିର ଚିକିତ୍ସାରୁ ହିଁ ଜଣାପଡ଼ିଛି। ଗୋଟିଏ ପଟେ ସରକାର ବିନୋଦର ଘର ଭାଂଗି ଦେଇଥିବା ବେଳେ ଆଜି ଡାକ୍ତରଙ୍କ ଚିକିତ୍ସା ଅବହେଳା ଯୋଗୁ ତାଙ୍କ ଝିଅ ଇଲିକୁ ହରାଇବାକୁ ପଡ଼ିଛି ବୋଲି ଶ୍ରୀମତୀ କରଣ ଅଭିଯୋଗ କରିଛନ୍ତି। ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ଇଲି ପରିବାରକୁ କ୍ଷତିପୂରଣ ଦେବାକୁ ଦାବି ହୋଇଛି।

---

**ମା' ଛାଡ଼ି ଚାଲି ଯାଇଥିଲା, ଏବେ ବାପା...**

# ଭାଗ୍ୟ ସହ ୩ ଶିଶୁଙ୍କ ଲଢ଼େଇ

**ଧର୍ମଗଡ ,ତା୧୫।୭(ପିଏନ୍ଏସ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଗୋଟୋମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ କୁଲେରଗୁଡା ଗ୍ରାମର ୩ ଜଣ ଶିଶୁ ଆଜି ଅସହାୟ ହୋଇ ପଡ଼ି ରହିଛନ୍ତି। ସେମାନଙ୍କ ମଧ୍ୟରୁ ବଡ଼ର ବୟସ ୪ ବର୍ଷ। ତା' ତଳ ଶିଶୁ ଦୁଇଜଣଙ୍କୁ ଯଥାକ୍ରମେ ୩ ବର୍ଷ ଏବଂ ଦେଢ଼ ବର୍ଷ। ଏହି ତିନିଜଣଙ୍କୁ ଛାଡ଼ି ବାପାମା' କେଉଁଆଡ଼କୁ ଚାଲି ଯାଇଛନ୍ତି। ଏବେ ସେମାନଙ୍କ ପାଇଁ ଆକାଶ ହେଉଛି ବାପା ଆଉ ପୃଥିବୀ ହେଉଛି ମା'। ମାତ୍ର, ଶାରୀରିକ ଅସୁସ୍ଥତା ଯୋଗୁ ଆକାଶ ଏବଂ ପୃଥିବୀକୁ ଭରସା କରି ଏହି ପିଲା ତିନିଜଣ କେମିତି ସଂଘର୍ଷ କରି ଜୀବନ ରଖିବେ, ତାହାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ଅନୁସାରେ, କୁଲେରଗୁଡା ଗ୍ରାମର କାହ୍ନୁଚରଣ ହଂସ ଗତ ୧୦ବର୍ଷ ତଳେ ଧର୍ମଗଡ ବ୍ଲକ ଡେଣ୍ଡାପାଲି ପଂଚାୟତର ଶାଗବାହାଲି ନିକଟ ତେଲିପଡା ଗ୍ରାମର ପ୍ରଫୁଲ୍ଲ ନାମ୍ନୀ ମହିଳାଙ୍କୁ ବିବାହ କରିଥିଲେ। ପରେ ସେମାନଙ୍କ କୋଳରେ ୩ଟି ପିଲା ଜନ୍ମଲାଭ କରିଥିଲେ। ପ୍ରଥମ ଶିଶୁର ନାମ ଟଂକୁ ୪ ବର୍ଷ ହୋଇଥିବା ବେଳେ ତା'ତଳ ବିଷ୍ଣୁର ବୟସ ୩ବର୍ଷ ଏବଂ ସବା ସାନ ଝିଅର ବୟସ ଦେଢ ବର୍ଷ। ଗାଁ ଲୋକଙ୍କ କହିବାନୁସାରେ, ସାନ ଝିଅ ଜନ୍ମ ହେବାର ୬ମାସ ପରେ କାହ୍ନୁ ପାଗଳ ଭଳି ଆଚରଣ କରୁଥିଲେ। ଧୀରେଧୀରେ ଏହି ପାଗଳାମି ବଢ଼ିବାକୁ ଲାଗିଲା। ଉଭୟ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଗଣ୍ଡଗୋଳ ବି ହେଲା। ଏପରିକି କାହ୍ନୁ ପତ୍ନୀ ପ୍ରଫୁଲ୍ଲଙ୍କୁ ମାରଣାସ୍ତ୍ର ଧରି ଗୋଡ଼ାଇବାରୁ ସେ ୩ ମାସ ହେବ



ଘର ଛାଡ଼ି ଚାଲି ଯାଇଛି। ମା' ଚାଲି ଯିବା ପରେ ପାଗଳ କାହ୍ନୁ କିଛି ଦିନ ପିଲାମାନଙ୍କ ଦେଖାଶୁଣା କରିଥିଲେ। ମାତ୍ର, ଗତ ମଙ୍ଗଳବାର ଠାରୁ ସେ ବି କେଉଁ ଆଡ଼କୁ ଚାଲି ଯାଇଛନ୍ତି। ପାଖ ପଡିଶା ଲୋକେ ଖୋଜାଖୋଜି କଲା ପରେ ବି କାହ୍ନୁର ପତ୍ତା ମିଳିନାହି। ବାପା ଚାଲି ଯିବା ପର ଠାରୁ ୩ଜଣ ଶିଶୁଙ୍କୁ ଗ୍ରାମବାସୀ ସାହାରା ଦେଇ ରଖିଛନ୍ତି। ଗ୍ରାମବାସୀ ସାହାରା ସିନା ଦେଇଛନ୍ତି ମାତ୍ର ଜନ୍ମକଲା ବାପାମା' ଠାରୁ ଯେଉଁ ସ୍ନେହ ମିଳିବା କଥା ତାହା କେହି ଦେଇପାରୁ ନାହାନ୍ତ ବୋଲି ଗ୍ରାମର କୁଂଜ ସୋରି,ଲଳିତ ହଂସ,ପଦ୍ମ ହଂସ ପ୍ରମୁଖ ପ୍ରକାଶ କରୁଛନ୍ତି। ଅନ୍ୟପକ୍ଷରେ, ୩ଜଣ ଶିଶୁଙ୍କର ଥାଇଥାନ ପାଇଁ ବ୍ଲକ ପ୍ରଶାସନକୁ ଗ୍ରାମବାସୀ ଜଣାଇଥିଲେ। ସୂଚନା ପାଇ କୋକସରା ବ୍ଲକର ଏବିଡିଓ ଗୋପାଳକୃଷ୍ଣ ମିଶ୍ର, ଜିଲ୍ଲା ପରିଷଦ ସଦସ୍ୟ ବିଟଂଚି ନାରାୟଣ ପଣ୍ଡା ଓ ବ୍ଲକ ଅଧ୍ୟକ୍ଷା ପ୍ରତିନିଧି ଜିତେନ୍ଦ୍ର ପ୍ରଧାନୀ କୁଲେରଗୁଡା ଗସ୍ତକରି ଘଟଣାର ତଦନ୍ତ କରି ରବିବାର ଦିନ ସ୍ଥାନୀୟ ଅଙ୍ଗନୱାଡି କର୍ମୀଙ୍କ ଜରିଆରେ କୋକସରା ଡାକ୍ତରଖାନାକୁ ନେଇ ୩ଜଣ ଶିଶୁଙ୍କର ଚିକିତ୍ସା କରିବାକୁ କହିଥିଲେ। ଏନେଇ କୋକସରା ବିଡିଓ ଦେବଦତ୍ତ ମହାନ୍ତ ଜିଲ୍ଲା ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀକୁ ଜଣାଇ ଦେଇଥିବା ଜଣାପଡିଛି। ପ୍ରଶାସନିକ ଅଧିକାରୀ ମାନେ ତୁରନ୍ତ ୩ ଅସହାୟ ଶିଶୁଙ୍କୁ ଉଦ୍ଧାର କରି ସେମାନଙ୍କର ଭରଣ ପୋଷଣ କରିବାକୁ ଗ୍ରାମବାସୀ ମାନେ ଦାବି କରିଛନ୍ତି।

# ଗଣଦୁଷ୍କର୍ମ ପୀଡ଼ିତାଙ୍କ ଆତ୍ମହତ୍ୟା

ବ୍ରହ୍ମପୁର,୧୫।୭(ଇମିସ): ନ୍ୟାୟ ମିଳିଲାନି କି ସୁରକ୍ଷା। ବରଂ ଦିନକୁ ଦିନ ଅସହ୍ୟ ହେଲା ଲୋକଲଜ୍ଜା। ସମାଜର ଟାହିଟପରାକୁ ଭୟ କରି ଶେଷରେ ବ୍ରହ୍ମପୁର ଗୋସାଇଁ ନୂଆଗାଁ ଥାନା ଅନ୍ତର୍ଗତ ରାଜଧୋବା ସାହିର ଗଣଦୁଷ୍କର୍ମ ଶିକାର ନାବାଳିକା ପୀଡ଼ିତା ନିଜ ଜୀବନ ହାରି ଦେଇଛନ୍ତି। ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଗଣଦୁଷ୍କର୍ମ ପରେ ପୀଡ଼ିତା (ଛଦ୍ମନାମ କୁନି) ପ୍ରବଳ ମାନସିକ ବିଷାଦ ମଧ୍ୟ ଦେଇ ଗତି କରୁଥିଲେ। ଆଜି ଅପରାହ୍ଣରେ ଘରେ ସମସ୍ତେ ଖାଇସାରି ଶୋଇବା ପରେ କୁନି ବେକରେ ଦଉଡ଼ି

- ମିଳିଲାନି ନ୍ୟାୟ କି ସୁରକ୍ଷା
- କାଉନ୍ସେଲିଂ ହୋଇଥିଲେ ହୁଏତ ବଞ୍ଚିଯାଇଥାନ୍ତେ 'କୁନି'

ଦେଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ବ୍ରହ୍ମପୁର ବଡ଼ ମେଡିକାଲକୁ ଅଣା ଯାଇଥିଲା। କିନ୍ତୁ ଡାକ୍ତର କୁନିଙ୍କୁ ମୃତ ଘୋଷଣା କରିଥିଲେ। ଲୋକଲଜ୍ଜା ଭୟରେ କୁନି ଆତ୍ମହତ୍ୟା ପାଇଁ ମନସ୍ଥ କରିଥିବା ଏବଂ ଶେଷରେ ସେୟା କରିଥିବା ପୁଲିସ ଅନୁମାନ କରୁଛି। ଆସନ୍ତା କାଲି କୁନିଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ଏ ନେଇ ଗୋସାଇଁ ନୂଆଗାଁ ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଏସ୍‌ଡିପିଓ ଠାକୁର ପ୍ରସାଦ ପାତ୍ର କହିଛନ୍ତି।

➡ ୯

# ଗଣଦୁଷ୍କର୍ମ ପୀଡ଼ିତାଙ୍କ ...

ଗତ ମାସ ୧୭ତାରିଖରେ ଦଶମ ଶ୍ରେଣୀର ଛାତ୍ରୀ କୁନି ଟ୍ୟୁସନ୍ ପାଇଁ ସନ୍ତୋଷୀ ମା' ମନ୍ଦିର ସାହି ନିକଟକୁ ଯାଇଥିଲେ। ଏହି ସମୟରେ ରାଜଧୋବା ସାହିର ଘାସି ସ୍ବାଇଁ ତାଙ୍କୁ ଆସି ଧମକଚମକ ଦେଇ ନିଜ ସାଇକଲରେ ବସାଇଥିଲା। ଏହାପରେ ଖଜୁରିଆ ବାଇପାସ୍ ରୋଡ୍ ନିକଟ ପ୍ଲଟିଂ ହେଉଥିବା ନିର୍ଜ୍ଜନ ସ୍ଥାନକୁ ନେଇ ବଳପୂର୍ବକ ତାଙ୍କ ସହ ଦୁଷ୍କର୍ମ କରିଥିଲା। ଏହାସହ ଘାସିର ତିନଜଣ ସହଯୋଗୀ ଅରୁଣ ସେଠୀ, ଚିକୁ ସେଠୀ ଓ ପିଙ୍କୁ ସେଠୀ ମଧ୍ୟ ନାବାଳିକା ସହ ଦୁଷ୍କର୍ମ କରିଥିଲେ।

ପୁଲିସ ଇତିମଧ୍ୟରେ ଘଟଣାର ମାଷ୍ଟର ମାଇଣ୍ଡ୍ ଘାସି ସମେତ ଅରୁଣ, ଚିକୁ, ପିଙ୍କୁକୁ ଗିରଫ ଓ କୋର୍ଟ୍ ଚାଲାଣ କରିଥିଲା। ଘଟଣା ସଂପର୍କରେ ବିଭିନ୍ନ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିଲା। ତେବେ ଘଟଣା ଦିନଠୁ ପ୍ରବଳ ମାନସିକ ଅବସାଦ ଓ ଦୁଶ୍ଚିନ୍ତା ମଧ୍ୟରେ ରହିଥିଲେ କୁନି। କିନ୍ତୁ ଏଭଳି ଜଟିଳ ପରିସ୍ଥିତିରେ ଥିବା କୁନିଙ୍କୁ ଆଶ୍ୱାସନା ଦେବା ଅଥବା ତାଙ୍କ ଦୁଃଖରେ ସମଭାଗୀ ହେବା ପାଇଁ କେହି ଉଦ୍ୟମ କରି ନଥିଲେ। ପୁଲିସ କି ପ୍ରଶାସନ ତାଙ୍କର କାଉନ୍ସେଲିଂ କରି ନଥିଲେ। କୌଣସି ମହିଳା ସଂଗଠନ କି ସ୍ୱେଚ୍ଛାସେବୀ ସଂଗଠନ ବି ଏ ଦିଗରେ ଆଗକୁ ଆସିନଥିଲେ। ତା ହୋଇଥିଲେ ହୁଏତ କିଛିଟା ଆଶ୍ୱାସନା ଓ ସମବେଦନାର ସାହାରାରେ କୁନିଙ୍କୁ ଏକ ନୂଆ ଜୀବନ ମିଳି ପାରିଥାନ୍ତା ବୋଲି ଆଲୋଚନା ହେଉଛି।

କୁନିଙ୍କ ମୃତ୍ୟୁ ଘଟଣାକୁ ନେଇ ତାଙ୍କର ବଡ଼ଭଉଣୀଙ୍କ କହିବା ହେଲା, ଗଣଦୁଷ୍କର୍ମର ଶିକାର ହେବା ଦିନଠୁ କୁନି ସବୁବେଳେ ମାନସିକ ଦୁଶ୍ଚିନ୍ତା ମଧ୍ୟରେ ରହୁଥିଲେ। ମନ ମାରି ସବୁ ବେଳେ ଶୋଇ ବସି ରହୁଥିଲେ। ସ୍କୁଲ୍ ଏବଂ ଟ୍ୟୁସନ୍ ଯାଉ ନଥିଲେ। ବାହାରକୁ ଜମାରୁ ବାହାରୁ ନଥିଲେ। ସାହି ଲୋକଙ୍କ ଟାହିଟପରାରୁ ରକ୍ଷା ପାଇବା ପାଇଁ ସେ ସବୁବେଳେ ଘର ଭିତରେ ହିଁ ରହୁଥିଲେ। ବେଳେବେଳେ କାନ୍ଦି କାନ୍ଦି କହୁଥିଲେ, ମତେ ଭଲ ଲାଗୁନି। ଏଥିପାଇଁ ମରିଗଲେ ହିଁ ଭଲ। ଆଜି ଅପରାହ୍ଣ ୨ଟାରେ ଖାଇସାରିବା ପରେ ଶୋଇ ଯାଇଥିଲେ। ଏ ସମୟରେ କୁନି ଆଉ ଏକ କୋଠରୀକୁ ଯାଇ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା କୁନିଙ୍କ ବଡ଼ ଭଉଣୀ ପୁଲିସ ସମ୍ମୁଖରେ କହିଛନ୍ତି। ପୁଲିସ ଉକ୍ତ ରଶିକୁ ଜବତ କରିଛି। ତେବେ ଗଣମାଧ୍ୟମ ସମ୍ମୁଖରେ କୁନିଙ୍କ ବଡ଼ଭଉଣୀ ବିଶେଷ କିଛି କହି ନଥିଲେ। ତାଙ୍କ ମା ଓ ଭାଇ ମଧ୍ୟ ଆତ୍ମହତ୍ୟା ନେଇ କିଛି କହି ପାରିନାହାନ୍ତି।

# ଗୋଡ଼ହାତ କାଟି ଛାତ୍ରକୁ ହତ୍ୟା, ବଳି ସନ୍ଦେହ

ଖଡ଼ିଆଳ,୧୩।୭(ଇମିସ): ୪ ଦିନ ତଳେ ନିଖୋଜ ଥିବା ୧୧ ବର୍ଷ ବୟସ୍କ ଛାତ୍ରର ଶବ ଶନିବାର ଦିନ ଏକ ପାହାଡ଼ରେ ପଡ଼ିଥିବା ଦେଖିବାକୁ ମିଳିଛି। ଏହି ଛାତ୍ରର ହାତ ଗୋଡ଼କୁ କାଟି ହତ୍ୟା କରାଯାଇଥିବା ଜଣାଯାଇଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ସନ୍ଧାନୀ କୁକୁର ଦ୍ୱାରା ତଦନ୍ତ ଆରମ୍ଭ କରିଛି।

ଘଟଣାରୁ ପ୍ରକାଶ ଯେ ଖଡ଼ିଆଳ ବ୍ଲକ୍ ଅନ୍ତର୍ଗତ ଲଛିପୁର ଗାଁରେ ରହୁଥିବା ଗୋପାଳ ସତନାମୀଙ୍କ ପୁଅ ମୋହିତ (୧୧) ଚତୁର୍ଥ ଶ୍ରେଣୀରେ ପଢୁଥିଲା। ଗତ ୧୦ ତାରିଖ ଦିନ ରଥଯାତ୍ରା ପାଇଁ ସ୍କୁଲ୍ ଛୁଟି ଥିବାରୁ ମୋହିତ ସ୍କୁଲ୍ ପରିସରକୁ ଖେଳିବାକୁ ଯାଇଥିଲା। ପରେ ୧୦ଟା ବେଳେ ପଡ଼ାରେ ହେବାକୁ ଥିବା ଏକ ବାହାଘରରେ ମୋହିତ ମଧ୍ୟ ନାଚି ଥିଲା। କିନ୍ତୁ, ହଠାତ୍ ୧୧ଟା ସମୟରୁ ମୋହିତର ଆଉ ଦେଖା ମିଳି ନଥିଲା। ସଂପର୍କୀୟ ଲୋକେ ଖୋଜା ଖୋଜି କରିଥିଲେ। ହେଲେ ତା'ର ସନ୍ଧାନ ମିଳି ନଥିଲା। ଏନେଇ ସଂପର୍କୀୟମାନେ ରାଜ୍ୟ ବାହାରେ ଥିବା ମୋହିତଙ୍କ ବାପାଙ୍କୁ ୧୧ ତାରିଖରେ ଫୋନ୍ ଯୋଗେ ଜଣାଇବା ସହ ଖଡ଼ିଆଳ ଥାନାରେ ଅଭିଯୋଗ କରିଥିଲେ। ଆଜି ମୋହିତର ଶବ ଗାଁ ପାଖ ପାହାଡ଼ରେ ପଡ଼ିଥିବା ଚର୍ଚ୍ଚା ହୋଇଥିଲା। ପ୍ରଥମେ ଗାଈ ଚରାଳିମାନେ ଶବ ଦେଖି ସଂପର୍କୀୟମାନଙ୍କୁ ଜଣାଇଥିଲେ। ପରେ ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚିଥିଲା। ଶବଟି ପଚି ଯାଇଥିବା ବେଳେ ହାତ ଗୋଡ଼ କଟା ଯାଇଥିବା ଦେଖିବାକୁ ମିଳିଥିଲା। ଶବର କିଛି ଦୂରରେ ଏକ ଦା' ପଡ଼ିଥିବା ଦେଖିବାକୁ ମିଳିଥିଲା।

➡ ୯

# ଦଳିତ ନାବାଳକକୁ ସାତବେଣ୍ଟିଆ

କଟକ-ମହାନଦୀବିହାର, ୧୭।୭ (ଇମିସ): କଟକ ସଦର ଅଞ୍ଚଳର ସାର୍ତୋଳ ଗ୍ରାମରେ ଆଜି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜଣେ ଦଳିତ ନାବାଳକକୁ ଜଣେ ଗାଁ'ର ଅନ୍ୟ ଜଣେ ଯୁବକ ସାତବେଣ୍ଟିଆ କରି ଗ୍ରାମରେ ବୁଲାଇବା ଘଟଣା ବିଭିନ୍ନ ମହଲରେ ଉଦ୍‌ବେଗ ସୃଷ୍ଟି କରିଛି। ଥାନାରେ ସଂପୃକ୍ତ ନାବାଳକର ବାପା ଅଭିଯୋଗ କରିଥିବା ବେଳେ ଯୁବକ ଜଣକ ଶାସକ ଦଳର

## ସାର୍ତୋଳରେ ଉତ୍ତେଜନା

ପ୍ରଭାବଶାଳୀ ବ୍ୟକ୍ତିଙ୍କ ଜରିଆରେ ମାମଲାକୁ ଚପାଇ ଦେବାକୁ ଉଦ୍ୟମ କରୁଛନ୍ତି। ଏଥିପାଇଁ କେତେକ ବ୍ୟକ୍ତିଙ୍କ ଜରିଆରେ ମାମଲାର ଆପୋଷ ସମାଧାନ କରି ଥାନାରୁ ମାମଲା ଉଠାଇ ଦେବାକୁ ଉଦ୍ୟମ ଚାଲିଥିବା ଜଣା ପଡିଛି।

ସୂଚନା ଅନୁଯାୟୀ ଗତକାଲି ସକାଳ ପ୍ରାୟ ୧୦ଟା ବେଳେ ମଧୁପାଟଣା ଥାନା ସାର୍ତୋଳ ଭୋଇ ସାହିର ବାବାଜୀ ଦାସଙ୍କ ପୁଅ ବିକାଶ ଦାସ (୧୪) କାଠଯୋଡିକୁ ଗାଧୋଇବାକୁ ଯାଇଥିଲା। ସେହି ସମୟରେ ସେଠାରେ ଗାଧୋଉଥିବା ସାର୍ତୋଳ ଅଞ୍ଚଳର ଜଣେ ଯୁବକ ତାକୁ ଟଣାଓଟରା କରିବା ସହିତ ପାଣି ଭିତରକୁ ଠେଲାଠେଲି କରିଥିଲା। ବିକାଶ ଏହି ଘଟଣାର ପ୍ରତିବାଦ କରିବାରୁ ସଂପୃକ୍ତ ଯୁବକ ତାକୁ ମାଡ ମାରିବା ସହିତ ପାଣିରେ ବୁଡାଇ ରଖିଥିଲା। ପରେ ତାକୁ ଜୋରଜବରଦସ୍ତ ➥ ୯

# ଦଳିତ ନାବାଳକକୁ...

ଲଣ୍ଡା କରି ସ୍ଥାନୀୟ ଅଞ୍ଚଳରେ ବୁଲାଇଥିଲା। ବିକାଶ ଏ ସଂପର୍କରେ ଘରେ କହିବା ପରେ ତା'ର ବାପା ବାବାଜୀ ଦାସ ଘଟଣା ସଂପର୍କରେ ମଧୁପାଟଣା ଥାନାରେ ଅଭିଯୋଗ କରିଥିଲେ। ଏ ପ୍ରକାର ଘଟଣା ସଂପର୍କରେ ମଧୁପାଟଣା ଥାନା ପୁଲିସ୍ ଅବଗତ ଥିବା ମଧ୍ୟ ସ୍ୱୀକାର କରିଛି। କିନ୍ତୁ ଗ୍ରାମର କିଛି ଲୋକ ଘଟଣାର ଆପୋଷ ସମାଧାନ ପାଇଁ ସଂପୃକ୍ତ ଅଭିଯୋଗକାରୀଙ୍କୁ ଫେରାଇ ନେଇଥିବାରୁ ଏଯାଏ ବିଧିବଦ୍ଧ ଭାବେ କୌଣସି ମାମଲା ରୁଜୁ ହୋଇନାହିଁ ବୋଲି ପୁଲିସ୍ କହିଛି। ଅନ୍ୟପକ୍ଷରେ ଏହି ଘଟଣାରେ ପୁଲିସ୍ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅଭିଯୁକ୍ତଙ୍କୁ ଗିରଫ କରିବାକୁ ସ୍ଥାନୀୟ ଅଞ୍ଚଳରେ ମତ ପ୍ରକାଶ ପାଇଛି।

# ଝିଅକୁ ବିଷ ପିଆଇ ମାରିଲା ମା

ହିନ୍ଦୋଳ, ୨୧।୭(ଇମିସ): ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ାରେ ପାଞ୍ଚ ମାସର ନିଷ୍ପାପ ଶିଶୁଟିଏ କିନ୍ତୁ ବଳିପଡ଼ିଗଲା। ଗର୍ଭଧାରିଣୀ ମାଆ ନିଜ ହାତରେ ଶିଶୁ କନ୍ୟାଟିକୁ ବିଷ ଦେଇ ମାରି ଦେଇଥିବା ଅଭିଯୋଗ ହୋଇଛି। ଢେଙ୍କାନାଳ ଜିଲ୍ଲା ରାସୋଳ ଥାନା ଘୋଡ଼ାଡିଆଁ ଗ୍ରାମରେ ଗତକାଲି ଘଟିଛି ଏ ଅଭାବନୀୟ ଘଟଣା।

ପୁଲିସ ସୂତ୍ରରୁ ପ୍ରକାଶ, ଗ୍ରାମର ପ୍ରଭାକର ସାହୁ ଓ ତାଙ୍କ ପତ୍ନୀ ଝରଣା ସାହୁଙ୍କ ମଧ୍ୟରେ ଗତକାଲି ଅପରାହ୍ଣରେ କୌଣସି କାରଣକୁ ନେଇ ଝଗଡ଼ା ହୋଇଥିଲା। ପ୍ରଭାକର ଦିନ ମଜୁରିଆ ଭାବେ କାମ କରୁଛନ୍ତି। ଗତକାଲି ଅପରାହ୍ଣରେ କାମରୁ ଫେରି ପ୍ରଭାକର ଭାତ ଦେବାକୁ ଝରଣାଙ୍କୁ କହିଥିଲେ। ଝରଣା ତାଙ୍କୁ ପଖାଳ ଭାତ ବାଢ଼ି ଦେଇଥିଲା। ତାଙ୍କ ପାଇଁ କାହିଁକି ଗରମ ଭାତ ରୋଷେଇ ହୋଇ ନାହିଁ ବୋଲି କହି ପ୍ରଭାକର ସ୍ତ୍ରୀ ଝରଣା ସହ ଝଗଡ଼ା କରିଥିଲେ। ତୁରନ୍ତ ଭାତ ରାନ୍ଧିବାକୁ କହି ପ୍ରଭାକର ନିକଟସ୍ଥ ଲହଡ଼ା ଗାଁ' ଆଡକୁ ପଳାଇ ଯାଇଥିଲେ। କିଛି ସମୟ ପରେ ସ୍ତ୍ରୀ ଝରଣା ମଧ୍ୟ ୫ ମାସର





ଝିଅ ପଦ୍ମିନୀକୁ ଏକୁଟିଆ ଛାଡ଼ି ବାପଘର ଖୁଲୁଆ ଗ୍ରାମକୁ ପଳାଇ ଯାଇଥିଲା। କିଛି ସମୟ ପରେ ପଦ୍ମିନୀ ପ୍ରବଳ ବାନ୍ତି କରିବା ସହିତ ଅଚେତ୍ ହୋଇଯିବାରୁ ଝରଣାର ସାନ ଭଉଣୀ ଫୋନ୍ କରି ପ୍ରଭାକରଙ୍କୁ ଜଣାଇଥିଲା। ପ୍ରଭାକର ଆସି ଦେଖିଲା ବେଳକୁ ଘରେ ପଦ୍ମିନୀର ନିଶ୍ଚଳ ଶରୀର ପଡ଼ିରହିଥିଲା। ପ୍ରଭାକର ଶ୍ୱଶୁର ଘରୁ ଝରଣାଙ୍କୁ ଆଣିବା ସହ ଗ୍ରାମରକ୍ଷୀଙ୍କୁ ଘଟଣା ସଂପର୍କରେ ଜଣାଇ ଥାନାକୁ ଯାଇଥିଲେ। ଝରଣା ବି ଥାନାରେ ଆତ୍ମସମର୍ପଣ କରିଥିଲା। କନିୟର ମଂଜି ବାଟି ନିଜ ହାତରେ ପଦ୍ମିନୀକୁ ପିଆଇ ଦେଇଥିଲା ବୋଲି ଝରଣା ପୁଲିସ ନିକଟରେ ସ୍ୱୀକାର କରିଥିବା ଜଣାଯାଇଛି। ପ୍ରଭାକର ତାଙ୍କ ସାନ ଭଉଣୀକୁ ଭଲ ପାଉଛନ୍ତି। ତେଣୁ ଅଧିକାଂଶ ସମୟରେ ତାଙ୍କ ସହିତ ଝଗଡ଼ା କରି ମାଡ଼ପିଟ୍ କରିବାରୁ ଝିଅକୁ ବିଷ ଦେଇ ଦେଲି ବୋଲି ଝରଣା ପୁଲିସକୁ କହିଥିଲା। ପୁଲିସ ଗତ ରାତିରେ ପଦ୍ମିନୀର ଶବ ଜବତ କରି ଆଜି ହିନ୍ଦୋଳ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଥିଲା। ସୂଚନାଯୋଗ୍ୟ, ଝରଣାଙ୍କର ଦୁଇ ବର୍ଷ ବୟସର ଆଉ ଏକ ଝିଅ ଅଛି।

# ଛାତ୍ରୀଙ୍କୁ ବିଲରେ ଖଟାଇ ଅଡୁଆରେ ଶିକ୍ଷୟିତ୍ରୀ

ହରିଚନ୍ଦନପୁର, ୨୧।୭(ଇମିସ): ହରିଚନ୍ଦନପୁର ବ୍ଲକ୍ ଜୁଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଥିବା ଛାତ୍ରାବାସର ୪ ଜଣ ଛାତ୍ରୀଙ୍କ ସମେତ ସ୍କୁଲର ୯ ଜଣ ଛାତ୍ରୀଙ୍କୁ ଗତକାଲି ସ୍କୁଲର ଜଣେ ଶିକ୍ଷୟିତ୍ରୀ ନିଜ ଜମିରେ କାମ କରାଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସ୍କୁଲର ପ୍ରଥମ ଶ୍ରେଣୀର ଛାତ୍ରୀ ସରସ୍ୱତୀ ଦଳେଇ, ଚତୁର୍ଥ ଶ୍ରେଣୀ ଛାତ୍ରୀ ମୀରା ଜୁଆଙ୍ଗ, ଯାଇ ଜୁଆଙ୍ଗ, ସୁଜାତା ଜୁଆଙ୍ଗ ଙ୍କ ସମେତ ସ୍କୁଲର ପଞ୍ଚମ ଶ୍ରେଣୀର ଛାତ୍ରୀ ରଚନା ନାଏକ, ପ୍ରଥମ ଶ୍ରେଣୀର ଛାତ୍ରୀ ସନ୍ଧ୍ୟାରାଣୀ ନାଏକ, ପଙ୍କଜିନୀ ନାଏକ, ଅଞ୍ଜନି ନାଏକ, ପଞ୍ଚମ ଶ୍ରେଣୀ ଛାତ୍ରୀ ଗୀତାରାଣି ନାଏକଙ୍କୁ ହଷ୍ଟେଲ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ନିଜ ଜମିରେ କାମ କରାଇବାକୁ ନେଇଥିଲେ। ସନ୍ଧ୍ୟା ସମୟରେ ଛାତ୍ରୀମାନେ ଓଦା ହୋଇ ଫେରୁଥିବାବେଳେ ଗ୍ରାମବାସୀ ଏହା ଦେଖିଥିଲେ। ସେମାନେ ଛାତ୍ରୀମାନଙ୍କୁ ପଚାରିବାରୁ ଘଟଣା ପଦାକୁ ଆସିଥିଲା। ଉତ୍ତ୍ୟକ୍ତ ଗ୍ରାମବାସୀ ବିଦ୍ୟାଳୟ ଘେରାଉ କରିଥିଲେ। ପଣ୍ଡାପଡା ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଇଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ଘଟଣା ନେଇ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ୟାମରାମ ସିଂ ଜୁଙ୍ଗା ସ୍କୁଲକୁ ଯାଇ ତଦନ୍ତ କରି ଫେରିଥିବା ଜଣାପଡିଛି। ତଦନ୍ତ ପରେ ସଂପୃକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ସିଂ ସୂଚନା ଦେଇଛନ୍ତି।

# ବର୍ଷାପାଣି ଘେରରେ ସ୍କୁଲ୍



ବାଲିଅନ୍ତା, ୨୧।୭ (ଇମିସ) : ବର୍ଷା ପାଣି ଘେରରେ ରହିଛି ସ୍କୁଲ୍। ପାଣିରେ ପଶି ପାଠ ପଢ଼ିବାକୁ ଯାଉଛନ୍ତି ଛାତ୍ରଛାତ୍ରୀ। ଏପରିକି ବିଭିନ୍ନ ସମୟରେ ପାଣିରେ ପଡ଼ି ସେମାନଙ୍କ ପୋଷାକପତ୍ର ସହିତ ବହିପତ୍ର ମଧ୍ୟ ନଷ୍ଟ ହେଉଛି। ସେହିପରି ଶ୍ରେଣୀଗୃହ ମଧ୍ୟକୁ ସାପ, ଗୋଧି ଆଦି ପାଣି ଯାଉଥିବା ଅଭିଯୋଗ ହୋଇଛି। ଏପରି ଅବସ୍ଥା ଦେଖା ଦେଇଛି ବାଲିଅନ୍ତା ବ୍ଲକ୍ ଅନ୍ତର୍ଗତ କାକରୁଦ୍ରପୁର ପଞ୍ଚାୟତ ଗଣ୍ଡିଲୋ ଗ୍ରାମ ପ୍ରାଥମିକ ଓ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ସ୍କୁଲ୍‌ରେ।

ବର୍ଷାପାଣି ନିଷ୍କାସନ ପାଇଁ ଏହି ସ୍କୁଲ୍ ମଧ୍ୟରେ କୌଣସି ବ୍ୟବସ୍ଥା ହୋଇ ନାହିଁ। ସେହିପରି ଏହା ଭିତରେ ମାଟି ଫିଲିଂ ମଧ୍ୟ କରାଯାଇ ନାହିଁ। ଫଳରେ ବର୍ଷାଦିନେ ସ୍କୁଲ୍‌କୁ ଯାତାୟତ କରିବା ଏକ ପ୍ରକାର ଠପ୍ ହୋଇ ଯାଉଛି। ସ୍କୁଲ୍ ହତା ପରିସରରେ ଆଣ୍ଠୁଏ ପାଣି ଜମା ହୋଇ ରହୁଛି। ଛୋଟ ଛୋଟ ପିଲାମାନେ ପାଣି ଭିତରେ ପଶି ଯାତାୟତ କରିବାକୁ ବାଧ୍ୟ ହେଉଛନ୍ତି। ଅସାବଧାନତା ବସତଃ ଖାଲରେ ପଡ଼ିଲେ ସେମାନଙ୍କ ପୋଷାକ ଓ ବହପତ୍ର ନଷ୍ଟ ହେଉଛି। ସେହିପରି ପାଣି ଭିତରୁ ସାପ ଓ ଗାଧି ସ୍କୁଲ୍ ଗୃହ ମଧ୍ୟକୁ ପଶି ଯାଉଛନ୍ତି ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଗତ ସପ୍ତାହରେ ପାଠପଢ଼ା ସାରି ଘରକୁ ଫେରୁଥିବା ବେଳେ ପଞ୍ଚମ ଶ୍ରେଣୀର ଜଣେ ଛାତ୍ରଙ୍କ ଗୋଡ଼କୁ ସାପ କାମୁଡ଼ି ଦେଇଥିଲା। ସ୍କୁଲ୍ ପରିସରରେ ଏକ ଅଙ୍ଗନବାଡ଼ି କେନ୍ଦ୍ର ଥିବାରୁ ଛୋଟ ଛୋଟ ପିଲାମାନେ ଏଠାକୁ ଯାଇ ପାରୁ ନାହାନ୍ତି। ଦୀର୍ଘଦିନ ଧରି ପାଣି ଜମି ରହୁଥିବାରୁ ସ୍କୁଲ୍ ପରିସରରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି।

ସେହିପରି ସ୍କୁଲ୍‌ର ପାଚେରି ନଥିବାରୁ ପିଲାମାନେ ମୁଖ୍ୟରାସ୍ତାକୁ ଆସି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ସ୍କୁଲ୍ ପରିସର ମଧ୍ୟରେ ଥିବା ନଳକୂପ ଚଉତରା ନିର୍ମାଣ ହେଉ ନାହିଁ। ନିର୍ମାଣ ପରଠାରୁ ଜଳମଣି ଯୋଜନାରେ ପ୍ରକଳ୍ପ ଟାଙ୍କି ଅଚଳ ହୋଇ ଯାଇଛି।

ଏ ସଂପର୍କରେ ବରିଷ୍ଠ ନାଗରିକ କୁମର ବେହେରା, ସୁରେନ୍ଦ୍ର ନାଥନାୟକଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଜଳ ନିଷ୍କାସନ, ପାଚେରି ନିର୍ମାଣ ଓ ଶିକ୍ଷକ ଅଭାବ ଆଦି ଅନେକ ସମସ୍ୟା ରହିଛି। ମାତ୍ର ସମସ୍ୟାର ସମାଧାନ ପାଇଁ କୌଣସି ଉଦ୍ୟମ ହେଉ ନାହିଁ। ସ୍କୁଲ୍‌ର ପ୍ରଧାନଶିକ୍ଷକ ଜୟନ୍ତ କୁମାର ବେହେରାଙ୍କୁ ପଚାରିବାରୁ ସେ କହିଥିଲେ ଯେ ଉପରୋକ୍ତ ସମସ୍ୟା ସଂପର୍କରେ କର୍ତ୍ତୃପକ୍ଷ ଅବଗତ ଅଛନ୍ତି। ଟଙ୍କା ମଂଜୁର ହେଲେ ସମସ୍ୟାର ସମାଧାନ ହୋଇ ପାରିବ। ସୂଚନାଯୋଗ୍ୟ ଯେ, ୧୯୩୬ ମସିହାରେ ସ୍ଥାପିତ ହୋଇଥିବା ଏହି ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ବିଭିନ୍ନ ଉଚ୍ଚ ପଦରେ ନିଯୁକ୍ତ ହୋଇଛନ୍ତି।

## ମଧ୍ୟାହ୍ନ ଭୋଜନ ଅଘଟଣର ଅନ୍ତ ନାହିଁ

# ଡାଲ୍‌ମାରେ ଦୋମୁଣ୍ଡିଆ

ବ୍ରହ୍ମପୁର, ୨୨।୭(ଇମିସ): ବିଦ୍ୟାଳୟର କୁନି କୁନି ପିଲାଙ୍କ ଲାଗି ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି କେତେ ଖାମଖିଆଲି ଭାବେ ହେଉଛି ତା'ର ଆଉ ଏକ ଭୟଙ୍କର ଦୃଷ୍ଟାନ୍ତ ବ୍ରହ୍ମପୁର ମହାନଗରରେ ଦେଖିବାକୁ ମିଳିଛି। ପିଲାଙ୍କୁ ସୁରକ୍ଷିତ ମଧ୍ୟାହ୍ନ ଭୋଜନ ଯୋଗାଣ ପାଇଁ ସରକାର ନୂଆ ବ୍ୟବସ୍ଥା ଲାଗୁ କରିବାର ଦି ଦିନ ନ ପୂରୁଣୁ ସ୍ଥାନୀୟ କର୍ପୋରେସନ୍ ରୋଡ୍ ତାମାୟା ଟ୍ୟାଙ୍କ ପ୍ରାଥମିକ ବିଦ୍ୟାଳୟରେ ଆଜି ଜଣେ ଛାତ୍ରୀଙ୍କ ମଧ୍ୟାହ୍ନ ଭୋଜନରୁ ମଲା ଦୁଇମୁଣ୍ଡିଆ ସାପ ବାହାରିବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି।

**ଜିଆ ହୋଇଥାଇପାରେ: ସ୍ୱାସ୍ଥ୍ୟ ଅଧିକାରୀ**

**ପରୀକ୍ଷା ପାଇଁ ପଠାଗଲା ନମୁନା**

ଅବଶ୍ୟ ବିଦ୍ୟାଳୟର କୌଣସି ଛାତ୍ରଛାତ୍ରୀ ସେତେବେଳକୁ ମଧ୍ୟାହ୍ନ ଭୋଜନ ଖାଇ ନଥିବାରୁ ଏଠାରେ ସମ୍ଭାବିତ ଅଘଟଣକୁ ଏଡ଼ାଇ ଦେଇ ହୋଇଛି। ତେବେ ଏହାକୁ ନେଇ ସ୍କୁଲରେ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଛି। ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟବିଭାଗ ଅଧିକାରୀ ସ୍କୁଲ୍‌ରେ ପହଞ୍ଚି ଅଭିଭାବକଙ୍କୁ ବୁଝାସୁଝା କରିବା ସହ ଅନୁଧ୍ୟାନ ପରେ ଖାଦ୍ୟ ନମୁନା ସଂଗ୍ରହ କରିଛନ୍ତି। ଏହାକୁ ପରୀକ୍ଷା ପାଇଁ ପଠାଯାଇଛି। ଏହା ଜିଆ ହୋଇଥାଇ ପାରେ ବୋଲି ବିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସନ୍ଦେହ ପ୍ରକାଶ କରିଥିବା ବେଳେ ସ୍ଥାନୀୟ ଲୋକମାନେ ଏହା ଏକ ଦୋମୁଣ୍ଡିଆ ସାପ ଛୁଆ ବୋଲି କହିଛନ୍ତି।

ନନ୍ଦି ଫାଉଣ୍ଡେସନ ଏହି ସ୍କୁଲକୁ ମଧ୍ୟାହ୍ନ ଭୋଜନ ଯୋଗାଉଛି। ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏଁ ୫୨ ଛାତ୍ରଛାତ୍ରୀଙ୍କ ପାଇଁ ଆଜି ପ୍ରାୟ ସାଢେ ୧୨ଟା ବେଳେ → ୯



# ଡାଲ୍‌ମାରେ ଦୋମୁଣ୍ଡିଆ...

ନନ୍ଦି ଫାଉଣ୍ଡେସନର ଖାଦ୍ୟ କଣ୍ଟେନର ଆସି ପହଞ୍ଚିଥିଲା । ଦୁଇଟି କଣ୍ଟେନରରେ ଭାତ ଓ ଡାଲମା ଆସିଥିଲା । ଗୋଟାଏ ବେଳେ ପିଲାମାନେ ଖାଇବା ପାଇଁ ପ୍ଲେଟ୍ ଧରି ପହଞ୍ଚିଲେ । ପାଚିକା ବି.ନିର୍ମଳା ଖାଦ୍ୟ ପରଷୁଥିଲେ । ଚାରି ପାଞ୍ଚଜଣ ପିଲା ସେମାନଙ୍କ ପ୍ଲେଟରେ ଖାଇବା ପାଇଁ ଭାତ ଡାଲମା ନେଇ ଯାଇଥିଲେ । ଏହା ପରେ ପଂଚମ ଶ୍ରେଣୀର ଛାତ୍ରୀ ଏ.କଳ୍ପନାଙ୍କ ପ୍ଲେଟରେ ଭାତ ଓ ଡାଲ୍‌ମା ବଢ଼ା ହୋଇଥିଲା । ଏହାକୁ ଗୋଳାଇବା ବେଳେ କଳ୍ପନା ଡାଲମାରେ ଏହି ଦୋମୁଣ୍ଡିଆ ସାପଛୁଆକୁ ଦେଖି ଭୟରେ ଚିତ୍କାର କରିଉଠିଥିଲେ । ପାଚିକାଙ୍କୁ ନେଇ ଥାଳି ଦେଖାଇଥିଲେ । ସଙ୍ଗେ ସଙ୍ଗେ ବିଦ୍ୟାଳୟର ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷୟିତ୍ରୀ ଓ ପରିଚାଳନା କମିଟି ସଦସ୍ୟ ପ୍ରମୁଖ ସେଠାରେ ପହଞ୍ଚିଥିଲେ । ତୁରନ୍ତ ଏହି ଖାଦ୍ୟ ନ ଖାଇବାକୁ ସମସ୍ତ ଛାତ୍ରଛାତ୍ରୀଙ୍କୁ କୁହା ଯାଇଥିଲା । ଚାହୁଁ ଚାହୁଁ ଏହି ଖବର ଚାରିଆଡ଼େ ବ୍ୟାପି ଯାଇଥିଲା । ପ୍ରଧାନ ଶିକ୍ଷୟିତ୍ରୀ କୁମୁଦ କୁମାରୀ ପାଢ଼ୀ ସ୍ଥାନୀୟ କର୍ପୋରେଟର୍ ଏମ୍.ତେଜେଶ୍ୱର ସ୍ୱାମୀଙ୍କୁ ଖବର ଦେଇଥିଲେ । ସ୍କୁଲ୍ ପାଖରେ ଅଭିଭାବକ ମାନେ ପହଞ୍ଚି ପ୍ରବଳ ଅସନ୍ତୋଷ ଜାହିର୍ କରିଥିଲେ । ଫଳରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଥିଲା । ନନ୍ଦି ଫାଉଣ୍ଡେସନ୍‌କୁ ତୁରନ୍ତ ବନ୍ଦ କର ବୋଲି କହି ଅଭିଭାବକ ମାନେ ସ୍କୁଲ୍ ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

ଗଂଜାମ ଜିଲ୍ଲାପାଳ ଡ.କ୍ରିଷନ କୁମାରଙ୍କ ପାଖରେ ଏ ଖବର ପହଞ୍ଚିଥିଲା । ତାଙ୍କ ନିର୍ଦ୍ଦେଶରେ ବ୍ରହ୍ମପୁର ଉପଜିଲ୍ଲାପାଳ ବିଜୟ କୁମାର ଦାସ, ଡିଇଓ ସନ୍ତୋଷ କୁମାର ପାତ୍ର, ଏଡିଇଓ ପ୍ରଶାନ୍ତ କୁମାର ପାଢ଼ୀ, ବିଇଓ ପବିତ୍ର ମୋହନ ସାହୁ, ବିଏମସି ସ୍ୱାସ୍ଥ୍ୟ ଅଧିକାରୀ ଡା.ଶୁଭକାନ୍ତ ଦାସଙ୍କ ସମେତ ବହୁ ଉଚ୍ଚପଦାଧିକାରୀ ବିଦ୍ୟାଳୟରେ ପହଞ୍ଚିଥିଲେ । ଥାଳିରେ ପରଷା ଯାଇଥିବା ଡାଲମା ସହ ମିଶି ସାପଟି ଥିବା ସେମାନେ ଦେଖିଥିଲେ । ଏକ କାଠି ସହାୟତାରେ ସମସ୍ତ ଉଚ୍ଚ ପଦାଧିକାରୀଙ୍କ ଉପସ୍ଥିତିରେ ସାପକୁ ବାହାର କଲା ବେଳେ ତାହା ସିଝି ଯାଇଥିବାରୁ ଦୁଇ ଖଣ୍ଡ ହୋଇ ଯାଇଥିଲା । ଅଧିକାରୀମାନେ ଏହାର ଲମ୍ବ ମାପିଥିଲେ ଯାହା ୭ ଇଞ୍ଚରୁ ଅଧିକ ଥିଲା, ଏହାର ପେଟ ପଟ ଧଳା ଓ ପିଠି ପଟ ଛିଟ କଳା ରଙ୍ଗ ଥିଲା । ତେବେ ବିଚାର ବିମର୍ଶ କଲା ପରେ ଅଧିକାରୀମାନେ ଏହା ସାପ ନହୋଇ ପାରେ, ଜିଆ ହୋଇ ଥାଇପାରେ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ କହିଥିଲେ ।

ତେବେ ଜିଲ୍ଲା ପ୍ରଶାସନ ପକ୍ଷରୁ ନନ୍ଦି ଫାଉଣ୍ଡେସନ୍ ପକ୍ଷରୁ ଯୋଗା ଯାଇଥିବା ଏହି ଖାଦ୍ୟ ନମୁନାକୁ ସଂଗ୍ରହ କରି ପରୀକ୍ଷା ପାଇଁ ପଠା ଯାଇଥିଲା । ରିପୋର୍ଟ ଆସିବା ପରେ ପ୍ରକୃତ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ଉପଜିଲ୍ଲାପାଳ କହିଛନ୍ତି । ତେବେ କିଭଳି ପରିସ୍ଥିତିରେ ମଧ୍ୟାହ୍ନ ଭୋଜନ ଡାଲମାରେ ସାତ ଇଞ୍ଚର ଦୋମୁଣ୍ଡିଆ ପଡ଼ିଲା ଏହାକୁ ନେଇ ବର୍ତ୍ତମାନ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଖାଦ୍ୟ ରନ୍ଧନ ବେଳେ ସତର୍କତା ଅବଲମ୍ବନ କରାଯାଇ ନଥିବା, ଏହାକୁ କଣ୍ଟେନର୍‌ରେ ଭର୍ତ୍ତି କରି ବିଦ୍ୟାଳୟକୁ ଆଣିବା ପୂର୍ବରୁ ଏହାକୁ ଠିକ୍ ଭାବେ ଯାଞ୍ଚ କରା ଯାଇ ନଥିଲା ତାହାର ପ୍ରମାଣ ମିଳୁଛି । ଏହାକୁ ନେଇ ପ୍ରଶାସନର ତଦନ୍ତ ଆରମ୍ଭ ହୋଇଛି । ରୋଷେୟା, ପାଚିକା ମାନେ ଖାଦ୍ୟକୁ ଚାଖିଥିଲେ କି ନାହିଁ, ଏଭଳି ଅନେକ ପ୍ରଶ୍ନ ବର୍ତ୍ତମାନ ଅଭିଭାବକ ଉଠାଉଛନ୍ତି ।

# ନାବାଳିକା ଅପହର୍ତ୍ତା ଭଣ୍ଡବାବା ଜେଲ୍ ଗଲେ



ପାଣିକୋଇଲି ,୨୨/୭(ଇମିସ): ପାଣିକୋଇଲି ଥାନା ଅନ୍ତର୍ଗତ ଅମୃତିଆ ପଂଚାୟତର ଦେିଦାଶପାଟଣା ଗାଁରୁ ଦୁଇ ଜଣ ନାବାଳିକାଙ୍କୁ ଜଣେ ଭଣ୍ଡବାବା ଶିଷ୍ୟ କରି ଆଶ୍ରମରେ ଅବସ୍ଥାନ କରିବା ଉଦ୍ଦେଶ୍ୟରେ ଗତ ୧୯ ତାରିଖ ଦିନ ଅପହରଣ କରିଥିଲେ । ଅପହୃତା ନାବାଳିକାଙ୍କ ପରିବାର ପକ୍ଷରୁ ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ପାଣିକୋଇଲି ଥାନା ଏସ୍‌ଆଇ ଘନଶ୍ୟାମ ହେସା, ମହିଳା କନେଷ୍ଟବଳ ବୈଶାଖୀ ଧଳ ଓ ବନିତା ପରିଡ଼ା ୨୦ ତାରିଖ ସଂଧ୍ୟାରେ ମାହାଙ୍ଗା ଥାନା ଅନ୍ତର୍ଗତ ରୋଧପୁର ଆଶ୍ରମରୁ ଭଣ୍ଡବାବା ଭଗବାନ ଦାସ(୪୦)ଙ୍କୁ ଗିରଫ କରିଥିଲେ । ବାବାଙ୍କ ବୟାନକୁ ଭିତ୍ତି କରି ପୁଲିସ ଦୁଇ ଅପହୃତା ନାବାଳିକାଙ୍କୁ ବଡ଼ମ୍ବା ଥାନା ଅନ୍ତର୍ଗତ ଶଂଖନଇ ଗାଁରୁ ଉଦ୍ଧାର କରି ପାଣିକୋଇଲି ଥାନାକୁ ଆଣିଥିଲେ । ଆଜି ଥାନା ପକ୍ଷରୁ ଡାକ୍ତରୀ ମାଇନା କରାଯାଇ ଗିରଫ ବାବାଙ୍କୁ ଯାଜପୁର ଜିଲ୍ଲା ଦୌରାଜଜ୍ କୋର୍ଟରେ ହାଜର କରାଯାଇଥିଲା । ମାନ୍ୟବର ଅଦାଲତ ବାବାଙ୍କ ଜାମିନ୍ ଆବେଦନକୁ ଖାରଜ୍ କରି ଦେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି । ଦୁଇ ନାବାଳିକାଙ୍କୁ ସେମାନଙ୍କ ପରିବାରର ଜିମା ଦିଆ ଯାଇଛି ।

ପ୍ରକାଶ ଯେ ଦୁଇ ନାବାଳିକାଙ୍କୁ ଅପହରଣ କରିବାର ୮ ଦିନ ପୂର୍ବରୁ ଭଣ୍ଡବାବା ଭଗବାନ ଦେିଦାଶପାଟଣା ଗାଁରେ ଶାସ୍ତ୍ର ବିଷୟରେ ପ୍ରବଚନ ଦେଉଥିଲେ । ଏହି ସମୟରେ ଏହି ଦୁଇ ନାବାଳିକାଙ୍କୁ ଭଗବାନ ନିଜ ମାହାଙ୍ଗା ନିକଟସ୍ଥ ରୋଧପୁର ଆଶ୍ରମରେ ନିଯୁକ୍ତି ଦେବାର ଲୋଭ ଦେଖାଇଥିଲେ । ୧୯ ତାରିଖ ଦିନ ବାବା ଅପହୃତା ନାବାଳିକାଙ୍କ ସହିତ ମାହାଙ୍ଗା ଯିବା ପାଇଁ ଯାଜପୁରରୋଡ଼ ଷ୍ଟେସନ୍‌ରେ ଆସି ପହଞ୍ଚି ଥିଲେ । କୋରେଇ ବ୍ଲକ୍‌ର ମକୁନ୍ଦପୁର ଗାଁରୁ ବାବା ଜନୈକ ବ୍ୟକ୍ତିଙ୍କ ସହିତ ମଟରସାଇକଲରେ ଯାଜପୁରରୋଡ଼ ଆସିଲେ । ଦୁଇ ନାବାଳିକା ଘରୁ ସ୍କୁଲ୍ ଆସିବାକୁ କହି ଶୁକ୍ରବାର ସକାଳେ ସିଧା ଯାଜପୁରରୋଡ଼ ଷ୍ଟେସନ୍‌କୁ ଆସିଥିଲେ । ପରେ ବାବା ଓ ଦୁଇ ନାବାଳିକା ଟ୍ରେନ୍‌ରେ କଟକ ଷ୍ଟେସନ୍ ଅଭିମୁଖେ ବାହାରିଥିଲେ । କଟକ ଷ୍ଟେସନ୍‌ରେ ଓହ୍ଲାଇବା ବେଳେ ଦେିଦାଶପାଟଣା ଗାଁର ବାପି ନାମକ ଜଣେ ଯୁବକ ଗାଁର ଦୁଇ ଝିଅଙ୍କୁ ଦେଖିଥିଲେ । ବାବାଙ୍କ ସହିତ ଦୁଇ ଝିଅଙ୍କୁ ଦେଖି ବାପି ମନରେ ସନ୍ଦେହ ହୋଇଥିଲା । ବାପି ସଂଗେ ସଂଗେ ଗାଁକୁ ଫୋନ୍ କରି ଜଣାଇଥିଲା । ଏପଟେ ଘରେ ସ୍କୁଲ୍‌ରୁ ଝିଅ ନଫେରିବା ଦେଖି ଏବଂ ବାପିଠାରୁ ଏହି ଖବର ଶୁଣି ପରିବାର ଲୋକେ ପାଣିକୋଇଲି ଥାନାରେ ବାବାଙ୍କ ବିରୋଧରେ ଅଭିଯୋଗ କରିଥିଲେ । ପାଣିକୋଇଲି ପୁଲିସ୍ ସଂଗେ ସଂଗେ ମାହାଙ୍ଗା ଥାନାକୁ ଖବର ଦେଇଥିଲେ । ସଂଧ୍ୟାରେ ବାବା ଆଶ୍ରମରେ ଥିବା ବେଳେ ପାଣିକୋଇଲି ଓ ମାହାଙ୍ଗା ପୁଲିସ୍ ବାବାଙ୍କୁ ଆଶ୍ରମରୁ ଗିରଫ କରିଥିଲେ । ବାବାଙ୍କୁ ପଚାରିବାରୁ ବାବା ତାଙ୍କ ନିଜ ଗାଁ ବଡ଼ମ୍ବା ଥାନା ଅନ୍ତର୍ଗତ ଶଂଖନଈ ଗାଁରେ ନିଜ ଘରେ ଦୁଇ ନାବାଳିକାଙ୍କୁ ରଖିଥିବା ପୁଲିସ୍‌କୁ କହିଥିଲେ । ପରେ ପାଣିକୋଇଲି ପୁଲିସ୍ ବଡ଼ମ୍ବା ଥାନା ସହିତ ଯୋଗାଯୋଗ କରି ୨୧ ତାରିଖ ସକାଳେ ଅପହୃତା ଦୁଇ ନାବାଳିକାଙ୍କୁ ସେଠାରୁ ଉଦ୍ଧାର କରି କେସ୍ ନମ୍ବର ୮୮/୧୩ରେ ଅପହରଣ ମକଦ୍ଦମା ରୁଜୁ କରିବା ସହିତ ବାବାଙ୍କୁ କୋର୍ଟ ଚାଲାଣ କରିଥିଲା ।

# ସୁଧୁରୁନି ମଧ୍ୟାହ୍ନ ଭୋଜନ ଅବ୍ୟବସ୍ଥା



ଶ୍ରୀକତ ନୂଆପଡ଼ା ନୋଡାଲ ୟୁ ପି ସ୍କୁଲରେ ରନ୍ଧା ଯାଇଥିବା ତରକାରିରେ ପୋକ



ଲିପିଲୋଇ ଦକ୍ଷେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତରକାରିରେ ପୋକ

# ତରକାରିରେ ପୋକ ସାଲୁବାଲୁ

ବ୍ରହ୍ମଗିରି, ୨୩।୭(ଇମିସ): ମଧ୍ୟାହ୍ନ ଭୋଜନ ନେଇ ଏତେ ହୋ ହଲ୍ଲା ପରେ ବି ପରିସ୍ଥିତି ସୁଧୁରୁନି। ଆଜି ପୁରୀ ଜିଲ୍ଲା ବ୍ରହ୍ମଗିରି ବ୍ଲକ ଶ୍ରୀଜତ ନୂଆପଡ଼ା ନୋଡାଲ ୟୁପି ସ୍କୁଲରେ ପ୍ରସ୍ତୁତ ମଧ୍ୟାହ୍ନ ଭୋଜନ ତରକାରିରୁ ପୋକ ବାହାରିବାରୁ ସମୁଦାୟ ଖାଦ୍ୟ ଫୋପଡ଼ା ହେବା ଓ ଦେଢ଼ ଶହ ପିଲା ଉପାସ ରହିବା ରାଜ୍ୟବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ସ୍ଥାନୀୟ ଅଞ୍ଚଳରେ ଏ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କିନ୍ତୁ କୌଣସି ବିଭାଗୀୟ ଉଚ୍ଚ ଅଧିକାରୀ ଘଟଣାସ୍ଥଳକୁ ଆସିନାହାନ୍ତି।

ସୂଚନା ଥାଉକି ନୂଆପଡ଼ା ନୋଡାଲ ୟୁ ପି ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢାର ବ୍ୟବସ୍ଥା ରହିଛି। ଏଥିରେ ମୋଟ ୧୭୭ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଆଜି ୧୪୩ଜଣ ପିଲା ଆସିଥିବାରୁ ସେମାନଙ୍କ ଲାଗି ମଧ୍ୟାହ୍ନଭୋଜନ ପ୍ରସ୍ତୁତ ହୋଇଥିଲା। ଦାୟିତ୍ୱରେ ଥିବା ➡ ୯

## ଅନୁଗୁଳରେ ବି ପୋକ

ପଇଁଚକୁଳ, ୨୩।୭(ଇମିସ): ଅନୁଗୁଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଲିପିଲୋଇ ଦକ୍ଷେଶ୍ୱର ଉପ୍ରା ସ୍କୁଲରେ ବି ପିଲାମାନଙ୍କୁ ଦିଆଯାଇଥିବା ମଧ୍ୟାହ୍ନ ଭୋଜନ ତରକାରୀରୁ ଆଜି ପୋକ ବାହାରିଛି।

ପ୍ରକାଶ ଯେ, ଦକ୍ଷେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଜି ୨୪୦ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟାହ୍ନ ଭୋଜନରେ ଭାତ ➡ ୯

## ଗୋପରେ ପ୍ରଧାନ ଶିକ୍ଷକ ଛୁ

କୋଣାର୍କ, ୨୩/୭(ଇମିସ): ଗୋପ ବ୍ଲକ୍ ପାଇକେରାପୁର ପ୍ରାଥମିକ ବିଦ୍ୟାଳୟରେ ବି ଆଜି ମଧ୍ୟାହ୍ନ ଭୋଜନରେ ବାହାରିଛି ପୋକ। ଏହା ପରେ ପ୍ରଧାନ ଶିକ୍ଷକ ହୃଦାନନ୍ଦ ବଡ଼ପଣ୍ଡା ସ୍କୁଲକୁ ଅଧାରୁ ବନ୍ଦ କରି ପଳାଇଥିବା ଜଣାପଡ଼ିଛି। ଏହାକୁ ନେଇ ଏଠାରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ➡ ୯

# ତରକାରିରେ ପୋକ ...

ମା' ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀ ସୋୟାବିନ-ଆଳୁ ତରକାରି ରାନ୍ଧିଥିଲେ। କିନ୍ତୁ ରୋଷେଇ ପରେ ତରକାରି ହାଣ୍ଡିରେ ଧଳା ଧଳା ପୋକ ସାଲୁବାଲୁ ହେଉଥିବା ଦେଖିବାକୁ ମିଳିଥିଲା। ପ୍ରଥମେ ରୋଷେୟା ବିନୋଦିନୀ ଦାସ ଏହା ଦେଖିଥିଲେ। ସେ ସଙ୍ଗେ ସଙ୍ଗେ ମଧ୍ୟାହ୍ନଭୋଜନ ଦାୟିତ୍ୱରେ ଥିବା ଶିକ୍ଷକ ସମୀର କୁମାର ଜେନାଙ୍କ ଡାକି ଦେଖାଇଥିଲେ। ଏଣୁ ଏଭଳି ତରକାରି ଛାତ୍ରଛାତ୍ରୀଙ୍କୁ ନ ଦେବାକୁ ସେ ବାରଣ କରିଥିଲେ। ପ୍ରଧାନଶିକ୍ଷକ ଏକାଦଶୀ ପାଇକରାୟ ପହଞ୍ଚି ତରକାରି ଯାଞ୍ଚ କରିବା ପରେ ଏହାକୁ ନଷ୍ଟ କରିଦେବା ସହ ପିଲାମାନଙ୍କୁ ନ ଦେବାକୁ କହିଥିଲେ। ଏହି ଖବର ପ୍ରଚାର ହେବାକ୍ଷଣି ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟା ପାର୍ବତୀ ପ୍ରଧାନ ଓ ଅନ୍ୟମାନେ ପହଞ୍ଚିଥିଲେ। ପୋକ ସାଲୁବାଲୁ ତରକାରି ଦେଖି ଏ ସଂପର୍କରେ ସେମାନେ ଶିକ୍ଷା ଅଧିକାରୀଙ୍କୁ ଟେଲିଫୋନରେ ଜଣାଇଥିଲେ। କିନ୍ତୁ କୌଣସି ଅଧିକାରୀ ଘଟଣାସ୍ଥଳକୁ ଆଜି ଆସି ନ ଥିବା ଜଣାପଡ଼ିଛି।

# ଗୋପରେ ପ୍ରଧାନ ଶିକ୍ଷକ ଛୁ...




ସ୍କୁଲ୍‌ରେ ଝୁଲୁଛି ତାଲା

ଖବର ନେବାରୁ ଜଣାପଡ଼ିଛି ଯେ ଆଜି ଗୋପ ବ୍ଲକର ଶିମିଳି ପଞ୍ଚାୟତର ପାଇକେରାପୁର ଗାଁରେ ଥିବା ପାଇକେରାପୁର ପ୍ରାଥମିକ ବିଦ୍ୟାଳୟକୁ ଆସୁଥିବା ମଧ୍ୟାହ୍ନ ଭୋଜନ ରନ୍ଧା ଖାଦ୍ୟରେ ପୋକ ବାହାରୁଥିବା ପିଲାମାନେ ଦେଖିବାକୁ ପାଇଥିଲେ। ପିଲାମାନେ ଏ ସମ୍ପର୍କରେ ପ୍ରଧାନଶିକ୍ଷକ ଶ୍ରୀ ବଡ଼ପଣ୍ଡାଙ୍କୁ ଜଣାଇବା ସହିତ ଅଧାଖିଆ ଖାଦ୍ୟକୁ ଫିଙ୍ଗି ଦେଇଥିଲେ। ଏହି ଘଟଣାରେ ଭୟଭୀତ ହୋଇ ପ୍ରଧାନଶିକ୍ଷକ ସ୍କୁଲକୁ ଅଧାରୁ ବନ୍ଦ କରି ଦେଇ ଛୁ ମାରିଥିବା ଜଣାପଡ଼ିଛି। ତାଙ୍କ ମୋବାଇଲ ସ୍ୱିଚ୍ ଅଫ୍ ଥିବାରୁ ତାଙ୍କ ସହିତ କଥାବାର୍ତ୍ତା ସମ୍ଭବପର ହୋଇପାରି ନାହିଁ।

# ଚାଳି, ଓଳି ତଳେ ମଧ୍ୟାହ୍ନ ଭୋଜନ ରନ୍ଧା

ବାଲିପାଟଣା ୨୪/୭(ଇମିସ) : ତୁହାକୁ ତୁହା ବର୍ଷା। ସନ୍ତସନ୍ତିଆ ପରିବେଶ। ଚାରିପାଖ ମେଲା। ଉପରେ ସାମାନ୍ୟ ଛଉଣୀ। ଏହିପରି ପରିବେଶରେ ତିଆରି ହେଉଛି ପୁଷ୍ଟିକର ମଧ୍ୟାହ୍ନ ଭୋଜନ। ବର୍ଷା ଦିନେ ବାହାରେ ବୁଲୁଥିବା ପୋକଜୋକ ଏହି ଖାଦ୍ୟ ମଧ୍ୟରେ ପଡ଼ିବାର ଅନେକ ଉଦାହରଣ ମଧ୍ୟ ରହିଛି। ଏପରି ପୁଷ୍ଟିକର ଖାଦ୍ୟ ଖାଇ ପିଲାମାନଙ୍କର କି ପୁଷ୍ଟି ସାଧନ ହେବ ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ। ଅନ୍ୟପକ୍ଷରେ ସବୁ ସ୍କୁଲ୍‌ରେ ମଧ୍ୟାହ୍ନ ଭୋଜନ ରାନ୍ଧିବା ପାଇଁ ରୋଷଘରର ବ୍ୟବସ୍ଥା ହୋଇଥିବାବେଳେ ଏପରି ଅବ୍ୟବସ୍ଥାରେ କହିଁକି ରୋଷେଇ ହେଉଛି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏହି ଅବସ୍ଥା ଦେଖିବାକୁ ମିଳିଛି ବାଲିପାଟଣା ବ୍ଲକ୍‌ର ବିଭିନ୍ନ ସ୍କୁଲ୍‌ରେ।

ମଧ୍ୟାହ୍ନ ଭୋଜନ ରାନ୍ଧିବା ପାଇଁ ସରକାରଙ୍କ ପକ୍ଷରୁ ବାଲିପାଟଣା ବ୍ଲକ୍‌କୁ ୧୦୪ଟି ସ୍କୁଲକୁ ରୋଷେଇ ଘର ଯୋଗାଇ ଦିଆଯାଇଥିଲା। ଗୋଟିଏ ୧୦ ଫୁଟ୍‌ରେ ୧୦ ଫୁଟ୍



ବିଶିଷ୍ଟ ଘର ତିଆରି ପାଇଁ ୬୦ ହଜାର ଟଙ୍କାର ଅର୍ଥ ମଧ୍ୟ ମଂଜୁର ହୋଇଥିଲା। ୨୦୧୦ ଡିସେମ୍ବର ମାସ ୯ ତାରିଖରୁ ୧୩ ତାରିଖ ମଧ୍ୟରେ ବ୍ଲକ୍ କାର୍ଯ୍ୟଦେଶ ନମ୍ବର ୫୪୧୪ରୁ ୫୪୯୬ରେ ସର୍ବାଧିକ ୬୩ ଓ ଏହା ମଧ୍ୟରେ ଅବଶିଷ୍ଟ ୪୧ଟି କାର୍ଯ୍ୟାଦେଶ ଦିଆଯାଇଥିଲା। ଏହି ୧୦୪ଟି ରୋଷେଇ ଘର ମଧ୍ୟରୁ ୩୫ଟି ଶେଷ ହୋଇଥିବା ବେଳେ ୧୫ଟିର କାର୍ଯ୍ୟ ଚାଲିଛି। ଆଉ ୧୦ଟି ସ୍କୁଲ୍ କର୍ତ୍ତୃପକ୍ଷ କାର୍ଯ୍ୟଦେଶ ନେଇ କାମ କରୁ

## ୬୦ଟି ରୋଷେଇ ଘର କାର୍ଯ୍ୟାଦେଶ ପଡ଼ିଛି

ନାହାନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଯେ, ୬୦ଟି ସ୍କୁଲ୍ ନାମରେ ଥିବା କାର୍ଯ୍ୟାଦେଶ କେହି ଧରିବାକୁ ଚାହୁଁ ନାହାନ୍ତି। ସେହି କାର୍ଯ୍ୟାଦେଶଗୁଡ଼ିକ ଏବେ ଜଣେ ଏସ୍‌ଆଇଙ୍କ ନିକଟରେ ପଡ଼ିଛି। ହାତରୁ ପଇସା ଖର୍ଚ୍ଚ କରି ଯେଉଁମାନେ ରୋଷେଇଘର ନିର୍ମାଣ କରିଛନ୍ତି, ସେମାନେ ବିଲ୍ ପାଇଁ ବ୍ଲକ୍ ଦୌଡ଼ି ଦୌଡ଼ି ହତାଶ ହେଉଛନ୍ତି। ଏଭଳି ଘଟଣା ଶିକ୍ଷକଙ୍କ ମହଲରେ ଚର୍ଚ୍ଚା ଉଠିଥିବାରୁ ବହୁ ସ୍କୁଲ୍ କର୍ତ୍ତୃପକ୍ଷ କାର୍ଯ୍ୟାଦେଶରେ ହାତ ମାରିବାକୁ ଡରୁଛନ୍ତି। ସେହିପରି ଅନ୍ୟମାନେ କହୁଛନ୍ତି ଯେ, ଏତେ କମ୍ ଟଙ୍କାରେ କାମ କରିବା ଅସମ୍ଭବ। ରୋଷେଇ ଘର ନିର୍ମାଣ ନ ହେବାରୁ ଅବ୍ୟବସ୍ଥା ମଧ୍ୟରେ, ଅପରିଷ୍କାର ପରିବେଶରେ ମଧ୍ୟାହ୍ନ ଭୋଜନ ରନ୍ଧା ଯାଉଛି। ଏପରି କ୍ଷେତ୍ରରେ ପିଲାମାନଙ୍କର କିଛି ଅସୁବିଧା ହେଲେ ଏଥି ପାଇଁ କିଏ ଦାୟୀ ହେବ ବୋଲି ଲୋକେ ପ୍ରଶ୍ନ କରିଛନ୍ତି।

ଅନ୍ୟପକ୍ଷରେ ଏ ନେଇ ଶିକ୍ଷା ବିଭାଗ ଅଧିକାରୀ ବ୍ଲକ୍ ପ୍ରଶାସନକୁ ଦୋଷ ଦେଉଥିବା ବେଳେ ବ୍ଲକ୍ କର୍ତ୍ତୃପକ୍ଷ ଶିକ୍ଷା ବିଭାଗ ଅଧିକାରୀଙ୍କୁ ଦାୟୀ କରୁଛନ୍ତି। ଏ ସଂପର୍କରେ



ଏସ୍‌ଆଇ ନଳିନୀକାନ୍ତ ମହାନ୍ତିଙ୍କୁ ପଚାରିବାରୁ ସେ କହିଥିଲେ ଯେ, ମଧ୍ୟାହ୍ନ ଭୋଜନ ଦାୟିତ୍ୱ ନେବା ଆଗରୁ ଘର କାର୍ଯ୍ୟାଦେଶ ଦିଆଯାଇଥିଲା। ପ୍ରାୟ ୬୦ଟି କାର୍ଯ୍ୟାଦେଶ ପଡ଼ିଥିବାରୁ ମୁଁ ବାଣ୍ଟିବାକୁ ଚାହିଁଲି, ହେଲେ ବହୁ ସ୍କୁଲ୍ କାମ କରିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ବିଆର୍‌ସିସି ରମେଶ ଚନ୍ଦ୍ର ମହାରଣାଙ୍କୁ ପଚାରିବାରୁ ବହୁ ସ୍କୁଲ୍‌ରେ ଅବ୍ୟବସ୍ଥା ମଧ୍ୟରେ ରୋଷେଇ ହେଉଥିବା ସ୍ୱୀକାର କରିଥିଲେ। କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ଯେ, ମୁଁ ମୋ ସ୍କୁଲ୍‌ରେ ରୋଷେଇ ଘରଟିଏ କରି ଦୀର୍ଘଦିନ ହେଲା ଟଙ୍କା ପାଉନି ବୋଲି ସେ କହିଥିଲେ। ବିଡିଓ ପବିତ୍ର ମୋହନ କାନୁନ୍‌ଗୋ କୁହନ୍ତି ଯେ, ମୁଁ ଆସିବା ଆଗରୁ କାର୍ଯ୍ୟାଦେଶ ଦିଆହୋଇଥିଲା। ଆସିବା ପରେ ଚାପ ଦେବାରୁ କିଛି ଘର ହୋଇଛି। ତେବେ ଶିକ୍ଷକମାନେ ଠିକ୍ କାଗଜପତ୍ର ଦେଉ ନଥିବାରୁ ବିଲ୍ ହୋଇପାରୁନି। ଆମେ ସଂପୂର୍ଣ୍ଣ ସହଯୋଗ କରୁଛୁ, ଆଶା ଖୁବ୍ ଶୀଘ୍ର କାମ ଶେଷ ହେବ।

## ମଧ୍ୟାହ୍ନ ଭୋଜନ ଡାଲ୍‌ମାରେ ଅସରପା

# ଖାଇ ସାରି ବାନ୍ତି କଲେ ଛାତ୍ରଛାତ୍ରୀ






ନିଶ୍ଚିନ୍ତକୋଇଲି, ୨୫।୭(ଇମିସ): ଲୁଚି ରହୁଥିବା ମଧ୍ୟାହ୍ନଭୋଜନ ଅଘଟଣ ଏବେ ଗୋଟିଏ ପରେ ଗୋଟିଏ ସାମ୍ନାକୁ ଆସୁଛି। ଅଭିଭାବକମାନେ ଏ ନେଇ ସତର୍କ ଥିବାରୁ ଏଭଳି ଅଭିଯୋଗ ସଂଖ୍ୟା ବୃଦ୍ଧି ପାଉଛି। ଗତକାଲି ନିଶ୍ଚିନ୍ତକୋଇଲି ବ୍ଲକ୍ କେନ୍ଦୁପାଟଣାସ୍ଥିତ ଘୋଡ୍ୱାର ଚାନ୍ଦ ନୋଡାଲ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନକୁ ନେଇ ଏକ ଗୁରୁତର ଅଭିଯୋଗ ହୋଇଛି। ମୃତ ଅସରପା ପଡିଥିବା ଡାଲ୍‌ମା ପିଲାଙ୍କୁ ଖାଇବାକୁ ଦିଆଯାଇଥିଲା। ଡାଲମା ଖାଇ ଥିବା ସ୍କୁଲର ଅଧାରୁ ଅଧିକ ଛାତ୍ରଛାତ୍ରୀ ବାନ୍ତି କରିଥିବା ଜଣାପଡିଛି। ଅସରପା ପଡିଥିବା ଡାଲ୍‌ମା ପିଲାଙ୍କୁ ଖାଇବାକୁ ଦିଆଯାଇଥିବାରୁ ଏ ନେଇ ସ୍କୁଲରେ ଆଜି ଉତ୍ତେଜନା ପ୍ରକାଶ ପାଇଛି। ଫଳରେ ସ୍କୁଲରେ ଆଜି ମଧ୍ୟାହ୍ନଭୋଜନ ବନ୍ଦ ରହିଛି। ପ୍ରକାଶ ଯେ, କେନ୍ଦୁପାଟଣା ଘୋଡ୍ୱାର ଚାନ୍ଦ ନୋଡାଲ ବିଦ୍ୟାଳୟରେ ଗତକାଲି ମଧ୍ୟାହ୍ନଭୋଜନ ଖାଉଥିବା ସମୟରେ ଡାଲ୍‌ମାରୁ ମୃତ ଅସରପାଟିଏ ବାହାରିଥିଲା। ଏ ନେଇ ଛାତ୍ରଛାତ୍ରୀମାନେ ଅଭିଯୋଗ କରିଥିଲେ। ଅଧା ପିଲା ଖାଦ୍ୟ ନ ଖାଇ ଉଠିଯାଇଥିଲେ। ମାତ୍ର ଅଧାରୁ ଅଧିକ ଛାତ୍ରଛାତ୍ରୀ ଏ ଖାଦ୍ୟ ଖାଇଥିଲେ। ମଧ୍ୟାହ୍ନଭୋଜନ ଖାଇଥିବା ଛାତ୍ରଛାତ୍ରୀଙ୍କ ବାନ୍ତି ହୋଇଥିଲା। ଏ ନେଇ ପିଲାମାନେ ସେମାନଙ୍କ ଅଭିଭାବକଙ୍କୁ ଜଣାଇଥିଲେ। ଆଜି ଏହାର ପ୍ରତିବାଦରେ ଅଭିଭାବକ, ସ୍ଥାନୀୟ ଲୋକ, ଶିକ୍ଷା କମିଟିର କର୍ମକର୍ତ୍ତା ବିଦ୍ୟାଳୟର ପହଞ୍ଚି ମଧ୍ୟାହ୍ନଭୋଜନ ବନ୍ଦ କରି ଦେଇଥିଲେ। ଏଠାରେ ମଧ୍ୟାହ୍ନଭୋଜନ ଏକ ଅସ୍ୱାସ୍ଥ୍ୟକର ପରିବେଶରେ ରୋଷେଇ କରାଯାଉଥିବାରୁ ଏହି ଘଟଣା ଘଟିଥିବା ଅଭିଯୋଗ ହୋଇଥିଲା।

ମଧ୍ୟାହ୍ନଭୋଜନ ଅଘଟଣ ସଂପର୍କରେ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ସ୍ୱାଇଁଙ୍କୁ ପଚାରିବାରେ ସେ ଡାଲ୍‌ମାରେ ଅସରପା ପଡ଼ିଥିବା ଓ ତାହା ଅଧାରୁ ଅଧିକ ଛାତ୍ରଛାତ୍ରୀ ଖାଇଥିବା ସ୍ୱୀକାର କରିଛନ୍ତି। ମାତ୍ର ଏହା ଅଜଣାତରେ ଘଟିଛି। ଆଗାମୀ ଦିନରେ ସେ ଏ ନେଇ ସତର୍କ ରହିବେ ବୋଲି କହିଛନ୍ତି। ତେବେ ଏହି ଅଘଟଣା ସଂପର୍କରେ ଖବର ପାଇ ନିଶ୍ଚିନ୍ତକୋଇଲି ବ୍ଲକ୍ ଶିକ୍ଷା ଅଧିକାରୀ ଦାୟିତ୍ୱରେ ଥିବା ପରେଶ ଚନ୍ଦ୍ର ପାତ୍ର ସ୍କୁଲ ପରିଦର୍ଶନ ଆସି ଘଟଣାର ତଦନ୍ତ କରିଛନ୍ତି। ଆସନ୍ତାକାଲିଠାରୁ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ନିୟମିତ ହେବା ସହ ପରିବେଶ ସଫା ସୁତରା ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିୟମ ମୁତାବକ, ପ୍ରଧାନ ଶିକ୍ଷକ ମଧ୍ୟାହ୍ନଭୋଜନ ତଦାରଖ କରିବା ଓ ଚାଖିଲା ପରେ ପିଲାଙ୍କୁ ବଣ୍ଟନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଭବିଷ୍ୟତରେ ଯେମିତି ଏଭଳି ଘଟଣାର ପୁନରାବୃତ୍ତି ନ ହୁଏ ସେଥିପ୍ରତି ସତର୍କ ରହିବାକୁ ପ୍ରଧାନଶିକ୍ଷକଙ୍କୁ ପରାମର୍ଶ ଦେଇଛନ୍ତି।

## ଖାଦ୍ୟ ଫିଙ୍ଗି ଦେଲେ ପିଲା

### ମଧ୍ୟାହ୍ନ ଭୋଜନରେ ପୋକ

ଗୋପ, ୨୫।୭(ଇମିସ): ଏହି ବ୍ଲକ ଅନ୍ତର୍ଗତ ଏବରଙ୍ଗ ପଞ୍ଚାୟତ ବୟାଳିଶବାଟି ପ୍ରାଥମିକ ବିଦ୍ୟାଳୟରେ ରନ୍ଧାଯାଇଥିବା ମଧ୍ୟାହ୍ନ ଭୋଜନରେ ଆଜି ପୋକ ବାହାରିଛି। ଫଳରେ ରନ୍ଧା ଖାଦ୍ୟକୁ ଫିଙ୍ଗିଦେଇ ସ୍କୁଲର ପ୍ରାୟ ୫୦ରୁ ଅଧିକ ଛାତ୍ରଛାତ୍ରୀ ଉପାସରେ ଘରକୁ ଫେରିଛନ୍ତି। ଏନେଇ ଏଠାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ସୂଚନା ଥାଉକି ସବୁଦିନ ଭଳି ଆଜି ସ୍କୁଲରେ ରୋଷେଇ ସରିବାପରେ ପିଲାମାନେ ଖାଇବାକୁ ବସିଥିଲେ। କିନ୍ତୁ ବାଢିବା ବେଳେ ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରୀଙ୍କ ଭାତ ଥାଳିରୁ ଏକ ବଡ଼ ପୋକ ବାହାରିଥିଲା। ଏହା ଦେଖି ସେ ଭୟରେ ଭାତ ଫିଙ୍ଗି ଦେଇଥିଲା। ତେବେ ସ୍କୁଲର ପ୍ରଧାନଶିକ୍ଷକ ଅନୁପସ୍ଥିତ ଥିବାରୁ ସହକାରୀ ଶିକ୍ଷକ ପ୍ରସ୍ତୁତ ମଧ୍ୟାହ୍ନ ଭୋଜନକୁ ନ ଖାଇବାକୁ ପରାମର୍ଶ ଦେଇଥିଲେ। ଏଣୁ ସମସ୍ତେ ଏହାକୁ ଫୋପାଡ଼ି ଦେଇ ଉପାସରେ ଘରକୁ ଫେରିଥିଲେ। ଏହି ଖବର ପାଇ ଗାଁର କୃଷ୍ଣଚନ୍ଦ୍ର ପାଢୀ, ସ୍କୁଲ କମିଟିର ଚେୟାରମ୍ୟାନ କୌସ୍ତୁଭ ଭୂଷଣ ରାୟ ପହଞ୍ଚି ଖାଦ୍ୟ ଯାଞ୍ଚ କରିଛନ୍ତି । ଏହି ଖାଦ୍ୟ ଅକ୍ଷୟ ପାତ୍ର ଫାଉଣ୍ଡେସନ ଯୋଗାଇ ଦେଉଥିବାରୁ ଖାଦ୍ୟର ମାନ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରକାଶ ଥାଉକି ଏହି ବ୍ଲକ ଅନ୍ତର୍ଗତ ପାଇକକେରାପୁର ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ମଧ୍ୟାହ୍ନ ଭୋଜନରେ ପୋକ ବାହାରିଥିଲା। ଏଣୁ ଛାତ୍ରଛାତ୍ରୀମାନେ ଖାଦ୍ୟ ନଖାଇ ଉପାସରେ ଘରକୁ ଫେରିଥିଲେ। ଏନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଯାଇଥିଲେ ମଧ୍ୟ ଉକ୍ତ ସ୍କୁଲକୁ କୌଣସି ବରିଷ୍ଠ ଅଧିକାରୀ ଯାଞ୍ଚ କରିବାକୁ ଆସିନାହାନ୍ତି। ଏଣୁ ଏନେଇ ଏଠାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

# ମଧ୍ୟାହ୍ନ ଭୋଜନରେ ଜିଆ

ହିଞ୍ଜିଳିକାଟୁ,୨୬।୭(ଇମିସ): ଏତେ ସବୁ ସତର୍କତା, ସରକାରୀ କଟକଣା, ପ୍ରୋଟୋକଲ ଜାରି ପରେ ବି ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଏକ ସ୍କୁଲରେ ଆଜି ମଧ୍ୟାହ୍ନ ଭୋଜନରେ ଜିଆ ବାହାରିଛି। ହିଞ୍ଜିଳିକାଟୁ ଏନ୍ଏସି ଅନ୍ତର୍ଗତ ରେଗଡ଼ି ପ୍ରାଥମିକ ବିଦ୍ୟାଳୟରେ ଏହି ଘଟଣା ଘଟିଛି। ଫଳରେ ସ୍କୁଲର ପ୍ରାୟ ଦେଢ଼ଶହ ପିଲା ଆଜି ମଧ୍ୟାହ୍ନ ଭୋଜନ ଖାଇବାରୁ ବଂଚିତ ହୋଇଛନ୍ତି। ସେମାନଙ୍କୁ ବିସ୍କୁଟ ଦିଆଯାଇଛି। ଏଭଳି ଘଟଣା ପରେ ଖାଦ୍ୟ ଯୋଗାଇଥିବା ନନ୍ଦୀ ଫାଉଣ୍ଡେସନ୍ ପ୍ରତି ପୁଣିଥରେ ଆଙ୍ଗୁଠି ଉଠିଛି।

ଗତ ୨୨ ତାରିଖରେ ବ୍ରହ୍ମପୁର ତାମାୟାଟେଙ୍କ ସ୍କୁଲରେ ମଧ୍ୟାହ୍ନ ଭୋଜନରୁ ଦୋମୁଣ୍ଡିଆ ବାହାରିଥିଲା। ଏହାକୁ ନେଇ ସାରା ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିଲା। ଆଜି ପୁଣି ସେହି ଘଟଣାର ପୁନରାବୃତ୍ତି ହୋଇଛି। ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀ ହିଞ୍ଜିଳିକାଟୁ ଏନଏସି ଅନ୍ତର୍ଗତ ରେଗିଡ଼ି ପ୍ରାଥମିକ ବିଦ୍ୟାଳୟରେ। ରେଗିଡି ପ୍ରଧାନ ଶିକ୍ଷୟିତ୍ରୀଙ୍କ ସୂଚନା ଅନୁଯାୟୀ ଦିନ ପ୍ରାୟ ୧୧ଟା ବେଳେ ନନ୍ଦୀ ଫାଉଣ୍ଡେସନ ପକ୍ଷରୁ ମଧ୍ୟାହ୍ନ ଭୋଜନ ସ୍କୁଲରେ ପହଞ୍ଚାଯାଇଥିଲା। ସରକାରଙ୍କ ନିର୍ଦ୍ଦେଶ ମୁତାବକ ପାଚିକା ପ୍ରଥମେ ଏହି ଖାଦ୍ୟକୁ ଯାଞ୍ଚ କରିଥିଲେ। ସେଥିରେ ଜିଆ ଦେଖିବାକୁ ମିଳିଥିଲା। ଏହା ପରେ ସବୁ ଖାଦ୍ୟକୁ ନନ୍ଦୀ ଫାଉଣ୍ଡେସନକୁ ଫେରାଇ ଦିଆଯାଇଥିଲା। ସ୍କୁଲ ପକ୍ଷରୁ ଏ ସଂପର୍କରେ ବିଡିଓ ଶୁଭ୍ରାଂଶୁ ମିଶ୍ର, ସ୍କୁଲ ଏସଆଇ ଗୋକୁଳାନନ୍ଦ ସାହୁ, ପରିଚାଳନା କମିଟି ସଭାପତି ପଞ୍ଚାନନ ପୃଷ୍ଟିଙ୍କୁ ଜଣାଦିଆଯାଇଥିଲା। ବିଡିଓ ଓ ଏସଆଇ ସ୍କୁଲକୁ ଯାଇ ଘଟଣାର ଯାଞ୍ଚ କରିଥିଲେ। ଏହା ପରେ ପିଲାମାନଙ୍କୁ ରନ୍ଧା ଖାଦ୍ୟ ବଦଳରେ ବିସ୍କୁଟ ଖାଇବାକୁ ଦିଆଯାଇଥିଲା ବୋଲି ଏସଆଇ ଗୋକୁଳାନନ୍ଦ ସାହୁ କହିଛନ୍ତି।

ନନ୍ଦୀ ଫାଉଣ୍ଡେସନ ପକ୍ଷରୁ ଦିଆଯାଉଥିବା ଖାଦ୍ୟର ମାନ ଠିକ୍ ନଥିବା ସଂପର୍କରେ ପୂର୍ବରୁ ବହୁବାର ଅଭିଯୋଗ ହୋଇଥିଲା। ଗତ ମାର୍ଚ୍ଚ ୬ ତାରିଖରେ ଶେରଗଡ ବ୍ଲକର ଗୋଠଗାଁ ଓ ରିଲ୍ଲାପଲ୍ଲୀ ଗାଁର ୨ଟି ସ୍କୁଲରେ ଏହି ସଂସ୍ଥା ପକ୍ଷରୁ ଦିଆଯାଇଥିବା ଖାଦ୍ୟ ଖାଇ ୯୫ ଜଣ ଛାତ୍ରଛାତ୍ରୀ ଅସୁସ୍ଥ ହୋଇପଡିଥିଲେ।

ଏହା ସତ୍ତ୍ୱେ ପ୍ରଶାସନ ପକ୍ଷରୁ ନନ୍ଦୀ ଫାଉଣ୍ଡେସନ୍‌କୁ କାହିଁକି ଏତେ ଅନୁକମ୍ପା ଦେଖାଯାଉଛି ତାହା ଏବେ ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

**ଏଥର ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଏରିଆରେ**

# ଗଛ ଭାଙ୍ଗି ହଷ୍ଟେଲ ଉପରେ ପଡ଼ିଲା, ବର୍ତ୍ତିଲେ ୧୦୦ ଛାତ୍ରୀ

ବୈପାରି ଗୁଡା,୨୬।୭(ଇମିସ): ବୈପାରିଗୁଡ଼ା ବ୍ଲକର ଦଶମନ୍ତପୁର ସେବାଶ୍ରମ ଛାତ୍ରୀନିବାସ ଉପରେ ଆଜି ଏକ ବିରାଟ ଆମ୍ବ ଗଛ ଭାଙ୍ଗି ପଡିଯାଇଛି। ତେବେ ଏଠାରେ ରହୁଥିବା ଶତାଧିକ ଛାତ୍ରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଆଜି ଦିନ ବେଳେ ପିଲାମାନେ ବିଦ୍ୟାଳୟରେ ପାଠ ପଢୁଥିବା ବେଳେ ଗଛ ପଡ଼ିବାରୁ କାହାର କିଛି କ୍ଷତି ଘଟିନଥିବା ଜଣାପଡ଼ିଛି। ବିଦ୍ୟାଳୟ ଛୁଟି ପରେ ଗଛ ପଡ଼ିଥିଲେ ଏକ ବଡ଼ଧରଣ ଅଘଟଣ ଘଟିଥାନ୍ତା ବୋଲି କୁହାଯାଉଛି। ଗଛଟି ହଷ୍ଟେଲର ଛାତ ଉପରେ ପଡି ରହିଥିବା ବେଳେ ଛାତ୍ରୀମାନେ କିନ୍ତୁ ଏବେ ବି ସେଠାରେ ରହୁଛନ୍ତି।



## ଅଭିଯୁକ୍ତଙ୍କୁ ପୁଲିସ ଢାଲ

# ପୀଡ଼ିତଙ୍କ ନାଁରେ ଓଲଟା ଏତଲା!

### ନୂଆରାଇପୁର ଲୁଟ ଘଟଣା

ନୟାଗଡ଼, ୨୩/୭(ଇମିସ): ମାତ୍ର ୪ ଦିନ ତଳେ ଭାସ୍କର ବେହେରା କିଣିଥିଲେ ନୂଆ ପ୍ୟାସନ୍ ପ୍ରୋ ଗାଡ଼ି। ଗାଡ଼ିର ନମ୍ବର ବି ହୋଇ ନଥିଲା। ହେଲେ ଏ ଗାଡ଼ି ତାଙ୍କ ଭାଗ୍ୟରେ ନଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କିଛି ବ୍ୟକ୍ତି ତାଙ୍କ ଠାରୁ ଗାଡ଼ି ଛଡ଼ାଇ ନେଇଯିବା ସହ ୨୫ ହଜାର ଟଙ୍କା ଲୁଟ କରିଛନ୍ତି। ସେତିକିରେ ମେଣ୍ଟିନାହିଁ ଶତ୍ରୁଙ୍କ ରାଗ। ତାଙ୍କୁ ପ୍ରବଳ ମାଡ଼ ମାରିବା ସହ ହତ୍ୟା ଉଦ୍ୟମ ମଧ୍ୟ କରିଛନ୍ତି। ଜୀବନ ବିକଳରେ ଘଟଣାସ୍ଥଳରୁ ଦୌଡ଼ି ଆସିଥିବା ଭାସ୍କର ପୁଲିସର ଦ୍ୱାରସ୍ଥ ହୋଇ ନିରାଶ ହୋଇଛନ୍ତି। ତେବେ ପୁଲିସ ତାଙ୍କ ନାଁରେ ଓଲଟା ଏତଲା ଦାୟର କରିଛି। ଏପରିକି ତାଙ୍କୁ ଡାକ୍ତରଖାନାରେ ଚିକିତ୍ସିତ ହେବା ପାଇଁ ମଧ୍ୟ ପୁଲିସ ସୁଯୋଗ ଦେଇନାହିଁ ବୋଲି ଭାସ୍କର ଅଭିଯୋଗ କରିଛନ୍ତି।

ଘଟଣା ଘଟିଛି ଗତ ଜୁଲାଇ ୯ ତାରିଖରେ। ନୟାଗଡ଼ ଥାନା ଜଗନ୍ନାଥପୁର ଗାଁର ଭାସ୍କର ବେହେରା ଆଳୁ ବ୍ୟବସାୟରୁ ମିଳିଥିବା ୨୫ ହଜାର ଟଙ୍କା ଧରି ପୂର୍ବାହ୍ନ ୯ଟାରେ ନିଜର ନୂଆ ପ୍ୟାସନ୍ ପ୍ରୋ ଗାଡ଼ିରେ ଘରକୁ ଫେରୁଥିଲେ। ନୂଆରାଇପୁର ଗାଁ ଠାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗୋଟିଏ ପରିବାରର ଶରତ ସାସମଲ, ତାଙ୍କ ସ୍ତ୍ରୀ ରମା, ପୁଅ ବବୁଲ ଏବଂ ଝିଅ ଅନିତା ଭାସ୍କରଙ୍କୁ ଅଟକାଇ ମାରଧର କରିଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ଗାଡ଼ି ଆଉ ଟଙ୍କା ଛଡ଼ାଇ ନେବା ପରେ ମାଡ଼ରୁ ବର୍ତ୍ତିବା ପାଇଁ ନୂଆରାଇପୁରରୁ ଦୌଡ଼ି ପଳାଇ ଆସିଥିଲେ ଭାସ୍କର। ଗୁରୁତର ଅବସ୍ଥାରେ ସେ ମାଳିସାହି ଫାଣ୍ଡିକୁ ଅଭିଯୋଗ କରିବାକୁ ଆସୁଥିବା ବେଳେ ଶରତ, ବବୁଲ ଏବଂ ଛାଟିଆ ବେହେରା ନାମକ ଅନ୍ୟ ଜଣେ ବ୍ୟକ୍ତି ତାଙ୍କୁ ପୁଣି ବାଟରେ ଅଟକାଇ ମାରଧର କରିବା ସହ ପୁଲିସରେ ଅଭିଯୋଗ କଲେ ଜୀବନରେ ମାରିଦେବୁ ବୋଲି ଧମକାଇଥିଲେ। ଭୟରେ ଭାସ୍କର ଅଧାବାଟରୁ ଫେରି ଆସିବା ସହ ପରେ ଅନ୍ୟ ବାଟରେ ବୁଲି ନୟାଗଡ଼ ସଦର ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ। ତେବେ ପୁଲିସ ତାଙ୍କର ଅଭିଯୋଗ ଗ୍ରହଣ କରିନଥିବା ସେ କହିଛନ୍ତି। ଏପଟେ ଶରତ ଓ ବବୁଲଙ୍କ ପରିବାର ପକ୍ଷରୁ ମାଳିସାହି ଫାଣ୍ଡିରେ ସମାନ ଦିନ ଓଲଟା ମାମଲା ରୁଜୁ ହୋଇଛି। ଥାନାରୁ ନିରାଶ ଭାସ୍କର ଚିକିତ୍ସା ନିମନ୍ତେ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସଂଧ୍ୟାରେ ଭାସ୍କରଙ୍କ ଭାଇ ସୁରେନ୍ଦ୍ର ବେହେରା ଏସ୍‌ଡିପିଓଙ୍କୁ ଭେଟି ସମସ୍ତ ଗୁହାରି ଜଣାଇବା ପରେ ପୁଲିସ ଚାପରେ ପଡ଼ି ତାଙ୍କ ଅଭିଯୋଗ ଗ୍ରହଣ କରିବା ସହ ଅଭିଯୁକ୍ତଙ୍କ ନାମରେ ମାମଲା ରୁଜୁ କରିଥିଲା। ତେବେ ପରଦିନ(୧୦ ଜୁଲାଇ) ଡାକ୍ତରଖାନା ବେଡ୍‌ରୁ ଚିକିତ୍ସାଧୀନ ଭାସ୍କରଙ୍କୁ ଗିରଫ କରି ଆଣିଥିଲା ପୁଲିସ। ଅନ୍ୟପଟେ ଆକ୍ରମଣକାରୀମାନେ ଖୋଲାଖୋଲି ବୁଲୁଥିବା ବେଳେ ସେମାନଙ୍କୁ ଗିରଫ କରିବାରେ ପୁଲିସ କାଳକ୍ଷେପଣ ନୀତି ଅବଲମ୍ବନ କରୁଛି ବୋଲି ଭାସ୍କର କହିଛନ୍ତି। ଭାସ୍କରଙ୍କ ପତ୍ନୀ ଶୈଳବାଳା ବେହେରା ଏ ନେଇ ଏସ୍‌ପିଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଭାସ୍କର ଜାମିନରେ ଆସି ଘରେ ଥିବା ବେଳେ ତାଙ୍କୁ ସାସମଲ ପରିବାର ପକ୍ଷରୁ ବିଭିନ୍ନ ଧମକଚମକ ଦିଆଯାଉଥିବା ସେ ଜଣାଇଛନ୍ତି। ଏ ନେଇ ସେ ମାନସିକ ଚାପରେ ଥିବା କହିବା ସହ ତୁରନ୍ତ ନ୍ୟାୟ ନମିଳିଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମନାରେ ସପରିବାର ଅନଶନରେ ବସିବେ ବୋଲି କହିଛନ୍ତି।

# ଜାମିନ ମିଳିଲା, ହେଲେ ଶବ ହୋଇ ବାହାରିଲେ

ଟିଟିଲାଗଡ଼,୧୬।୭(ଇମିସ): ଏକ ହତ୍ୟା ଘଟଣାର ଅଭିଯୁକ୍ତ ଜଗଦୀଶ ଭୋଇ(୪୯) ଟିଟିଲାଗଡ଼ ଜେଲ୍ ହାଜତରେ ଥିବା ବେଳେ ତାଙ୍କୁ ମାନ୍ୟବର ହାଇକୋର୍ଟ ଜାମିନରେ ଯିବା ପାଇଁ ଆଦେଶ ଦେଇଥିଲେ। ହେଲେ ସେ ଜୀବନ୍ତ ଅବସ୍ଥାରେ ଫେରି ତାଙ୍କ ଆତ୍ମୀୟସ୍ୱଜନଙ୍କୁ ଦେଖିପାରି ନ ଥିଲେ। ସୋମବାର ରାତି ପ୍ରାୟ ୮ଟା ସମୟରେ ଜେଲ୍ ପରିସରରେ ଶ୍ରୀ ଭୋଇଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଥିଲା ବୋଲି ଜେଲ୍ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି। ବଙ୍ଗୋମୁଣ୍ଡା ଥାନା ଅଧୀନ ସାହାଜପାଣି ଗାଁର ଲକ୍ଷ୍ମୀଧର ଭୋଇ ଓ ତାଙ୍କର ୨ ପୁଅ ଜଗଦୀଶ ଏବଂ ଦଇତାରୀ ଏକ ହତ୍ୟାକାଣ୍ଡର ଅଭିଯୁକ୍ତ ଭାବେ ଏକ ବର୍ଷରୁ ଅଧିକ ହେବ ଟିଟିଲାଗଡ଼ ଜେଲ୍‌ରେ ବିଚାରାଧୀନ କଏଦୀ ଭାବେ ରହୁଥିଲେ। ଟିଟିଲାଗଡ଼ କୋର୍ଟରେ ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ମାନ୍ୟବାର ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ ଓ ଗତ ଜୁନ୍ ୨୧ ତାରିଖରେ ତାଙ୍କର ଜାମିନ ମଂଜୁର ହୋଇଥିଲା। ତେବେ ଜେଲ୍‌ରୁ ମୁକୁଳିବା ପୂର୍ବରୁ ଗତକାଲି ରାତିରେ ହୃଦ୍‌ଘାତରେ ମୃତ୍ୟୁ ଘଟିଲା ବୋଲି ଡାକ୍ତର ପ୍ରକାଶ କରିଛନ୍ତି। ତେବେ ରାତି ହୋଇଥିବାରୁ ତଥା ମୃତକଙ୍କ ଭାଇ ଓ ବାପା ଜେଲ୍‌ରେ ଥିବାରୁ ଗତକାଲି ଜଗଦୀଶଙ୍କ ଶବ ସରକାରୀ ଡାକ୍ତରଖାନାରେ ରଖା ଯାଇଥିଲା। ଓକିଲ ସଂଘର ଏକ ଜରୁରୀ ବୈଠକ ଡକାଯାଇ ମୃତ ଜଗଦୀଶଙ୍କ ବାପା ଓ ଭାଇଙ୍କ ଜାମିନ ପାଇଁ କୋର୍ଟରେ ପେଶ କରାଯାଇଥିଲା। ପରେ ଉଭୟେ ଜେଲ୍‌ରୁ ବାହାରିଥିଲେ। ଅପରାହ୍ନରେ ଜଗଦୀଶଙ୍କ ଶବ ବ୍ୟବଚ୍ଛେଦ କରାଯାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ମୃତ ଜଗଦୀଶଙ୍କ ପତ୍ନୀ ଓ ଗୋଟିଏ ପୁଅ ଅଛନ୍ତି।

# ପୁଲିସ୍ ମାଡ଼ରେ ଯୁବକ ଲହୁଲୁହାଣ

**ଗୁରୁତର ଅବସ୍ଥାରେ ବିଶାଖାପାଟଣା ସ୍ଥାନାନ୍ତର**

କୋରାପୁଟ,୧୧।୭(ଇମିସ): ପୁଲିସ୍ ମାଡ଼ରେ ଜଣେ ଯୁବକ ଲହୁଲୁହାଣ ହୋଇ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ବିଶାଖାପାଟଣା ସ୍ଥାନାନ୍ତର ହୋଇଥିବା ସୂଚନା ମିଳିଛି। ଯୁବକଙ୍କ ନାମ ଧନେଶ୍ୱର ଟାକିରୀ। ଘର କୋରାପୁଟ ବ୍ଲକ୍ ମହାଦେଇପୁଟ ପଂଚାୟତ ରାଉତପୁଟ ଗ୍ରାମର। ଧନେଶ୍ୱରଙ୍କ ଛାତିରେ ଗଭୀର ଆଘାତ ଲାଗିଥିବାରୁ ତାଙ୍କ ପାଟି ଓ ନାକରୁ ରକ୍ତ ସ୍ରାବ ହେଉଛି। ପ୍ରାଥମିକ ଚିକିତ୍ସା ପାଇଁ ଧନେଶ୍ୱରଙ୍କୁ ଗତ ତିନି ଦିନ ତଳେ ପୁଲିସ୍ କୋରାପୁଟ ମେଡ଼ିକାଲ୍‌ରେ ଭର୍ତ୍ତି କରିଥିଲା। ଆଜି ସକାଳେ ଧନେଶ୍ୱରଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଦେଖା ଦେବାରୁ ଅପରାହ୍ଣରେ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି।

ମିଳିଥିବା ସୂଚନାନୁଯାୟୀ, ଏକ ସପ୍ତାହ ତଳେ ପୁଲିସ୍ ନକଲି ନକ୍ସଲ ସଂନ୍ଦେହରେ ଧନେଶ୍ୱରଙ୍କୁ ଦାମନଯୋଡ଼ି ନିକଟରୁ ଗିରଫ କରିଥିଲା। ଧନେଶ୍ୱର ନକ୍ସଲ ନାମରେ ବିଭିନ୍ନ ଲୋକଙ୍କଠାରୁ ଚାନ୍ଦା ଆଦାୟ କରୁଥିବା ନେଇ ଅଭିଯୋଗ ଥିଲା। ଗିରଫ ପରେ ପୁଲିସ୍ ଧନେଶ୍ୱରଙ୍କୁ ଥାନାରେ ରଖି ପଚରା ଉଚରା କରୁଥିଲା। ତେବେ ଗତ ତିନି ଦିନ ତଳେ ପୁଲିସ୍ ହଠାତ୍ ଧନେଶ୍ୱରଙ୍କୁ ଚିକିତ୍ସା ପାଇଁ କୋରାପୁଟ ମେଡ଼ିକାଲ୍‌ରେ ଭର୍ତ୍ତି କରିଥିଲା। ମେଡ଼ିକାଲ୍‌ର ସର୍ଜରୀ ୱାର୍ଡ ୪ ନଂ ବେଡ୍‌ରେ ଧନେଶ୍ୱର ରହି ଚିକିତ୍ସିତ ହେଉଥିବା ବେଳେ ଆଜି ସକାଳେ ତାଙ୍କର ରକ୍ତବାନ୍ତି ହେବା ସହିତ ନାକରୁ ରକ୍ତ ବାହାରିଥିଲା। ଅଧିକ ଚିକିତ୍ସା ନିମନ୍ତେ ଧନେଶ୍ୱରଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରିବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ଅପରାହ୍ଣରେ ପୁଲିସ୍ ଧନେଶ୍ୱରଙ୍କୁ ନେଇ ଚିକିତ୍ସା ପାଇଁ ବିଶାଖାପାଟଣା ଯାଇଥିବା ଏଡିଏମ୍‌ଓ (ମେଡ଼ିକାଲ୍) ଡା. ବିଜୟ କୁମାର ମହାପାତ୍ର କହିଛନ୍ତି। ଧନେଶ୍ୱରଙ୍କ ସଂପର୍କୀୟ କହିବାନୁଯାୟୀ, ପୁଲିସ୍ ଧନେଶ୍ୱରଙ୍କୁ ଉଠାଇ ନେଇଥିବା ଖବର ପରିବାର ଲୋକେ ପାଇ ନ ଥିଲେ। ଧନେଶ୍ୱର ଚିକିତ୍ସା ପାଇଁ ମେଡ଼ିକାଲ୍‌ରେ ଭର୍ତ୍ତି ହେବା ପରେ ପରିବାର ଲୋକେ ଖବର ପାଇ ଆସିଥିଲେ। ତେବେ ଆଜି ଅପରାହ୍ଣରେ ହଠାତ୍ ପୁଲିସ୍ ଧନେଶ୍ୱରଙ୍କୁ ବିଶାଖାପାଟଣା ନେବାକୁ କହି ନେଇ ଯାଇଥିଲା। ଘଟଣା ସଂପର୍କରେ ଜାଣିବା ପାଇଁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅବିନାଶ କୁମାରଙ୍କୁ ଯୋଗଯୋଗ କରାଯାଇଥିଲା। କିନ୍ତୁ ଯୋଗାଯୋଗ ସମ୍ଭବ ହୋଇ ନ ପାରିବା କାରଣରୁ କିଛି ସୂଚନା ମିଳିପାରିନାହିଁ।

# ମୃତ ଛାତ୍ର ଜୀବିତ ଠାବ

ଦେବଗଡ଼,୨୫।୭ (ଇମିସ): ସପ୍ତାହକ ତଳେ ମୃତ ଘୋଷିତ ହୋଇଥିବା ଜଣେ ଡିପ୍ଲୋମା ଛାତ୍ରକୁ ଆଜି ଜୀବିତ ଠାବ କରାଯିବା ଘଟଣା ଦେବଗଡ଼ ଅଂଚଳରେ ଚହଳ ସୃଷ୍ଟି କରିଛି। ସଂପୃକ୍ତ ଯୁବକକୁ ହତ୍ୟା ଅଭିଯୋଗରେ ୬ ଜଣ ନିରୀହ ଯୁବକ ଜେଲ୍‌ରେ ଦଣ୍ଡ ଭୋଗୁଥିବା ବେଳେ ଏହି ଘଟଣା ପୁଲିସର ତଦନ୍ତ ପ୍ରକ୍ରିୟା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି । ଚଳିତ ମାସ ୧୬ ତାରିଖରେ ଲଇମୁରା ଫାଣ୍ଡି ଫୁଲପଥର-ତିଲେଇମାଳ ଜଙ୍ଗଲରୁ



## ● ନିର୍ଦ୍ଦୋଷ ୬ ଯୁବକ ଏବେ ବି ଜେଲ୍‌ରେ
## ● ଗଳିତ ଶବ ସତ୍କାର ପରେ ଏବେ ପରିଚୟ ଖୋଜୁଛି ପୁଲିସ୍

ହାତଗୋଡ଼ କଟା ହୋଇଥିବା ଏକ ଗଳିତ ଶବକୁ ପୁଲିସ୍ ଠାବ କରିଥିଲା। ତା'ପରଦିନ ଏହି ଶବଟି ବିଜୟନଗର ଗାଁର ଯଶୋଧର ଗଡ଼ତିଆଙ୍କ ପୁଅ ଦିବ୍ୟଶଂକର ବୋଲି ଚିହ୍ନଟ କରାଯିବା ପରେ ଶୁଦ୍ଧିକ୍ରିୟା ମଧ୍ୟ କରାଯାଇଥିଲା। ଏହି ମାମଲାରେ ପୁଲିସ୍ ୬ ଜଣଙ୍କୁ ହତ୍ୟା ଅଭିଯୋଗରେ ଗିରଫ କରି ଜେଲ୍ ପଠାଇଲା। ବର୍ତ୍ତମାନ ଏହି ମାମଲା ଭିନ୍ନ ମୋଡ଼ ନେଇଛି। ଗିରଫ ହୋଇଥିବା ଯୁବକମାନେ ସଂପୂର୍ଣ୍ଣ ନିର୍ଦ୍ଦୋଷ ବୋଲି ଜଣାପଡ଼ିଛି। ଦିବ୍ୟଶଂକରଙ୍କୁ ଜୀବିତ ଠାବ କରାଯାଇଛି। ମୃତ ଘୋଷିତ ଦିବ୍ୟଶଂକର ଗୁରୁବାର ଭୁବନେଶ୍ୱରରୁ ଦେବଗଡ଼କୁ ଏକ ଘରୋଇ ବସ୍‌ରେ ଆସୁଥିବା ବେଳେ ପୁଲିସ୍ ରିଆମାଳରେ ତାକୁ ଅଟକାଇ ଥାନାରେ ପଚରାଉଚୁରା କରିଛି। ପୁଲିସ୍ ତା'ଠାରୁ ଏକ ଗଂଜେଇ ଚିଲମ ମଧ୍ୟ ଜବତ କରିଛି। ଏପଟେ ଦେବଗଡ଼ ଟ୍ରେଜେରି ଅଫିସ୍‌ରେ ପିଅନ୍ ତଥା ବାପା ଯଶୋଧର ପୁଲିସ୍‌କୁ ବିଭ୍ରାନ୍ତ କରିଥିବା ନେଇ ମାମଲା ରୁଜୁ କରାଯାଇଛି। ସୂଚନାଯୋଗ୍ୟ, ହତ୍ୟା ମାମଲାରେ ଦିବ୍ୟଶଂକରର ୫ ସାଂଗ ସମେତ ୬ ଜଣ ଏବେ ଜେଲ୍‌ରେ ଅଛନ୍ତି । ସେମାନଙ୍କୁ ନିର୍ଦ୍ଦୋଷରେ ଖଲାସ୍ କରିବାକୁ ପୁଲିସ୍‌ର ଆବେଦନ କୋର୍ଟରେ ଖାରଜ ହୋଇଯାଇଥିବାରୁ ଯୁବକମାନେ ଏବେ ବି ଜେଲ୍‌ର ଚାରି କାନ୍ଥ ଭିତରେ ରହିଛନ୍ତି।

ସୂଚନା ଅନୁସାରେ, ଯଶୋଧରଙ୍କ ପୁଅ ଦିବ୍ୟଶଂକର ଭୁବନେଶ୍ୱର ଗୁରୁକୁଳ କଲେଜରେ ତୃତୀୟ ବର୍ଷ ଡିପ୍ଲୋମା ପଢୁଛି। ଦିବ୍ୟଶଂକର ପାଇଁ ତା ବାପା ଗତ ୫/୬ ତାରିଖରେ ବସ୍‌ରେ ଟଙ୍କା ପଠାଇଥିଲେ। ଦିବ୍ୟଶଂକର ବସ୍‌ରୁ ଟଙ୍କା ମଧ୍ୟ ନେଇଥିଲା। ୮ ତାରିଖ ଦିନ ବାପା ଘରକୁ ଫେରି ପୁଅର ପ୍ୟାଣ୍ଟ ଓ ଜୋତା ଶୁଖୁଥିବା ଦେଖିଥିଲେ ଏବଂ ଏନେଇ ସାନ ଭାଇ ତଥା ଦିବ୍ୟର କାକାଙ୍କୁ ପଚାରିବାରୁ ସେ 'ସାଂଗମାନଙ୍କ ସହ ଭୋଜି କରିବାକୁ ଯାଇଥିବ' କହିଥିଲେ। ରାତି ୮ଟା ପର୍ଯ୍ୟନ୍ତ ପୁଅ ନ ଫେରିବାରୁ ବାପା ଫୋନ କରିଥିଲେ। ଦିବ୍ୟ ଭୋଜି ସରିଲେ ଫେରିବି ବୋଲି କହି ଫୋନ୍ ରଖି ଦେଇଥିଲା। ସକାଳେ କିଛି ଯୁବକ ତାକୁ ବାରକୋଟରେ ଭୁବନେଶ୍ୱର ପଠାଇ ଦେଇଥିବା କହିଥିଲେ। ଭୁବନେଶ୍ୱରରେ କାକା ଖୋଜାଖୋଜି କରିଥିଲେ। କିନ୍ତୁ, କୌଣସି ସଂଧାନ ମିଳି ନଥିଲା। ୧୨ ତାରିଖରେ ବାପା ଏନେଇ ଦେବଗଡ଼ ଥାନାରେ ନିଖୋଜ ଏତଲା ଦେବା ପରେ ୧୪ ତାରିଖରେ ପୁଲିସ୍ ବିଜୟନଗରର କିଛି ଯୁବକଙ୍କୁ ଜେରା କରି ବଣ୍ଡରେ ଛାଡ଼ି ଦେଇଥିଲା।

୧୬ ତାରିଖରେ ଫୁଲପଥର-ତିଲେଇମାଳ ଜଙ୍ଗଲରୁ ପୁଲିସ୍ ସଂପୃକ୍ତ ବିବାଦୀୟ ମୃତ ଦେହ ଠାବ କରି ବ୍ୟବଚ୍ଛେଦ କରିଥିଲା। ମୃତ୍ୟୁର କାରଣ ହତ୍ୟା ବୋଲି ଜଣାପଡ଼ିବା ପରେ ଏବଂ ଯଶୋଧର ଉକ୍ତ ଶବକୁ ପୁଅ ଦିବ୍ୟଶଂକର ବୋଲି ଚିହ୍ନଟ କରିବା ପରେ ପୁଲିସ୍ ଆଲୋକ ବେହେରା (୨୦), ସନ୍ତୋଷ ଜେନା (୨୪), ସତ୍ୟ ବରିହା (୨୦), ରବୀନ୍ଦ୍ର ସ୍ୱାଇଁ (୨୦), ସୁଧୀର ବରିହା (୨୦)ଙ୍କୁ କୋର୍ଟ ଚାଲାଣ କରିଥିଲା। ୨୩ ତାରିଖ ଦିନ ଘଟନାର ମୁଖ୍ୟ ଅଭିଯୁକ୍ତ ଭାବେ ହରି ଓରଫ ଗୋପ ନାଏକଙ୍କୁ ଗିରଫ କରିଥିଲା। ସେମାନେ ପୁଲିସକୁ ବହୁ ନେହୁରା ହୋଇ ହତ୍ୟାକାଣ୍ଡ ସଂପର୍କରେ କିଛି ଜାଣନ୍ତି ନାହିଁ ବୋଲି କହିବା ସତ୍ତ୍ୱେ ତାଙ୍କ କଥାକୁ କେହି ଭୃକ୍ଷେପ କରିନଥିଲେ। ଚକ୍ରାନ୍ତ କରି ଏହି ୬ ଜଣ ତାଙ୍କ ପୁଅକୁ ହତ୍ୟା କରିଥିବା ଦିବ୍ୟଶଂକରର ପରିବାର ବର୍ଗ ଏତଲା ଦେଇଥିଲେ। ସେମାନେ ନିର୍ଦ୍ଦୋଷ ବୋଲି ଏବେ ଜଣାପଡ଼ିବା ପରେ ବି ଜେଲ୍ ହାଜତରେ ଅଛନ୍ତି। ଅପରପକ୍ଷରେ ଏସ୍‌ପି ଡ. ସତ୍ୟଜିତ ନାଏକ ପୁଲିସ୍ ତଦନ୍ତରେ କୌଣସି ଅବହେଳା ହୋଇନାହିଁ ବୋଲି ପ୍ରକାଶ କରିଛନ୍ତି। ଆଜି ଦିବ୍ୟ ଜୀବିତ ଠାବ ହେବା ପରେ ଏହି ମାମଲାରେ ବାପା ଯଶୋଧରଙ୍କ ବିରୋଧରେ ପୁଲିସ୍ ତଦନ୍ତକୁ ବିଭ୍ରାନ୍ତ କରିବା ନେଇ ଅନ୍ୟ ଏକ ମାମଲା ରୁଜୁ କରାଯାଇଛି। ଏହି କେସ୍‌ରେ ଯଶୋଧରଙ୍କୁ ଅଟକ ରଖାଯାଇଛି। ଅନ୍ୟପଟେ ପୂର୍ବ ମାମଲାରେ ୬ ଜଣ ଯୁବକଙ୍କ ଆବେଦନକୁ କୋର୍ଟ ଖାରଜ କରିଥିବାରୁ ସେମାନେ ମୁକୁଳି ପାରିନାହାନ୍ତି। ଏହି ଘଟନାରେ ଯୁବକଙ୍କ ମାନବାଧିକାର କ୍ଷୁର୍ଣ୍ଣ ହେଉଥିବା ନେଇ ପରିବାର ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

# ଜଟିଳ ହେଉଛି ନିୟମଗିରି ଗ୍ରାମସଭା ପ୍ରସଙ୍ଗ

**ରାଜ୍ୟ ସରକାର କେନ୍ଦ୍ରକୁ ଦେଲେ ପ୍ରତ୍ୟୁତ୍ତର, କହିଲେ ସନ୍ଦେହ ଥିଲେ କୋର୍ଟ ଯାଇପାର**

**ଲୋକଶକ୍ତି ଅଭିଯାନର ଦାବି ପ୍ରତ୍ୟାହାର କର ଗ୍ରାମସଭା ବିଜ୍ଞପ୍ତି**

ଭୁବନେଶ୍ୱର, ୮/୭(ଇ.ମି.ସ): ଗ୍ରାମବାସୀ ହିଁ ଗ୍ରାମସଭା ପ୍ରକ୍ରିୟା ଆରମ୍ଭ କରିବେ। ଗ୍ରାମସଭା ଡାକିବା ନିଷ୍ପତ୍ତି ସରକାରଙ୍କର ନାହିଁ। ସୁପ୍ରିମକୋର୍ଟ କହିଛନ୍ତି, କେବଳ ରାଜ୍ୟ ସରକାର ଗ୍ରାମସଭାକୁ ସହଯୋଗ କରିବେ। ଓଡ଼ିଶା ଲୋକଶକ୍ତି ଅଭିଯାନ ଏହି ପ୍ରସଙ୍ଗରେ ଆଜି ସରକାରଙ୍କୁ ଘେରିଛି। ଧମକ ଦେଇଛି ଯେ କେନ୍ଦ୍ର ଆଦିବାସୀ ମନ୍ତ୍ରାଳୟକୁ ଚିଠି ଲେଖାଯିବ, ରାଜ୍ୟ ସରକାରଙ୍କ ବଦଳରେ ସେମାନେ ଗ୍ରାମସଭାକୁ ସହଯୋଗ କରିବେ। କେହି ନମାନିଲେ ସୁପ୍ରିମକୋର୍ଟରେ ମକଦ୍ଦମା ହେବ। ସେପଟେ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଶାସନ ସଚିବ ସନ୍ତୋଷ ଷଡଙ୍ଗୀ କେନ୍ଦ୍ର ଆଦିବାସୀ ମନ୍ତ୍ରାଳୟକୁ ଜଣାଇଦେଇଛନ୍ତି ଯେ ରାଜ୍ୟସରକାର ସ୍ଥିର କରିଥିବା ୧୨ଟି ଗାଁରେ ହିଁ ଗ୍ରାମସଭା ହେବ। କେନ୍ଦ୍ର ସରକାରଙ୍କର ଯଦି ରାୟକୁ ନେଇ ଦ୍ୱନ୍ଦ୍ୱ ରହୁଛି, ସେମାନେ ସୁପ୍ରିମକୋର୍ଟ ଯାଇପାରନ୍ତି। କୋର୍ଟଙ୍କ ଠାରୁ ସ୍ପଷ୍ଟୀକରଣ ଲୋଡ଼ିପାରନ୍ତି।

ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଲୋକଶକ୍ତି ଅଭିଯାନର ସଭାପତି ପ୍ରଫୁଲ୍ଲ ସାମନ୍ତରା କହିଛନ୍ତି ଯେ ନିୟମଗିରିରେ କେଉଁ ଗ୍ରାମ ପ୍ରଭାବିତ ହେବ ଓ କେଉଁ ଗ୍ରାମରେ ଗ୍ରାମସଭା ହେବ ସେ ନିଷ୍ପତ୍ତି ନେବା ଅଧିକାର ରାଜ୍ୟ ସରକାରଙ୍କର ନାହିଁ। ରାଜ୍ୟ ସରକାର ଯେଉଁ ୧୨ଟି ଗାଁରେ ଗ୍ରାମସଭା ପାଇଁ ନୋଟିସ ଜାରି କରିଛନ୍ତି, ସେ ସଂକ୍ରାନ୍ତ ବିଜ୍ଞପ୍ତି ଫେରାଇ ନିଅନ୍ତୁ। ସୁପ୍ରିମକୋର୍ଟଙ୍କ ରାୟର ପରିଚ୍ଛେଦ ୬୦କୁ ଉଦ୍ଧାର କରି ଶ୍ରୀ ସାମନ୍ତରା ଯୁକ୍ତି କରିଛନ୍ତି ଯେ କୋର୍ଟ କହିଛନ୍ତି, ଧାର୍ମିକ ତଥାୟ ସାଂସ୍କୃତିକ ଅଧିକାର ଉପରେ ଖଣି ଖନନର ପ୍ରଭାବ, ସାମୁହିକ ଅଧିକାର ଗ୍ରାମସଭାରେ ଉପସ୍ଥାପନ ହେବ। ପ୍ରତି ଗ୍ରାମକୁ ଜଣାଇଦେବା ଦରକାର ଯେ ସେମାନେ ନିଜ ନିଜ ଗ୍ରାମସଭା ପାଇଁ ପ୍ରକ୍ରିୟା ଆରମ୍ଭ କରିବେ। ଏହି ଗ୍ରାମସଭାରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର କେବଳ ସହଯୋଗ କରିବା ଲାଗି ରାୟରେ କୁହାଯାଇଛି। ମାତ୍ର ରାଜ୍ୟ ସରକାର ଏହି ରାୟର ଏବେ ଖୋଲା ଉଲ୍ଲଂଘନ କରୁଛନ୍ତି। ସେହିଭଳି ରାୟଗଡ଼ା ଜିଲ୍ଲା ପ୍ରଶାସନ ଏକ ସର୍ଭେ ଦଳକୁ ଗତକାଲି ପଠାଇବା ଘଟଣାକୁ ବି ଶ୍ରୀ ସାମନ୍ତରା ନାପସନ୍ଦ କରିଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଶାସନ ସଚିବ ସନ୍ତୋଷ ଷଡ଼ଙ୍ଗୀ ଆଦିବାସୀ ମନ୍ତ୍ରାଳୟର ସଚିବ ଭିବା ପୁରୀଙ୍କୁ ଚିଠି ଲେଖିଛନ୍ତି। ଏଥିରେ କୁହାଯାଇଛି ଯେ କେନ୍ଦ୍ର ସରକାରଙ୍କ ଚିଠି ମିଳିବା ପରେ ତାକୁ ରାଜ୍ୟ ସରକାର ତର୍ଜମା କରିଛନ୍ତି। ଉଭୟ ଆଇନ ବିଭାଗ ଓ ଆଡ଼ଭୋକେଟ ଜେନେରାଲଙ୍କ ମତାମତ ଲୋଡ଼ାଯାଇଥିଲା। ଏହାର ନିଷ୍କର୍ଷ ହେଉଛି,ସେହି ୧୨ଟି ଗାଁରେ ହିଁ କେବଳ ଗ୍ରାମସଭା ହେବ। ଏହା ସୁପ୍ରିମକୋର୍ଟଙ୍କ ରାୟକୁ ଉଲ୍ଲଂଘନ କରୁନାହିଁ ବୋଲି ଆଡଭୋକେଟ ଜେନେରାଲ ମତ ରଖିଛନ୍ତି। ଯଦି କେନ୍ଦ୍ର ସରକାରଙ୍କ ମନରେ ଦ୍ୱନ୍ଦ୍ୱ ରହୁଛି, ତେବେ ସେମାନେ ସୁପ୍ରିମକୋର୍ଟରୁ ଏ ନେଇ ସ୍ପଷ୍ଟୀକରଣ ଲୋଡ଼ନ୍ତୁ ବୋଲି ସଚିବ ଶ୍ରୀ ଷଡଙ୍ଗୀ ସ୍ପଷ୍ଟ କରିଦେଇଛନ୍ତି। ଏଥିସହିତ ନିୟମଗିରି ପ୍ରସଙ୍ଗଟି ଏବେ ଜଟିଳ ରୂପ ନେବାକୁ ଯାଉଛି। ଉଲ୍ଲେଖଯୋଗ୍ୟ, ନିୟମିଗିରି ମାମଲାରେ ୧୨ଟି ଗାଁରେ ଗ୍ରାମସଭା କରିବା ପ୍ରସଙ୍ଗକୁ ନେଇ ପୂର୍ବରୁ କେନ୍ଦ୍ର ଆଦିବାସୀ ମନ୍ତ୍ରାଳୟ ଓ କେନ୍ଦ୍ର ଆଦିବାସୀ ମନ୍ତ୍ରୀ ଭି. କେ ଦେଓ ଆପତ୍ତି ଉଠାଇଥିଲେ ଓ ରାଜ୍ୟ ସରକାରଙ୍କୁ ଚିଠି ଲେଖିଥିଲେ। କେନ୍ଦ୍ର ମନ୍ତ୍ରୀ ଶ୍ରୀ ଦେଓ ସମ୍ବିଧାନର ପଞ୍ଚମ ଅନୁଚ୍ଛେଦ ଅନୁସାରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ରାଜ୍ୟପାଳଙ୍କୁ ଚିଠି ଲେଖିଥିଲେ। ରାଜ୍ୟ ସରକାର ରାୟଗଡାର ୭ଟି ଗାଁରେ ଜୁଲାଇ ୧୮ରୁ ଅଗଷ୍ଟ ୧୯ ମଧ୍ୟରେ ଗ୍ରାମସଭା କରିବା ଲାଗି ତାରିଖ ଧାର୍ଯ୍ୟ କରିଛନ୍ତି। କଳାହାଣ୍ଡିର ୫ଟି ଗାଁ ପାଇଁ ପାଇଁ ଗ୍ରାମସଭା କରିବାର ସମୟସୀମା ଜୁଲାଇ ୨୩ରୁ ୩୦ ତାରିଖ ସ୍ଥିରୀକୃତ ହୋଇଛି।

# ବେଦାନ୍ତ ଲାଞ୍ଜିଗଡ଼ କାରଖାନା ପୁଣି ଖୋଲିଲା

ଭୁବନେଶ୍ୱର, ୧୧/୭ (ଇମିସ): ଦୀର୍ଘ ସାତ ମାସ ଧରି ବନ୍ଦ ରହିବା ପରେ ବେଦାନ୍ତ ଆଲୁମିନିୟମ୍ ଏହାର ଲାଞ୍ଜିଗଡ଼ସ୍ଥିତ ଆଲୁମିନା ବିଶୋଧନ ପ୍ରକଳ୍ପ ପୁନଃ କାର୍ଯ୍ୟକ୍ଷମ କରିଛି । ପ୍ରକଳ୍ପ ପାଇଁ କଞ୍ଚାମାଲ ବକସାଇଟ୍ ଅଭାବରୁ କଂପାନି ଏହି ପ୍ରକଳ୍ପରୁ ଉତ୍ପାଦନ ବନ୍ଦ କରିଥିଲା । ୧ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଏହି ପ୍ରକଳ୍ପ ଆଜି ପୁଣି ଖୋଲିଛି । ତେବେ ଆରମ୍ଭରୁ ପ୍ରକଳ୍ପ କ୍ଷମତାର ୬୦ ପ୍ରତିଶତ ବିନିଯୋଗ ହେବ ବୋଲି କଂପାନିର ସଭାପତି ମୁକେଶ କୁମାର ଆଜି ପ୍ରକାଶ କରିଛନ୍ତି । ଝାଡ଼ଖଣ୍ଡ, ଗୁଜରାଟ ଏବଂ ଛତିଶଗଡ଼ରୁ ବକସାଇଟ୍ ଆଣି କଂପାନି ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିଛି । ସୂଚନାଯୋଗ୍ୟ ଲାଞ୍ଜିଗଡ଼ ପ୍ରକଳ୍ପରେ ବିନିଯୋଗ ପାଇଁ ବେଦାନ୍ତ ଆଲୁମିନିୟମ ନିୟମଗିରିରୁ ବକସାଇଟ୍ ଖନନ କରିବ ବୋଲି ଲକ୍ଷ୍ୟ ରଖିଛି । ତେବେ ଏହାକୁ ନେଇ ବିବାଦ ଲାଗି ରହିଥିବବେଳେ କଂପାନି ଗତ ଡିସେମ୍ବର ୫ରୁ ଲାଞ୍ଜିଗଡ଼ସ୍ଥିତ ରିଫାଇନାରିରୁ ଉତ୍ପାଦନ ବନ୍ଦ କରିବାକୁ ବାଧ୍ୟ ହୋଇଥିଲା । ତେବେ ରାଜ୍ୟରେ ନିୟମଗିରିର ବିକଳ୍ପ ଭାବେ ଅନ୍ୟ କେତେକ ଖଣି ପାଇଁ ମଧ୍ୟ ବେଦାନ୍ତ ଆଲୁମିନିମୟ ରାଜ୍ୟ ସରକାରଙ୍କ ନିକଟରେ ଆବେଦନ କରିଛି । କିନ୍ତୁ କୌଣସି ଥିରେ ଏପର୍ଯ୍ୟନ୍ତ କଂପାନି ସଫଳ ହୋଇ ପାରି ନଥିବାରୁ ପୁଣି ବାହାର ରାଜ୍ୟରୁ ବକସାଇଟ୍ ଆଣି ଆଲୁମିନା ବିଶୋଧନ ପ୍ରକଳ୍ପ ଚଳାଇବା ପାଇଁ ବେଦାନ୍ତ ଆଲୁମିନିୟମ ନିଷ୍ପତ୍ତି ନେଇଛି ।

# ଜିନ୍ଦଲ ଇସ୍ପାତ କାରଖାନାରେ ଦୁର୍ଘଟଣା, ଶ୍ରମିକଙ୍କ ମୃତ୍ୟୁ

ଯାଜପୁର/ଦାନଗଦି,୧୩/୭(ଇମିସ): ଆଜି ପୁଣି କଳିଙ୍ଗନଗର ଶିଳ୍ପାନୁଷ୍ଠାନରେ ଆଉ ଜଣେ ଶ୍ରମିକ ବଳି ପଡିଛନ୍ତି । ଜିନ୍ଦଲ ଷ୍ଟେନ୍‌ଲେସ ଷ୍ଟିଲ କାରଖାନାରେ ଆଜି ଭୋର ସମୟରେ ଦୁର୍ଘଟନା ଘଟି ଠିକା ଶ୍ରମିକ ପ୍ରତାପ ସାହୁ(୨୬)ଙ୍କର ଶୋଚନୀୟ ମୃତ୍ୟୁ ଘଟିଛି । ଏଥିନେଇ ଉତ୍ତ୍ୟକ୍ତ ଶ୍ରମିକମାନେ ଜିନ୍ଦଲ କାରଖାନାର ମୁଖ୍ୟ ଫାଟକରେ ତାଲା ପକାଇ ଦେବା ସହିତ ଟାୟାର ଜାଳି ରାସ୍ତା ଅବରୋଧ କରିଥିବା ଜଣାଯାଇଛି । ଉତ୍ତ୍ୟକ୍ତ ଶ୍ରମିକମାନେ କୌଣସି ଅଧିକାରୀଙ୍କୁ କାରଖାନା ଭିତରକୁ ଛାଡି ନଥିଲେ । ଏପରିକି ଆନ୍ଦୋଳନକାରୀ ଶ୍ରମିକଙ୍କ ଦ୍ୱାରା କେତେକ ଅଧିକାରୀ ଓ କର୍ମଚାରୀ ଆକ୍ରମଣର ଶିକାର ହୋଇଥିଲେ ।



ଶ୍ରମିକଙ୍କ ତାଲାବନ୍ଦ ଆନ୍ଦୋଳନ

ପ୍ରକାଶ ଯେ କଳିଙ୍ଗନଗରରେ ଥିବା ଜିନ୍ଦଲ ଇସ୍ପାତ କାରଖାନାର ଠିକାଦାର ବିଭୁତି ଭୂଷଣ ଧିରଙ୍କ ଅଧୀନରେ କାମ କରୁଥିବା ପ୍ରତାପ ସାହୁ ଗତ୧୨ ତାରିଖ ରାତିରେ ଡିୟୁଟି କରୁଥିଲେ । କାରଖାନାର ସିଆର୍‌ଏମ ସାଇଟ୍‌ରେ ପ୍ରତାପ କାମ କରୁଥିଲେ । ରାତି ୨ଟାରେ ଓଭର ହେଡ୍ କ୍ରେନ୍‌ରୁ ଏକ ପ୍ଲେଟ ତାଙ୍କ ଉପରେ ପଡ଼ିଯିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା । କାରଖାନା କର୍ତ୍ତୃପକ୍ଷ ଶ୍ରମିକ ଉତ୍ତେଜନା ଭୟରେ ଚିକିତ୍ସା କରାଇବା ଆଳରେ ପ୍ରତାପଙ୍କ ଶବକୁ କଟକ ଡ଼ାକ୍ତରଖାନାକୁ ନେଇ ଯାଇଥିଲେ । ବାଟରେ ପ୍ରତାପଙ୍କ ମୃତ୍ୟୁ ହୋଇଥିବାର କାରଖାନାର କର୍ତ୍ତୃପକ୍ଷ ସପେଇ ଦେଇଥିଲେ । ସକାଳ ୫ଟାରେ ପ୍ରତାପଙ୍କର ମୃତ୍ୟୁ ହୋଇଛି ବୋଲି କର୍ତ୍ତୃପକ୍ଷ କହୁଛନ୍ତି । ଏହି ଘଟନା ପ୍ରଚାର ହେବା ମାତ୍ରେ ଶତାଧିକ ଶ୍ରମିକ ସକାଳ ୮ଟାରେ କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ଟାୟାର ଜାଳି ରାସ୍ତା ଅବରୋଧ କରିବା ସହିତ ହରତାଳ ଆରମ୍ଭ କରିଥିଲେ । ଆଇନ ଶୃଙ୍ଖଳା ରକ୍ଷା ପାଇଁ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ଭରତ ବେହେରା, ଯଖପୁରା ଥାନା ଅଧିକାରୀ ରାଜୀବ ଲୋଚନ ପଣ୍ଡା, ଦାନଗଦି ତହସିଲଦାର ଗିରିଧାରୀ ପରିଡା ଓ ସୁକିନ୍ଦା ତହସିଲଦାର ମାନସ ସାମଲ ଘଟନାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ଶ୍ରମିକମାନଙ୍କୁ ବୁଝାସୁଝା କରିଥିଲେ । କଳିଙ୍ଗନଗର ମଜଦୁର ୟୁନିଅନ କମ୍ପାନିର ପ୍ରତିନିଧି, କାରଖାନାର ଏଭିପି ପି.କେ ସିହ୍ନା, ଜିଏମ୍ ଜେ.ପି ଜେନା ଓ କର୍ଣ୍ଣେଲ ଅମୂଲ୍ୟ ପଣ୍ଡା ପ୍ରମୁଖ ଆଲୋଚନାରେ ସାମିଲ ହୋଇଥିଲେ । କ୍ଷତିଗ୍ରସ୍ତ ପରିବାରକୁ ୬.୫ ଲକ୍ଷ ଟଙ୍କା ଅନୁକମ୍ପା ସାହାଯ୍ୟ, ଶୁଦ୍ଧିକ୍ରିୟା ପାଇଁ ୫୦ ହଜାର ଓ ପରିବାରର ଜଣେ ସଦସ୍ୟଙ୍କୁ ସ୍ଥାୟୀ ନିଯୁକ୍ତି ପାଇଁ ପ୍ରତିଶ୍ରୁତି ମିଳିବାରୁ ଅପରାହ୍ନରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ।

ଏଠାରେ ସ୍ମରଣଯୋଗ୍ୟ ଯେ ଗତ ଦେଢ ମାସ ମଧ୍ୟରେ କଳିଙ୍ଗନଗରସ୍ଥିତ ଏକାଧିକ ଶିଳ୍ପାନୁଷ୍ଠାନରେ ୫ଜଣ ଠିକା ଶ୍ରମିକଙ୍କର ଦୁର୍ଘଟନାରେ ଅକାଳ ମୃତ୍ୟୁ ହେଲାଣି । ଗତ ମାସ ୪ତାରିଖରେ ରୋହିତରେ ଦୁର୍ଘଟନାରେ ଜଣେ ଶ୍ରମିକ ମୃତ୍ୟୁବରଣ କରିଥିବା ବେଳେ ୧୭ତାରିଖରେ ମୈଥାନରେ ଦୁର୍ଘଟନା ଘଟି ଆଉ ଜଣେ ଶ୍ରମିକଙ୍କର ମୃତ୍ୟୁ ହୋଇଥିଲା । ସେହିପରି ଏଲ୍‌ଆଣ୍ଡ୍‌ଟିରେ ଜଣେ ଶ୍ରମିକଙ୍କର ମୃତ୍ୟୁ ହୋଇଥିବା ବେଳେ ନୀଳାଚଳ ଇସ୍ପାତ କାରଖାନରେ ଜଣେ ଶ୍ରମିକଙ୍କର ମୃତ୍ୟୁ ହୋଇଛି । ଶିଳ୍ପାନୁଷ୍ଠାନରେ ଲଗାତର ଶ୍ରମିକଙ୍କ ମୃତ୍ୟୁକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି । ଶ୍ରମିକମାନଙ୍କ ମୃତ୍ୟୁ ଘଟଣାରେ କାରଖାନାର କର୍ତ୍ତୃପକ୍ଷ ଟଙ୍କା ଦେଇ ନିଜର ଦାୟିତ୍ୱକୁ ସୀମିତ ରଖୁଥିବାରୁ ସର୍ବୋଚ୍ଚ ଅଧିକାରୀଙ୍କୁ ଗିରଫ କରିବାକୁ ଜିଲ୍ଲାପାଳ ଅନିଲ କୁମାର ସାମଲ ନିର୍ଦ୍ଦେଶ ଦେଇଛନ୍ତି ।

# ନୋଳିଆସାହିରେ ଟ୍ରେଞ୍ଚ୍ ଖୋଳାକୁ ବିରୋଧ



କୁଜଙ୍ଗ,୨୬।୭(ଇମିସ): ଗୋବିନ୍ଦପୁର ପରେ ଏବେ ପୋସ୍କୋ ପ୍ରକଳ୍ପ ପାଇଁ ନୋଳିଆ ସାହିରେ ଜନଅସନ୍ତୋଷ ତୀବ୍ର ହୋଇଛି । ସେମାନଙ୍କ ଦାବିକୁ ପ୍ରଶାସନ ଏବଂ ପୋସ୍କୋ ପୂରଣ କରିବା ପରିବର୍ତ୍ତେ ମିଛ ବାହାନାରେ ସମୟ ଗଡାଇ ଚାଲିଛନ୍ତି । କୌଣସି ପ୍ରକାରେ କାର୍ଯ୍ୟ କରିବାକୁ ପୋସ୍କୋ ଏବଂ ପ୍ରଶାସନ ଚକ୍ରାନ୍ତ କରିଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି । ଫଳରେ ଆଜି ବାରଣ ସତ୍ତ୍ୱେ ଦୁଇ ପୋସ୍କୋ କର୍ମଚାରୀ ନୋଳିଆ ସାହିକୁ ଯାଇଥିବା ବେଳେ ଗ୍ରାମବାସୀମାନେ ସେମାନଙ୍କୁ ଅଟକ ରଖିଥିବା ଜଣାଯାଇଛି । ଏବେ ଗ୍ରାମବାସୀ ଏକତ୍ରିତ ଭାବେ ପୋସ୍କୋ ପ୍ରକଳ୍ପକୁ ବିରୋଧ କରିବାକୁ ସଜବାଜ ହୋଇଛନ୍ତି ।

ପ୍ରସ୍ତାବିତ ପୋସ୍କୋ ପ୍ରକଳ୍ପରେ ସଂପୂର୍ଣ୍ଣ ଭାବେ ବିସ୍ଥାପିତ ହେବାକୁଥିବା ଗ୍ରାମ ହେଉଛି ଗଡକୁଜଙ୍ଗ ପଞ୍ଚାୟତର ନୋଳିଆ ସାହି । ଏଥିପାଇଁ

## ଦୁଇ ପୋସ୍କୋ କର୍ମଚାରୀ ଅଟକ

ପ୍ରଶାସନ ଏବଂ ପୋସ୍କୋ ସେମାନଙ୍କୁ ଅଧିକ ଗୁରୁତ୍ୱ ପ୍ରଦାନ କରିବେ ବୋଲି ସେମାନେ ଚିନ୍ତା କରିଥିଲେ । ମାତ୍ର ଏବେ ଫଳ ଓଲଟା ହେଉଥିବା ଗ୍ରାମବାସୀମାନେ ଅନୁଭବ କଲେଣି । ୨୦୧୦ ମସିହାରେ ପ୍ରଥମେ ଏହି ଗ୍ରାମରୁ ଗଛକଟା ଏବଂ ପାନବରଜ ଭଙ୍ଗା କାର୍ଯ୍ୟ ଆରମ୍ଭ କରାଯାଇଥିଲା । ସେମାନଙ୍କୁ ପ୍ରତିଶ୍ରୁତି ପ୍ରଦାନ କରାଯାଇଥିଲା ଯେ ପାନବରଜ ଶ୍ରମିକମାନଙ୍କୁ ମାସିକ ୨୨୫୦ ଟଙ୍କା ମାସିକ ଭତ୍ତା ପ୍ରଦାନ କରାଯିବ । ମାତ୍ର ପ୍ରଶାସନ ଏପର୍ଯ୍ୟନ୍ତ ଏହା ପ୍ରଦାନ କରିନଥିବାରୁ ଗ୍ରାମରେ ତୀବ୍ର ଅସନ୍ତୋଷ ଲାଗି ରହିଛି । ଏହି ପରିସ୍ଥିତରେ ନୋଳିଆ ସାହି ଗ୍ରାମରେ ଟ୍ରେଞ୍ଚ ଖୋଳିବା ପାଇଁ ଗ୍ରାମ ବାହାରର କେତେକ ଯୁବକଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି । ସେମାନେ କାର୍ଯ୍ୟ କରିବା ବେଳେ ଗ୍ରାମବାସୀମାନେ ଏହାର ବିରୋଧ କରିଛନ୍ତି । ପ୍ରଶାସନ ପାନବରଜ ଭତ୍ତା ପ୍ରଦାନ ନ କରିବାଯାଏ ପୋସ୍କୋ ର ସମସ୍ତ କାର୍ଯ୍ୟକୁ ସେମାନେ ବିରୋଧ କରିବେ ବୋଲି ପୂର୍ବରୁ ପ୍ରଶାସନକୁ ଜଣାଇଛନ୍ତି । ଏ ପରିସ୍ଥିତିରେ ନୋଳିଆସାହି ନିକଟବର୍ତ୍ତୀ ପୋଲାଙ୍ଗ ଠାରେ କେତେକ ଯୁବକ ଟ୍ରେଞ୍ଚ୍ ଖୋଳା କାର୍ଯ୍ୟ ଚଳାଇଥିଲେ । ପୋସ୍କୋର କର୍ମଚାରୀ ଦୈପାୟନ ଦେ ଏବଂ ପ୍ରେମାନନ୍ଦ ବେଉରା ଏହାକୁ ଅନୁଧ୍ୟାନ କରି କାର୍ଯ୍ୟସ୍ଥଳରୁ ଫେରୁଥିବାବେଳେ ନୋଳିଆସାହି ଗ୍ରାମର ଲୋକମାନେ ସେମାନଙ୍କୁ ସ୍କୁଲ ପରିସରରେ ଅଟକ ରଖିଥିଲେ । ଆଜି ଅପରାହ୍ନ ଦୁଇଟା ଠରୁ ସାଢ଼େ ତିନିଟା ପର୍ଯ୍ୟନ୍ତ ସେମାନଙ୍କୁ ଅଟକ ରଖାଯାଇଥିଲା । ଏହି କର୍ମଚାରୀମାନେ ପରବର୍ତ୍ତୀ ସମୟରେ ଆଉ ନୋଳିଆସାହି ଅଞ୍ଚଳକୁ ଆସିବେ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ସେମାନଙ୍କୁ ମୁକ୍ତ କରାଯାଇଥିଲା । ଏହି ଘଟଣା ପରେ ଗ୍ରାମବାସୀ ଏକାଠି ହୋଇ ପୋସ୍କୋର ସମସ୍ତ କାର୍ଯ୍ୟକୁ ବିରୋଧ କରିବାକୁ ନିଷ୍ପତ୍ତି ଗ୍ରହଣ କରିଥିବା ଗ୍ରାମର ମୁରବି ପୂର୍ବତନ ସମିତି ସଭ୍ୟ ଜୀବନଲାଲ ବେହେରା ପ୍ରକାଶ କରିଛନ୍ତି ।

# ଜମିହରା ଆଦିବାସୀଙ୍କ ଉପରେ ପୁଲିସର ଲାଠିମାଡ଼

## ୨୦ରୁ ଉର୍ଦ୍ଧ୍ୱ ଆହତ, ୧୩ ଗିରଫ, ବଲାଣିରେ ଉତ୍ତେଜନା



ବଡବିଲ,୨୬।୭(ଇମିସ): ବଲାଣିସ୍ଥିତ ସେଲ କମ୍ପାନି ଦ୍ୱାରା ଜମିହରା ଆଦିବାସୀ ଶ୍ରମିକ ସ୍ଥାୟୀ ନିଯୁକ୍ତି ଓ କ୍ଷତିପୂରଣ ଦାବିରେ ଆନ୍ଦୋଳନ ଚାଲୁ ରଖିଛନ୍ତି । ଗତ ୨୩ ତାରିଖରେ ଶ୍ରମିକ ନେତା ରେୟାଜ ମହମ୍ମଦ ଲତିଫଙ୍କୁ ପ୍ରଶାସନ ଗିରଫ କରିବା ପରେ ମଧ୍ୟ ଆନ୍ଦୋଳନ ଥମିନାହିଁ । ଆଜି ପ୍ରଶାସନ ୩ ପ୍ଲାଟୁନ୍ ଫୋର୍ସ ନେଇ ଆନ୍ଦୋଳନରେ ବସିଥିବା ଶତାଧିକ ଆଦିବାସୀ ପୁରୁଷ ଓ ମହିଳାଙ୍କ ଉପରେ ଅତର୍କିତ ଲାଠିମାଡ କରିବା ଫଳରେ ୨୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି । ଆନ୍ଦୋଳନକାରୀଙ୍କ ମଧ୍ୟରେ ଶ୍ରୀମତୀ ନାଏକ, ନିରଂଜନ ନାଏକ, ସୁଦାନ ମୁଣ୍ଡା, ସାବନୀ ନାଏକ, ସାବିତ୍ରୀ ବିରୁଆ, ରାଜକୁମାରୀ ନାଏକ, କୌଶଲ୍ୟା ନାଏକ, ଚମ୍ପା ମୁଣ୍ଡା, ରଘୁନାଥ ଦାସ, ଏସ୍‌କେ ପରୱେଜ, ଷ୍ଟିଫେନ୍ ମୁଣ୍ଡା, ନାଉରୁ ବିରୁଆ, ପପୁ ନାଏକ, ଜନ୍ମେଞ୍ଜୟ ନାଏକ, ମୋହନ ନାଏକ, ଶୁକଲାଲ ମୁଣ୍ଡା, ବବଲୁ ନାଏକ, ବବଲୁ ମୁଣ୍ଡା, ହେମଲତା ନାଏକ, ସବିତା ମହାକୁଡ, ସୁନାମଣି ମୁଣ୍ଡା ପ୍ରମୁଖ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି । ତେବେ ପୋଲିସର ଲାଠିଚାର୍ଜକୁ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ଚମ୍ପୁଆ ଉପଜିଲ୍ଲାପାଳ ଖଣ୍ଡନ କରିଛନ୍ତି । ଆନ୍ଦୋଳନକାରୀ ପଥର ମାଡ କରିବାରୁ ପୋଲିସ ଗାଡି କାଚ ଭାଙ୍ଗିଥିଲା ବୋଲି ଉପଜିଲ୍ଲାପାଳ କହିଛନ୍ତି । ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଲାଗିରହିଛି । ସେମାନଙ୍କ ଜମିକୁ ସେଲ କମ୍ପାନି ଫେରାଇ ଦେବାକୁ ଆନ୍ଦୋଳନକାରୀମାନେ ଦାବି କରିଛନ୍ତି । ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଚାଲୁ ରହିବ ବୋଲି ଜମିହରା ଆଦିବାସୀମାନେ ଚେତାବନୀ ଦେଇଛନ୍ତି । ଏହି ଘଟଣାରେ ୧୩ ଜଣ ଆନ୍ଦୋଳନକାରୀଙ୍କୁ ପୋଲିସ ଗିରଫ କରିଥିବା ଜଣାଯାଇଛି ।

# ଅନ୍ଧାରରେ ଡ୍ରେସିଂ, ମେଡିକାଲ୍‌ରେ ଉତ୍ତେଜନା

ଓଡ଼ଗାଁ, ୯।୭ (ଇମିସ): ରୋଗୀମାନଙ୍କୁ ସମସ୍ତ ପ୍ରକାରର ସେବା ଯୋଗାଇ ଦେବା ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟ କରଛନ୍ତି। ରୋଗୀ କଲ୍ୟାଣ ସମିତି ଜରିଆରେ ମେଡ଼ିକାଲ୍‌କୁ ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କା ଆସୁଛି। ଏହା ସତ୍ତ୍ୱେ ଡ୍ରେସିଂ ରୁମ୍‌ରେ ଅନ୍ଧାରରେ ରୋଗୀଙ୍କ ଚିକିତ୍ସା କରାଯାଉଛି। ଏହାକୁ ନେଇ ଆଜି ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ଥାନୀୟ ବୁଦ୍ଧିଜୀବୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହିତ ରୋଗୀଙ୍କ ସଂପର୍କୀୟମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି।

ସୂଚନାମୁତାବକ, ଓଡ଼ଗାଁ ମନ୍ଦିର ରୋଡ୍‌ର ଜଗବନ୍ଧୁ ଷଡ଼ଙ୍ଗୀ (୨୫) ଆଜି ଦିନ ୧୦ଟା ବେଳେ ନିଜ ରାଜ୍‌ଦୁତ୍ ମୋଟର ସାଇକେଲ୍‌ରେ ବଜାରରୁ ଘରକୁ ଫେରୁଥିବା ବେଳେ ଓଡ଼ଗାଁ ଗ୍ରାମ୍ୟବ୍ୟାଙ୍କ ନିକଟରେ ଏକ ଅଟୋ ସହ ଧକ୍କା ହୋଇ ଆହତ ହୋଇଥିଲେ। ତାଙ୍କ ମୁଣ୍ଡ ଓ ବାମ ଗୋଡ଼ରେ ଗଭୀର ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକ ତାଙ୍କୁ ଚିକିତ୍ସା ପାଇଁ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେହି ସମୟରେ ବିଦ୍ୟୁତ୍‌କାଟ୍ ହୋଇଥିବା ବେଳେ ଆର୍‌କେଏସ୍ ଅନୁଦାନରେ ଲାଗିଥିବା ଇନ୍‌ଭର୍ଟର ଯୋଗେ ଡାକ୍ତର ଓ ଫାର୍ମାସିଷ୍ଟ ବସିଥିବା ରୁମ୍‌ରେ ଲାଇଟ୍ ଓ ଫ୍ୟାନ୍ ବୁଲୁଥିଲା। ମାତ୍ର ମେଡ଼ିକାଲ୍ ଏମରଜେନସି ବେଡ୍‌ରୁମ୍ ଓ ଡ୍ରେସିଂ ରୁମ୍‌ରେ ଫ୍ୟାନ୍ କିମ୍ବା ଲାଇଟ୍ ଜଳୁ ନଥିଲା। ଶ୍ରୀ ଷଡ଼ଙ୍ଗୀଙ୍କୁ ଡ୍ରେସିଂ ରୁମ୍‌ରେ ଭର୍ତ୍ତି କରାଯାଇ ଅନ୍ଧାରରେ ତାଙ୍କ ମୁଣ୍ଡ ଓ ଗୋଡ଼ ଷ୍ଟିଚ୍ କରାଯାଇଥିଲା। ପ୍ରଚଣ୍ଡ ଖରା ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ହେଉଥିବା ବେଳେ ରୋଗୀଙ୍କ ସେବା ପାଇଁ ଆସିଥିବା ଇନ୍‌ଭର୍ଟରରେ ଡାକ୍ତର ଓ ଫାର୍ମାସିଷ୍ଟ ଲାଇଟ୍ ଓ ଫ୍ୟାନ୍ ପବନ ତଳେ ଆରାମରେ ବସିଥିବା ଓ ଗୁଳୁଗୁଳିରେ ଅନ୍ଧାରରେ ରୋଗୀଙ୍କୁ ଚିକିତ୍ସା କରାଯିବାକୁ ନେଇ ରୋଗୀଙ୍କ ସଂପର୍କୀୟମାନେ ପ୍ରବଳ ପାଟିତୁଣ୍ଡ କରିଥିଲେ। ରୋଗୀ କଲ୍ୟାଣ ସମିତି ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ସେମାନେ ଏନେଇ ଅଭିଯୋଗ କରିବା ସହିତ ଚେତାବନୀ ମଧ୍ୟ ଦେଇଥିଲେ। ସଂପୃକ୍ତ କର୍ମଚାରୀ ସନ୍ତୋଷଜନକ ଉତ୍ତର ଦେଇ ନପାରିବାରୁ ମେଡ଼ିକାଲ୍ ପରିସରରେ କିଛି ସମୟ ଉତ୍ତେଜନା ଲାଗି ରହିଥିଲା। ରୋଗୀ କଲ୍ୟାଣ ସମିତିର ଅର୍ଥ ରୋଗୀଙ୍କ କାମରେ ନ ଲାଗି ତାର ଦୁରୁପଯୋଗ କରାଯାଉଥିବା ସେମାନେ ଅଭିଯୋଗ କରିଛନ୍ତି। ଏଦିଗରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଏବଂ ଜିଲ୍ଲାପାଳ ତୁରନ୍ତ ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି।

# ଜଙ୍ଗଲ ଜମି ଅଧିକାର ଦେବାରେ ଜାଲିଆତି

ସମ୍ବଲପୁର,୧୫/୭(ଇମିସ): ଜଙ୍ଗଲ ଅଞ୍ଚଳରେ ବସବାସ କରି ଜୀବିକା ନିର୍ବାହ କରୁଥିବା ଅନୁସୂଚିତ ଜାତି ଓ ଜନଜାତି ସଂପ୍ରଦାୟ ତଥା ଆଦିମ ଅଧିବାସୀର ଭୂମିହୀନ ପରିବାରର ଜୀବିକା ନିର୍ବାହକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଜଙ୍ଗଲ ଜମି ଅଧିକାଇ ଆଇନ-୨୦୦୬ ବଳରେ ଜମି ପ୍ରଦାନର ବ୍ୟବସ୍ଥା କରାଗଲା। ସମ୍ବଲପୁର ଜିଲ୍ଲାରେ କିଛୁ ହିତାଧିକାରୀମାନଙ୍କୁ ପ୍ରଦାନ କରାଯାଇଥିବା ଜମିରେ ବ୍ୟାପକ ଜାଲିଆତି ହୋଇଥିବା ସୂଚନା ମିଳିଛି। ରୟତି ଜମିରୁ ଜଙ୍ଗଲ ଜମି ପଟ୍ଟା ଭାବେ ଜମି ପ୍ରଦାନ କରାଯାଇଥିବାରୁ ପ୍ରକୃତ ପଟ୍ଟାଧାରୀମାନେ ଏବେ ଚିନ୍ତାରେ ପଡିଯାଇଥିବା ପ୍ରକାଶ କରିଛନ୍ତି। ସମ୍ବଲପୁର ଜିଲ୍ଲାର ଜମନକିରା ତହସିଲର କୁଟାରିମାଲ୍ ମୌଜାରେ ଏପ୍ରକାର ହେରଫେର ହୋଇଥିବା ତଥ୍ୟ ପର୍ଦାଫାଶ୍ ହୋଇଛି। ଏ ପ୍ରକାରା ଜାଲିଆତି ପଛରେ କାହାର ହାତ ଅଛି ଏବଂ କାହା ସ୍ୱାର୍ଥରେ କରାଯାଇଛି ତାହା ତଦନ୍ତ ସାପେକ୍ଷ ବୋଲି ଝାଙ୍କରପାଲି ପଞ୍ଚାୟତର ସମିତିସଭ୍ୟ ସନାତନ ମିର୍ଧା ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସି ଦାବି କରିଛନ୍ତି।

ଜଙ୍ଗଲ ଜମି ଅଧିକାର ଆଇନ-୨୦୦୬ ଅନୁଯାୟୀ ସମ୍ବଲପୁର ଜିଲ୍ଲାର ଜମନିକରା ତହସିଲ ଅଞ୍ଚଳରେ ହିତାଧିକାରୀମାନଙ୍କୁ ଚିହ୍ନଟ କରାଯାଇ ୨୦୦୯ ମସିହାରେ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଗଲା। ଏଥିରେ ଶତାଧିକ ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ କରାଯାଇଛି। ତେବେ ପ୍ରଦତ୍ତ ଜମି ପଟ୍ଟାରୁ ଅନେକ ଜଙ୍ଗଲ ଜମି ବଦଳରେ ରୟତି ଜମିରୁ ପ୍ରଦାନ କରାଯାଇଥିବା ସୂଚନା ଅଧିକାର ଆଇନ ତଥ୍ୟ ଅନୁସାରେ ଜଣାପଡିଛି। ଝାଙ୍କରପାଲି ପଞ୍ଚାୟତର ସମିତିସଭ୍ୟ ସନାତନ ମିର୍ଧାଙ୍କୁ ସୂଚନା ଅଧିକାର ଆଇନରେ ହସ୍ତଗତ ହୋଇଥିବା ତଥ୍ୟ ଅନୁସାରେ କୁଟାରିମାଲ ମୌଜାର ୬ ଜଣଙ୍କ ରୟତି ଜମିରୁ ୨ ଏକର ୧୮ ଡିସିମିଲ୍ ଜମି ଜଙ୍ଗଲ ଜମି ପଟ୍ଟା ଆକାରରେ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଛି। ସବିଶେଷ ସୂଚନା ଅନୁଯାୟୀ କୁଟାରିମାଲ୍ ମୌଜାର ମୀନକେତନ ସୁନାନୀଙ୍କ ଖାତା ନଂ ୮୦/୯୬,ପ୍ଲଟ ନଂ ୧୨୨୩ ଅନୁସାରେ ରକ୍‌ବା ୯ ଡିସିମିଲ୍ ଜମି ରହିଥିବା ବେଳେ ଉକ୍ତ ଜମିରୁ ହାରାଚନ କିଷାନଙ୍କୁ ୨୧ ଡିସିମିଲ୍ ଜଙ୍ଗଲ ଜମି ପଟ୍ଟା ଭାବେ ପ୍ରଦାନ କରାଯାଇଛି। ସେହିପରି ଛାୟା କିଷାନଙ୍କ ଖାତା ନଂ ୪୫,ପ୍ଲଟ ନଂ ୧୦୨୧ ଅନୁଯାୟୀ ରକ୍‌ବା ୮ ଡିସିମିଲ୍ ଥିବା ବେଳେ

- ■ ରୟତି ଜମିରୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ
- ■ ୬ ପଟ୍ଟାଧାରୀଙ୍କ ୨.୩୮ରୁ ଦିଆଯାଇଛି ୨.୧୮ ଡିସିମିଲ୍
- ■ ବଳକା ଜମିର ଖୋଜଖବର ନାହିଁ

ମୋହନ କିଷାନଙ୍କୁ ୧୯ ଡିସିମିଲ୍; ଦିଗା କିଷାନଙ୍କ ଖାତା ନଂ ୨୩,ପ୍ଲଟ ନଂ ୩୨୩ ଅନୁସାରେ ୧.୩୮ ଡିସିମିଲ୍ ଜମିରୁ ସାଧୁ ପିଙ୍ଗୁଙ୍କୁ ୧.୪୪ ଡିସିମିଲ୍; ଧ୍ରୁବରାଜ ଗୌଡଙ୍କ ଖାତା ନଂ ୨୫ ପ୍ଲଟ ନଂ ୧୨୫୬ ଅନୁସାରେ ୧୧ ଡିସିମିଲ୍ ଜମିରୁ ୧୪ ଡିସିମିଲ୍; ଇଶ୍ୱର ନାଗଙ୍କ ଖାତା ନଂ ୫ ପ୍ଲଟ ନଂ ୯୬୯ ଅନୁସାରେ ୧୫ ଡିସିମିଲ୍ ଜାଗାରୁ ୧୨ ଡିସିମିଲ୍;ଶୋଭାରାମ୍ ପଟେଲଙ୍କ ଖାତା ନଂ ୭୮ ପ୍ଲଟ୍ ନଂ ୫୪୪ ଅନୁସାରେ ୫୭ ଡିସିମିଲ୍ ଜମିରୁ ୮ ଡିସିମିଲ୍ ଜମି ସାଧୁ ପିଙ୍ଗୁଙ୍କୁ ଜଙ୍ଗଲ ଜମି ପଟ୍ଟାରେ ପ୍ରଦାନ କରାଯାଇଛି। ଏପରିକି ଶୋଭାରାଣୀ ପଟେଲ୍ ଝାରସୁଗୁଡା ଜିଲ୍ଲାର କୋଲାବିରା ବ୍ଲକର ରେଙ୍ଗାଲିପାଲି ଗ୍ରାମ ବାସିନ୍ଦା ହୋଇଥିବା ବେଳେ ତାଙ୍କ ଜମିକୁ କୁଟାରିମାଲ୍‌ର ହିତାଧିକାରୀ ସାଧୁ ପିଙ୍ଗୁଙ୍କୁ ପ୍ରଦାନ କରାଯାଇଛି। ରୟତି ଜମି ପଟ୍ଟାଧାରୀଙ୍କ ଉପରୋକ୍ତ ଖାତା ଓ ପ୍ଲଟ ନଂ ଅନୁସାରେ ୨ଏକର ୩୮ ଡିସିମିଲ୍ ପରିମିତ ଜମି ରହିଥିବା ବେଳେ ସେଥିରୁ ୨ ଏକର ୧୮ ଡିସିମିଲ୍ ଜମି ଜଙ୍ଗଲ ଜମି ଅକାରରେ ପ୍ରଦାନ କରାଯାଇଛି। ଗତ ୨୦୦୯ ଜୁନ୍ ମାସ ୩୦ ତାରିଖରେ ଜମନକିରା ତହସିଲ୍ ଅଫିସରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉପରୋକ୍ତ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଥିଲା। ତେବେ କେଉଁ ନିୟମକୁ ଆଧାର କରି ରୟତି ଜମିରୁ ଜଙ୍ଗଲ ଜମି ପଟ୍ଟାରେ ପ୍ରଦାନ କରାଗଲା ତାହା ସାଧାରଣରେ ଆଶ୍ଚର୍ଯ୍ୟ ଚକିତ କରିଛି। ଅନ୍ୟପଟେ ପ୍ରକୃତ ପଟ୍ଟାଧାରୀଙ୍କ ଥିବା ମୋଟ୍ ଜମିର ପରିମାଣରୁ ଅଧିକ ଜମି ଆସିଲା କୁଆଡେ ବୋଲି ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ତଦନ୍ତରୁ ଜଣାପଡିଛି ଯେ ପ୍ରକୃତ ପଟ୍ଟାଧାରୀଙ୍କ ଜମିରୁ ବଳକା ଦିଆଯାଇଥିବା ଜମି ବିଷୟରେ ସରକାରୀ ଦଲିଲ୍‌ରେ ମଧ୍ୟ କୌଣସି ସୂଚନା ନାହିଁ। ଏବେ ପ୍ରକୃତ ପଟ୍ଟାଧାରୀମାନେ ଉପରୋକ୍ତ ଜମି ଗୁଡିକ ଦଖଲରେ ରଖି ଚାଷ କରୁଥିବା ବେଳେ ଜଙ୍ଗଲ ଜମି ହିତାଧିକାରୀମାନେ ଜଳକା ହୋଇ ଚାହିଁ ରହିଛନ୍ତି। ଏପରି ହେରଫେର୍ ପଛରେ ରହସ୍ୟ କଣ ରହିଛି ତାହା ଅଞ୍ଚଳବାସୀଙ୍କ ପାଇଁ ପ୍ରମୁଖ ଚର୍ଚ୍ଚାର ବିଷୟ ହୋଇଛି। ଜଙ୍ଗଲ ଜମି ସର୍ଭେ ବେଳେ ସାମିଲ ଥିବା ରାଜସ୍ୱ ବିଭାଗର ପଦାଧିକାରୀଙ୍କ ସଂପୃକ୍ତି ଏହି ଜାଲିଆତିରେ ଥିବା ସନ୍ଦେହ କରାଯାଉଛି। ରୟତି ଜମିରୁ ଜଙ୍ଗଲ ଜମି ପଟ୍ଟା ଦିଆଯାଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅନେକ ପ୍ରଶ୍ନ ଉଠୁଛି। ତୁରନ୍ତ ଏ ନେଇ ତଦନ୍ତ କରାଯାଇ ବେଆଇନ କାର୍ଯ୍ୟରେ ଲିପ୍ତଥିବା କର୍ମଚାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ମିର୍ଧା ଜିଲ୍ଲାପାଳଙ୍କ ଠାରେ ଲିଖିତ ଭାବେ ଜଣାଇଛନ୍ତି। ତେବେ ଆଜିର ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜିଲ୍ଲାପାଳ ଅନୁପସ୍ଥିତ ଥିବା ବେଳେ ଡେପୁଟି କଲେକ୍ଟର ଏମର୍ଜେନସି ନିହାର ରଂଜନ ଦାଶ ଏହାର ଶୁଣାଣି କରି ଜିଲ୍ଲା ମଙ୍ଗଳ ଅଧିକାରୀ ଏବଂ ଜମନକିରା ତହସିଲଦାରଙ୍କ ଦ୍ୱାରା ମିଳିତ ତଦନ୍ତ କରାଯାଇ ଅଭିଯୋଗ ସତ୍ୟ ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ପ୍ରକାଶ।

ଉଲ୍ଲେଖ ଯୋଗ୍ୟ ଯେ, ଜମି ମାମଲାକୁ ନେଇ ରାଜ୍ୟର ଅନେକ ସ୍ଥାନରେ ଗଣ୍ଡଗୋଳର ସୂତ୍ରପାତ ହୋଇ ପରିଣତି ଜୀବନହାନୀ ପର୍ଯ୍ୟନ୍ତ ଯାଉଛି। ଏହି କ୍ଷେତ୍ରରେ ମଧ୍ୟ ସରକାର କୁଟାରିମାଲ୍ ମୌଜାରେ ଝଗଡାର ମଂଜି ପୋତି ଦେଇଛନ୍ତି।

# ଶ୍ରମିକଙ୍କ ଟଙ୍କା ଅଳିଆ ଗଦାରେ

- **ଅଢ଼େଇ ହଜାର ଚେକ୍ ଫିଙ୍ଗିଦେଲା ଶ୍ରମ ବିଭାଗ**
- **୫୦୦ରୁ ଅଧିକ ଚେକ୍‌ର ଅବଧି ସରିଲାଣି**
- **କୋଟି କୋଟି ଟଂକା ବରବାଦ୍**
- **ନିର୍ମାଣ ଶ୍ରମିକଙ୍କ ପେଟକୁ ଲାତ**

ଭୁବନେଶ୍ୱର, ୨୫/୭(ଇ.ମି.ସ): ନିର୍ମାଣ ଶ୍ରମିକଙ୍କ ପାଇଁ ସେସ୍ ଆଦାୟ ହେଲା। ବିଭିନ୍ନ ସଂସ୍ଥା ସେସ୍ ବାବଦ ଅର୍ଥ ଚେକ୍‌ରେ ପୈଠ କଲେ। ଏସବୁ ଚେକ୍ ପହଞ୍ଚିଲା ଓଡିଶା କୋଠାବାଡ଼ି ଓ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡରେ। ହେଲେ ସରକାରୀ ବାବୁମାନେ ଏ ଚେକ୍ କୌଣସି ବ୍ୟାଙ୍କରେ ଜମା କଲେନି। ଫିଙ୍ଗି ଦିଆଗଲା କାର୍ଯ୍ୟାଳୟର ଆଲମାରି କୋଣକୁ। ଗୋଟିଏ କି ଦୁଇଟି ନୁହେଁ, ଏଭଳି ହଜାର ହଜାର୍ ଚେକ୍ ଏବେ ଉଦ୍ଧାର କରିଛି ଶ୍ରମ ବିଭାଗ। ଉଦ୍‌ବେଗର ବିଷୟ ହେଉଛି, ନିର୍ମାଣ ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ଏହି ଚେକ୍ ମଧ୍ୟରୁ ଅନେକ ଇତିମଧ୍ୟରେ ଅକାମୀ ହୋଇଗଲେଣି। ଏଭଳି ଅଭାବନୀୟ ଘଟଣାର ଅବଧି ସପ୍ତାହେ ବା ମାସକର ନୁହେଁ। ଗତ କିଛି ମାସ ଧରି ଏଭଳି କାରନାମା ଚାଲିଥିଲା ଶ୍ରମ ବିଭାଗ ଅଧୀନରେ ଥିବା ଓଡିଶା କୋଠାବାଡ଼ି ଓ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡରେ। ନା ଶ୍ରମ ଆୟୁକ୍ତ କେବେ ଏ ସଂପର୍କରେ ଛାନ୍‌ଭିନ୍ କରିଛନ୍ତି ନା ବୋର୍ଡ କର୍ମକର୍ତ୍ତା। ଏବେ ଘଟଣା ପଦାକୁ ଆସିବା ପରେ ଏହାର ଗମ୍ଭୀରତାକୁ ଉପଲବ୍ଧି କରି ବିଭାଗୀୟ ଶାସନ ସଚିବ ଜଣେ ଉପ ଶ୍ରମ କମିସନରଙ୍କ ସମେତ ୩ଜଣଙ୍କୁ ନିଲମ୍ବିତ କରିଛନ୍ତି। ଅର୍ଥ ବିଭାଗ ମଧ୍ୟ ସମାନ୍ତରାଳ ଭାବେ ଅଡିଟ୍ ଆରମ୍ଭ କରିଛି।

ରାଜ୍ୟ ସରକାର ନିୟମ କରିଛନ୍ତି, କୋଠାବାଡ଼ି ଆଦି ନିର୍ମାଣ କ୍ଷେତ୍ରରେ ଯେତିକି ଅର୍ଥ ବ୍ୟୟ ହେବ, ସଂପୃକ୍ତ ବ୍ୟକ୍ତି ବା ସଂସ୍ଥା ତାର ୧ ପ୍ରତିଶତ ନିର୍ମାଣ ଶ୍ରମିକଙ୍କ ପାଇଁ ସେସ୍ ଆକାରରେ ଦେବାକୁ ପଡ଼ିବ। ରାଜ୍ୟ କୋଠାବାଡ଼ି ଓ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡରେ ପଂଜୀକୃତ ନିର୍ମାଣ ଶ୍ରମିକଙ୍କୁ ଏହି ଅର୍ଥ ପ୍ରଦାନ କରାଯିବ। ମୃତ୍ୟୁ, ଦୁର୍ଘଟଣା, ପେନସନ୍,ସ୍ୱାସ୍ଥ୍ୟ ଖର୍ଚ୍ଚ, ସନ୍ତାନଙ୍କ ଶିକ୍ଷା, ଦକ୍ଷତା ବୃଦ୍ଧି ଆଦି ବାବଦରେ ଏ ଅର୍ଥ ସେମାନଙ୍କୁ ଦିଆଯିବ।

ନିୟମତଃ, ଏହି ସେସ୍ ବାବଦରେ ବିଭିନ୍ନ ସଂସ୍ଥା ଦେଇଥିବା ଅର୍ଥ (ଚେକ୍) ଆଦାୟ ପରେ ବ୍ୟାଙ୍କରେ ଜମା ହେବା କଥା। ମାତ୍ର କେଉଁ ବ୍ୟାଙ୍କରେ ଜମା କରାଯିବ, ସେ ନେଇ ବିବାଦ ଦେଖାଦେଲା। ପରିଣାମ ହେଲା, ଅଧିକାରୀମାନେ ସେସ୍ ବାବଦରେ ଆସିଥିବା ଚେକ୍‌କୁ ଜମା କରିବା ବଦଳରେ ଆଲମାରିରେ ଫିଙ୍ଗିଦେଲେ। ନା କ୍ୟାସ୍ ବୁକ୍ ଲେଖା ହେଲା ନା ଏ ଚେକ୍ ବ୍ୟାଙ୍କରେ ଜମା କରାଗଲା। ନିର୍ମାଣ ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ କଲ୍ୟାଣ ବୋର୍ଡରେ ଏଭଳି ଭାବେ ପଡିରହିଲା ହଜାର ହଜାର ଚେକ୍। ଯେଉଁ ଚେକ୍‌ରେ ନିର୍ମାଣ ଶ୍ରମିକଙ୍କ ପାଇଁ ବିଭିନ୍ନ ସଂସ୍ଥା କୋଟି କୋଟି ଟଙ୍କା ପ୍ରଦାନ କରିଥିଲେ।

ଏବେ ଖବର ପଦାକୁ ଆସିବା ପରେ ଶ୍ରମ ବିଭାଗ ଶାସନ ସଚିବ ସିଟିଏମ ସୁଗୁଣା ଅଚାନକ କାର୍ଯ୍ୟାଳୟ ଉପରେ ଚଢ଼ାଉ କଲେ। ଦେଖାଗଲା, ଗୋଟିଏ କି ଦୁଇଟି ନୁହେଁ, ପାଖାପାଖି ଅଢ଼େଇ ହଜାର ଚେକ୍ ଅଧିକାରୀମାନେ ବ୍ୟାଙ୍କରେ ଜମା କରିବା ବଦଳରେ ଖୋଲାରେ ଫିଙ୍ଗିଦେଇଛନ୍ତି। କ୍ୟାସ ବୁକ୍‌ରେ ମଧ୍ୟ ଏ ଅର୍ଥ ଉଠା ଯାଇନାହିଁ। ଗତ ନଭେମ୍ବର ମାସରୁ କ୍ୟାସ ବୁକ୍ ଲେଖାଯାଉନାହିଁ। ଏଥିମଧ୍ୟରୁ ୫ଶହରୁ ଅଧିକ ଚେକ୍ ଅକାମୀ ହୋଇଗଲେଣି। କିଛି ଚେକ୍‌ରେ ସଂସ୍ଥାମାନେ କୋଟି କୋଟି ଟଙ୍କା ଦେଇଥିଲେ। ବିଭାଗୀୟ ଶାସନ ସଚିବ ଜଣେ ଡେପୁଟି ଲେବର କମିସନର ଦୀନବନ୍ଧୁ ଅଧିକାରୀ, ଆସିଷ୍ଟାଣ୍ଟ ଲେବର କମିସନର ଘାସିରାମ ଟୁଡୁ ଓ ସହକାରୀ → ୯

# ଶ୍ରମିକଙ୍କ ଟଙ୍କା ...

କର୍ମଚାରୀ ଗୋବର୍ଦ୍ଧନ ଦାସଙ୍କୁ ନିଲମ୍ବିତ କରିଛନ୍ତି । ବାସ୍ତବରେ କେତେ ଟଙ୍କାର ଚେକ୍ ଏଭଳି ପିଙ୍ଗିଦିଆଯାଇଥିଲା, ନିର୍ମାଣ ଶ୍ରମିକ କେତେ କ୍ଷତି ସହିଲେ, ଏ ଅନିୟମିତତାର ଆକାର ଜାଣିବା ଲାଗି ଅର୍ଥବିଭାଗ ପକ୍ଷରୁ ଅଡିଟ୍ ଆରମ୍ଭ ହୋଇଛି ।

ଅନ୍ୟପକ୍ଷରେ ସୂଚନା ମିଳିଛି, ବିଭିନ୍ନ ଜିଲ୍ଲାରେ ପଡ଼ିରହିଥିବା ଆହୁରି ଶହ ଶହ ଚେକ୍ ଏବେ ଏହି ଚଢ଼ାଉ ପରେ ବୋର୍ଡ ନିକଟରେ ପହଞ୍ଚିଛି । ଏସବୁ ଚେକ୍ ଜିଲ୍ଲାସ୍ତରରେ ଚାପି ରଖିଦିଆଯାଇଥିଲା । ବାସ୍ତବରେ କାହା ସ୍ୱାର୍ଥରେ ନିର୍ମାଣ ଶ୍ରମିକଙ୍କ ପାଇଁ ଆସୁଥିବା କୋଟି କୋଟି ଟଙ୍କା ହଜାଇ ଦେବା ଲାଗି ଉପକ୍ରମ କରାଯାଇଥିଲା, ଏହାର କିଙ୍ଗପିନ୍ କିଏ, ସେ ନେଇ ପ୍ରଶ୍ନ ଉଠିଛି ।

କେବଳ ସେତିକି ନୁହେଁ, ଏ ଟଙ୍କା ଜମା କରାଯାଇଥିଲେ ଯେଉଁ ସୁଧ ମିଳିଥାନ୍ତା, ତାହା ଶ୍ରମିକଙ୍କ କଲ୍ୟାଣ କାମରେ ଲାଗିଥାନ୍ତା । ଏବେ ଏ ବାବଦରେ ସଂସ୍ଥା ଯେଉଁ ଅର୍ଥ ହରାଇଲା, ତାହା କାହା ପକେଟ୍‌ରୁ ଭରଣା କରାଯିବ, ତାହା ତଦନ୍ତ ସାପେକ୍ଷ । ସେହିଭଳି ତତ୍କାଳୀନ ଶ୍ରମ ଆୟୁକ୍ତ ହେମନ୍ତ ଶର୍ମା ଏ ଘଟଣା ସଂପର୍କରେ କିଭଳି ଜାଣିପାରିଲେ ନାହିଁ, ନା ସମସ୍ତଙ୍କ ସଲାସୁତୁରାରେ ଏ କେଳେଙ୍କାରୀର ମଂଜି ବୁଣାଯାଇଥିଲା, ତାହା ଏବେ ସବୁ ମହଲକୁ ଆନ୍ଦୋଳିତ କରୁଛି । ବର୍ତ୍ତମାନର ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ନିଲମ୍ବନକୁ ସ୍ୱୀକାର କରୁଥିଲେ ହେଁ ଘଟଣା ସଂପର୍କରେ ମୁହଁ ଖୋଲିବାକୁ ନାରାଜ ।

ସେପଟେ ବିଭାଗ ନୋଟିସ ଜାରିକରିଛି ଯେ ଏଣିକି ଯେଉଁ ଦିନ ସେସ୍ ଆଦାୟ ହେବ, ସେ ଦିନ ଷ୍ଟେଟବ୍ୟାଙ୍କରେ ସଂପୃକ୍ତ ଅଧିକାରୀ ଜମା କରିବାକୁ ବାଧ୍ୟ । ଚେକ୍ ବଦଳରେ ସେସ୍ ଅର୍ଥ ଡ୍ରାଫ୍ଟରେ ଆଦାୟ ଲାଗି ବି ବିଭାଗ ନିର୍ଦ୍ଦେଶ ଦେଇଛି । ଯେଉଁସବୁ ଚେକ୍ ଅକାମୀ ହୋଇଯାଇଛି, ସେସବୁକୁ କାର୍ଯ୍ୟକ୍ଷମ କରାଇ ତୁରନ୍ତ ବ୍ୟାଙ୍କରେ ଜମା କରିବା ଲାଗି ମଧ୍ୟ ବିଭାଗ ନିର୍ଦ୍ଦେଶ ଦେଇଛି ।

# କଳିଙ୍ଗନଗରରେ ଅନାହାର ମୃତ୍ୟୁ ଅଭିଯୋଗ

## ଶବ ପଡ଼ିଛି ରାସ୍ତା କଡ଼ରେ

ସୁକିନ୍ଦା,୨୫/୭(ଇମିସି): ରାଜ୍ୟର ଶିଳ୍ପ ରାଜଧାନୀ କୁହାଯାଉଥିବା କଳିଙ୍ଗନଗରର ଛାତି ଉପରେ ଆଜି ଜଣେ ଅନାହାରରେ ମୃତ୍ୟୁ ବରଣ କରିଛନ୍ତି। ମୃତ ବ୍ୟକ୍ତି ଜଣକ କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖ୍ୟ ପେଣ୍ଠସ୍ଥଳୀ ଡୁବୁରୀ ଗ୍ରାମର ଚନ୍ଦ୍ରମଣି ଦାସଙ୍କ ଭେଣ୍ଡିଆ ପୁଅ ଦୁଃଖିଆ ଦାସ(୨୬)। ଗତ ୯ଦିନ ଧରି ଖାଦ୍ୟ ଅଭାବରୁ ଅନାହାରରେ ଡୁବୁରୀ ହାଟ ପଡିଆ ନିକଟସ୍ଥ ଆଦିବାସୀ ବିଶ୍ରାମାଗାରରେ ପଡ଼ି ରହିଥିଲେ। ଆଜି ତାଙ୍କର ମୃତ୍ୟୁ ଘଟିଛି। ମୃତୁ ଯୁବକ ଦୁଃଖିଆର ମାନସିକ ଭିନ୍ନକ୍ଷମ ବାପାଙ୍କୁ ଛାଡି ଦେଲେ କେହି ଅନ୍ୟ ସଂପର୍କୀୟ ନାହାନ୍ତି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଶବ ରାସ୍ତା କଡରେ ପଡି ରହିଛି। ସ୍ଥାନୀୟ ଅଞ୍ଚଳର ସ୍ୱେଚ୍ଛାସେବୀ ମାନଙ୍କ ଅଭିଯୋଗ ଅନୁଯାୟୀ ଦୁଃଖିଆ ଦୀର୍ଘଦିନ ଧରି ଅନାହାରରେ ରହିଥିବା ସ୍ଥାନୀୟ ରାଜନେତା, ଜନ ପ୍ରତିନିଧି, ପୁଲିସ, ସୁକିନ୍ଦା ବ୍ଲକ ପ୍ରଶାସନ ଓ ତହସିଲଦାରଙ୍କ ଗୋଚରରେ ଥିଲା। ନଖାଇ ନପିଇ ଗୋଟିଏ ସ୍ଥାନରେ ପଡି ପଡି ଦେହ ସାରା ଘା' ସହ ପୋକ ହୋଇ ଯାଇଥିଲା। ଏ ସଂପର୍କରେ ସେହି ଯୁବକମାନେ ସୁକିନ୍ଦା ବ୍ଲକ ପ୍ରଶାସନ, ସ୍ଥାନୀୟ ଥାନା ଓ ସୁକିନ୍ଦା ତହସିଲଦାରଙ୍କୁ ଜଣାଇ ଥିଲେ। ଖବର ପାଇ ତହସିଲଦାର ତାଙ୍କୁ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ପ୍ରାଥମିକ ଚିକିତ୍ସା କରାଇଥିଲେ। ସୁକିନ୍ଦା ମେଡିକାଲ ଦୁଃଖିଆକୁ ନାମକୁ ମାତ୍ର କେତୋଟି ସାଲାଇନ୍ ଦେଇ ଅଧିକ ଦାୟିତ୍ୱ ନେଇ ପାରିବ ନାହିଁ ବୋଲି କହି ଫେରାଇ ଦେଇଥିଲା। ପରେ ସଂପୃକ୍ତ ଯୁବକମାନେ ତାଙ୍କୁ ଦାନଗଦୀ ମେଡିକାଲକୁ ନେଇଥିଲେ। ସେମାନେ ମଧ୍ୟ ଦାୟିତ୍ୱ ନେଇ ପାରିବେ ନାହିଁ କହି କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରିବାକୁ ପରାମର୍ଶ ଦେଇଥିଲେ। ଏପଟେ ଦୁଃଖିଆର ପରିବାରରେ କେବଳ ତାଙ୍କ ପାଗଳ ବାପା ଥିବାରୁ ତାଙ୍କୁ କଟକ ନେବାକୁ କେହି ରାଜି ହେଲେ ନାହିଁ। ଫଳରେ ସଂପୃକ୍ତ ଯୁବକମାନେ ତାଙ୍କୁ ଡୁବୁରୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ବାରଣ୍ଡାରେ ଛାଡ଼ିଦେଇ ଆସିଥିଲେ। ସେଠାରେ ଦୁଃଖିଆ ୪ଦିନ ପଡିବା ପରେ କିଛି ଲୋକଙ୍କ ସାହାଯ୍ୟରେ ହାଟ ପଡିଆ ନିକଟସ୍ଥ ଅଙ୍ଗନାବାଡି କେନ୍ଦ୍ର ସମ୍ମୁଖକୁ ଆସିଥିଲା। ଅଙ୍ଗନାବାଡି କେନ୍ଦ୍ରରେ କାଳେ କିଛି ଖାଦ୍ୟ ମିଳି ଯିବ ସେ ଆଶା ଥିଲା। ହେଲେ ୩ଦିନ ଧରି ଏଠାରେ ପଡି ରହିଥିଲେ ମଧ୍ୟ କୌଣସି ସାହାଯ୍ୟ ମିଳି ନଥିଲା। ପରେ ନିକଟସ୍ଥ ଆଦିବାସୀ ବିଶ୍ରାମାଗାରରେ ପଡି ପଡି ଆଜି ସଂପୃକ୍ତ ଆଦିବାସୀ ଯୁବକଙ୍କ ମୃତ୍ୟୁ ଘଟିଛି।

All the News are collected From Odia Daily Sambad

***Compiled by – Ranjit Sutar, CSNR, VIM-489, Sailashree Vihar, Bhubaneswar -21, Odisha, Email: csnrorissa@gmail.com, Ph: 0674-2741557.***